

‘ତେରେ ଇସ୍କ ମେଁ’ ପାଇଁ ୧୫ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-157 ◆WEDNESDAY ◆3 DECEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୫୭ ◆ବୁଧବାର ◆୩ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଶେଷରେ ରାଜିହେଲେ ସରକାର

## ୯ ତାରିଖରେ ଲୋକସଭାରେ ହେବ ୧୦ ଘଣ୍ଟା ଏସ୍ଆଇଆର୍ ଆଲୋଚନା

■ ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ବହୁଚର୍ଚ୍ଚିତ ଏସ୍ଆଇଆର୍ ବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦରେ ଚାଲିଥିବା ଅଚଳାବସ୍ଥାର ଅବସାନ ହେବାକୁ ଯାଉଛି । ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଶେଷରେ ସରକାର ରାଜି ହୋଇଛନ୍ତି । ଆସନ୍ତା ଡିସେମ୍ବର ୯ ତାରିଖରେ ଲୋକସଭାରେ ଏହା ଉପରେ ୧୦ ଘଣ୍ଟା ପାଇଁ ଆଲୋଚନା ହେବ । ବିଭିନ୍ନ ଦଳର ନେତାମାନଙ୍କ ସହିତ ବୈଠକ ପରେ ସରକାର ଏହି ସୂଚନା ଦେଇଛନ୍ତି ।

ଗତକାଲି ଭଳି ଆଜି ମଧ୍ୟ ସଂସଦର ଉଭୟ ଗୃହରେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ଦାବି କରି



ବିରୋଧୀ ଦଳ ଅଚଳାବସ୍ଥା ସୃଷ୍ଟି କରିଥିଲେ । ସରକାର ଏଥିପାଇଁ ରାଜି ନହେବାରୁ ଉଭୟ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା । ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭାରେ ସୂଚନା ଦେଇଥିଲେ ଯେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ସରକାର ରାଜି ଅଛନ୍ତି । କିନ୍ତୁ ଏହାର ସମୟକୁ ନେଇ ବିରୋଧୀ ସଭ୍ୟ ଜିଦ୍ ଧରିବା ଉଚିତ ନୁହେଁ ।

ଏହାପରେ ସର୍ବଦଳୀୟ ବୈଠକ ସହିତ ଗୃହ ପରାମର୍ଶଦାତା କମିଟି ବୈଠକ ହୋଇଥିଲା । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍ଆଇଆର୍ ଉପରେ ୯ ତାରିଖରେ ▶ପୃଷ୍ଠା-୭

## ପ୍ରଧାନମନ୍ତ୍ରୀଙ୍କ ବାସଭବନ ହେଲା ‘ସେବା ତୀର୍ଥ’

■ ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ନାମକୁ କେନ୍ଦ୍ର ସରକାର ବଦଳାଇ ସେବା ତୀର୍ଥ କରିଦେଇଛନ୍ତି । ସେହିପରି ସାରା ଦେଶରେ ଥିବା ରାଜ ଭବନ କୋଠାଗୁଡ଼ିକୁ ନାମକୁ ଲୋକ ଭବନ କରିଦିଆଯାଇଛି । କେନ୍ଦ୍ରୀୟ ସଚିବାଳୟ ଏବେ କର୍ତ୍ତବ୍ୟ ଭବନ ଭାବେ ପାଲଟି ଯାଇଛି । ପିଏମଓ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସାର୍ବଜନୀନ ପ୍ରତିଷ୍ଠାନରେ ଏକ ବଡ଼ ପରିବର୍ତ୍ତନ ହେଉଛି । ଆମେ କ୍ଷମତାରୁ ସେବାକୁ ଯାଉଛୁ । ▶ପୃଷ୍ଠା-୭

# ଆଉ ଜେଲ୍ ଯିବେନି ଜୁଆଡ଼ି

## ଜେଲ ବଦଳରେ କେବଳ ୫ ହଜାର ଟଙ୍କା ଜରିମାନା

■ ଭୁବନେଶ୍ୱର, ୨।୧୨ (ସମିସ): ଜୁଆ ଖେଳ ପାଇଁ ଆଉ ଜେଲ ଯିବାକୁ ପଡ଼ିବ ନାହିଁ । ଦଣ୍ଡସ୍ୱରୂପ ୫ ହଜାର ଟଙ୍କା ଦେଇ ଅଭିଯୁକ୍ତ ମୁକୁଳି ପାରିବ । ବିଧାନସଭାରେ ଓଡ଼ିଶା ଜନ ବିଶ୍ୱାସ ବିଲ ୨୦୨୫ ଆଜି ଅନୁମୋଦନ ଲାଭ ପରେ ଖୁବ୍ ଶୀଘ୍ର ଏହି ନିୟମ ପ୍ରଚଳନ ହେବ । ଯାହାକୁ ନେଇ ବିଧାନସଭାରେ ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ । ରାଜ୍ୟ ସରକାର ଏହାକୁ ସଂସ୍କାରମୂଳକ ପଦକ୍ଷେପ ବୋଲି ଅଭିହିତ କରିଥିବା ବେଳେ



### ଜନବିଶ୍ୱାସ ବିଲ୍-୨୦୨୫କୁ ବିଧାନସଭାରେ ମଞ୍ଜୁରୀ

### ବିଲ୍‌ରେ ୧୬ ମୂଳ ରାଜ୍ୟ ଆଇନରେ ହୋଇଛି ସଂଶୋଧନ

### ‘ଜନ ବିଶ୍ୱାସ’ ନୁହେଁ ‘ଜନ ବିଶ୍ୱାସଘାତକ’ ବିଲ୍: ବିରୋଧୀ

ବିରୋଧୀ ଏହାକୁ ଜନ ବିଶ୍ୱାସ ନୁହେଁ ‘ଜନ ବିଶ୍ୱାସଘାତକ’ ବିଲ୍ ବୋଲି ଆକ୍ଷେପ କରିଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି ନୂଆ ଆଇନ ରାଜ୍ୟର ଜୁଆଡ଼ିଙ୍କୁ ଆନନ୍ଦିତ କରିଛି । ଜେଲ୍ ଦଣ୍ଡ ଉଠି ଯାଇଥିବାରୁ ଏବେ ହୋଟେଲ, କ୍ଲବ୍ ବା ଅନ୍ୟ ଯେଉଁଠି ଜୁଆ ଖେଳ ହୋଇ ପାରିବ ଓ ଲକ୍ଷଲକ୍ଷ ଟଙ୍କା ଲାଭ ବଦଳରେ ମାତ୍ର ୫ ହଜାର ଟଙ୍କା ଜୋରିମାନା ଦେଇ ମୁକୁଳିବା ବ୍ୟବସ୍ଥା ସେମାନଙ୍କୁ ଆଶ୍ୱସ୍ତ କରିଛି । ▶ପୃଷ୍ଠା-୭

### ପ୍ରଶ୍ନ ଘେରରେ ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ନିଯୁକ୍ତି

# ଶହେରୁ ୧ ରଖିଲେ ପାସ୍

■ ଭୁବନେଶ୍ୱର, ୨।୧୨ (ସମିସ): ଚର୍ଚ୍ଚାରେ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ଫଳ । ଏଥିରେ ୧୦୦ ନମ୍ବରରୁ ୧ ନମ୍ବର ରଖିଥିବା ପ୍ରାର୍ଥୀମାନେ ମୁଖ୍ୟ ପରୀକ୍ଷା ପାଇଁ ମନୋନୀତ ହେବା ପରେ ଶିକ୍ଷା ବ୍ୟବସ୍ଥାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି । କୌତୂହଳର କଥା ହେଉଛି, କେବଳ ପୂର୍ବତନ ସରକାରୀ ଚାକିରିଆଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବର୍ଗର କଟ୍‌ଅଫ୍ ବା ସର୍ବନିମ୍ନ ମାର୍କ ୩୦ ତଳକୁ ରହିଛି ।

ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଗତ ୧୬ ତାରିଖରେ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି । ଏଥିରେ ଅନୁସୂଚିତ ଜାତି (ଏସ୍‌ସି) ବର୍ଗର କଟ୍‌ଅଫ୍ ସର୍ବନିମ୍ନ ୧ ମାର୍କ ରହିଛି । ଅର୍ଥାତ୍ ୧୦୦ ନମ୍ବରରୁ ୧ ନମ୍ବର ରଖିଥିବା ପରୀକ୍ଷାର୍ଥୀ ମୁଖ୍ୟ ପରୀକ୍ଷା ଦେବା ପାଇଁ ମନୋନୀତ ହୋଇଛନ୍ତି । ତେବେ ଏସ୍‌ସି ବର୍ଗର ମହିଳା ପ୍ରାର୍ଥୀଙ୍କ

### ପୁରୁଷ-ମହିଳା ପ୍ରାର୍ଥୀଙ୍କ କ୍ଷେତ୍ରରେ ବି ତାରତମ୍ୟ

### ସର୍ବନିମ୍ନ ମାର୍କ ପାଇଁ ବେଞ୍ଚମାର୍କ ନିର୍ଦ୍ଧାରଣ ଜରୁରୀ: ବିଶେଷଜ୍ଞ

କଟ୍‌ଅଫ୍ ମାର୍କ ୨.୫ ରଖାଯାଇଛି । ଗୋଟିଏ ବର୍ଗର ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ମଧ୍ୟରେ ଏପରି ପ୍ରଭେଦ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ କଟଅଫ୍ ୨.୭୫ ଯାଇଥିବା ବେଳେ ମହିଳା ପ୍ରାର୍ଥୀଙ୍କ ୩ ରହିଛି । ଏସ୍‌ଇବିସି ପ୍ରାର୍ଥୀଙ୍କ କଟଅଫ୍ ୨୩.୫ ଏବଂ ସାଧାରଣ ବର୍ଗଙ୍କ କଟ୍‌ଅଫ୍ ୨୯ ମାର୍କ ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନୂତନ ପ୍ରାର୍ଥୀଙ୍କ ଠାରୁ ପୂର୍ବତନ ସରକାରୀ କର୍ମଚାରୀଙ୍କ କଟଅଫ୍ ଅଧିକ ଅର୍ଥାତ୍ ୩୦ ମାର୍କ ରହିଛି ।

ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସାମାଜିକ ଗଣମାଧ୍ୟମରେ ଏହାର କଟଅଫ୍ ମାର୍କ ଭାଇରାଲ୍ ହେଉଛି । ଅନେକ ଏହାକୁ ସେୟାର କରିବା ସହ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଯେଉଁ ପ୍ରାର୍ଥୀ ୧୦୦ ମାର୍କରେ ମାତ୍ର ୧ ମାର୍କ ରଖି ଚାକିରି ପାଇବେ, ▶ପୃଷ୍ଠା-୭

# ନକଲି ଔଷଧର ଡିପୋ ଓଡ଼ିଶା

### ନାମୀଦାମୀ କମ୍ପାନୀ ନାମରେ ବିକ୍ରି ହେଉଛି ନକଲି

■ ଭୁବନେଶ୍ୱର, ୨।୧୨ (ସମିସ): ବଜାରରେ ଏବେ ନାମୀଦାମୀ କମ୍ପାନୀର ପୁଳାପୁଳା ନକଲି ଏବଂ ନିମ୍ନମାନର ମେଡିସିନ ଉପଲବ୍ଧ ହେଉଛି । ଔଷଧ ଦୋକାନୀ, ଡ଼ିଲରମାନେ ଏହାକୁ ପ୍ରୋତ୍ସାହିତ କରୁଛନ୍ତି; ସାଧାରଣ ଗରିବ ରୋଗୀଙ୍କୁ ଶୋଷଣ କରୁଛନ୍ତି । ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଖୋଦ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏହାକୁ ସ୍ୱୀକାର କରିଛନ୍ତି । ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ୪ ବର୍ଷରେ ୧୬୮ଟି ନକଲି ଓ ୩୮୮ଟି ନିମ୍ନମାନର ଔଷଧ ଧରା ପଡ଼ିଥିବା ସଂକ୍ରାନ୍ତ ପ୍ରଦାନ କରିଥିବା ସୂଚନା ରାଜ୍ୟବାସୀଙ୍କୁ ହତବାକ୍ କରି ଦେଇଛି । ଭଲ କମ୍ପାନୀର ଦାମୀ ଔଷଧ ମନେକରି ଯେଉଁ ଔଷଧ ଖାଇଛନ୍ତି, ତାହା ଯେ ନକଲି ଓ ନିମ୍ନମାନର ଏ କଥା ଜାଣିବା ପରେ ରୋଗୀ ଓ ସେମାନଙ୍କ ପରିବାର ଚିନ୍ତାରେ ପଡ଼ିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମନ୍ଥର ଧରପଗଡ଼ ଯୋଗୁଁ ରାଜ୍ୟରେ ତୁଳନାତ୍ମକ ଭାବରେ ନକଲି ଓ ନିମ୍ନମାନର ଔଷଧ ଧରାପଡ଼ିଛି ।



### ୧୬୮ ନକଲି, ୩୮୮ ନିମ୍ନମାନର ଔଷଧ ଜବତ

### ବିଧାନସଭାରେ ସାଂଘାତିକ ତଥ୍ୟ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

### ଉଦ୍‌ବେଗ ପ୍ରକାଶ କଲେ ଉଭୟ ଶାସକ-ବିରୋଧୀ

ବିଧାସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗଙ୍କ ସୂଚନା ଅନୁସାରେ ୨୦୨୧-୨୨ ମସିହାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମୋଟ ୭୯ଟି ନକଲି ମେଡିସିନ ଚିହ୍ନଟ କରାଯାଇ ଜବତ ହୋଇଥିଲା ଓ ୮୩ଟି ନିମ୍ନମାନର ମେଡିସିନକୁ ମଧ୍ୟ ଜବତ କରାଯାଇଥିଲା । ୨୦୨୨-୨୩ରେ ୬୪ଟି ନକଲି ମେଡିସିନ ଏବଂ ୧୫୬ଟି ନିମ୍ନ ମାନର ମେଡିସିନ ସରକାର ଜବତ କରିଥିଲେ । ୨୦୨୩-୨୪ରେ ୧୪ଟି ନକଲି ମେଡିସିନ ଓ ୬୯ଟି ନିମ୍ନ ମାନର ମେଡିସିନ ଚିହ୍ନଟ କରାଯାଇ ଜବତ କରାଯାଇଥିଲା । ସେହିପରି ୨୦୨୪- ▶ପୃଷ୍ଠା-୭





90 YEARS TRUST IS TIMELESS | 100% Certified Natural Diamonds | Superior Quality & Excellent Cuts | Free Insurance on Diamonds | Assured Lifetime Maintenance | 100% HUID Hallmarked | 100% Exchange | Non-conflict Diamonds | Lowest Price Per Carat | Lifetime Buyback Guarantee

JHARSUGUDA : Sarbahal Road, Marwari Para

SHOWROOMS ALSO AT: BHUBANESWAR | ANGUL | BERHAMPUR | CUTTACK | PURI | ROURKELA | JAJPUR ROAD (Opening Soon)

Follow us on: 1800 3131 777 Khimjijewellers.com

# କୋଟିଏ ଦିଅ, ମୁଁ ତୁମକୁ ୧୧୨୫୦ ଭୋଟ ଦେବି

ମୁମ୍ବଇ, ୨।୧୨ (ଏଜେନ୍ସି): ମହାରାଷ୍ଟ୍ର, ହରିୟାଣା ଆଦି ନିର୍ବାଚନରେ ଭୋଟ ଚୋରି ହୋଇଛି ବୋଲି ବିରୋଧୀ ଅଭିଯୋଗ କରିଆସୁଛନ୍ତି । ଏହାକୁ ନେଇ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଜାଲିଆତି କରି ନିର୍ବାଚନରେ ବିଜେପି ବିଜୟୀ ହେଉଛି ବୋଲି କହୁଛନ୍ତି । ଏପରି ସମୟରେ ମହାରାଷ୍ଟ୍ର ଚାନ୍ଦୱାଡ ପୌର ପରିଷଦ ନିର୍ବାଚନର କିଛି ଘଣ୍ଟା ପୂର୍ବରୁ ଜାରି ଏକ ଅଡିଓ କ୍ଲିପ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ଏହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଏଥିରେ କୁହାଯାଉଛି ଯେ 'ଇଭିଏମ ମେସିନ୍ ପରିଚାଳକଙ୍କ ସହ କଥା ହୋଇସାରିଛୁ । କୋଟିଏ ଟଙ୍କା ଦେଲେ ଆମେ ତୁମକୁ ୧୧,୨୫୦ ଭୋଟ ଦେବୁ । ବିଚଳିତ କରିବା ଭଳି ଏହି ଅଫର ସାମ୍ନାକୁ ଆସିବା ପରେ ଚାନ୍ଦୱାଡରେ ରାଜନୀତି ସରଗରମ ହୋଇ ଉଠିଛି । ମେୟର ପଦ ପାଇଁ ଲଢୁଥିବା ସ୍ୱାଧୀନ ପ୍ରାର୍ଥୀ ରାକେଶ ଅହିରେ ମାମଲାର ପର୍ଦ୍ଦାଫାସ କରିଛନ୍ତି । ସେ କହିଛନ୍ତି ଯେ ଶକ୍ତି ବିଳାସ ଢୋମସେ ନାମକ ଜଣେ ବ୍ୟକ୍ତି ତାଙ୍କୁ ଫୋନ୍ କରିଥିଲା । ଟଙ୍କା ବଦଳରେ ଇଭିଏମ୍‌ରେ ଜାଲିଆତି କରି ଭୋଟ ଦେବାର ଲୋଭ ଦେଖାଇ ଥିଲା । ଏହାକ ନେଇ ସେ ଥାନାରେ ଅଭିଯୋଗ ଦାଏର କରିଥିଲେ । ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ମଧ୍ୟ ସେ ଏହାର ପ୍ରମାଣ ଦାଖଲ କରିଛନ୍ତି । ଅଡିଓ କ୍ଲିପ୍ ଭାଇରାଲ ହେବା ପରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି । ମଙ୍ଗଳବାର ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ତା ପୂର୍ବରୁ ଭାଇରାଲ ଏହି ଅଡିଓ ପ୍ରଶାସନ ସାମ୍ନାରେ ବଡ଼ ଆହ୍ୱାନ ସୃଷ୍ଟି କରିଛି । ଭାଇରାଲ ଅଡ଼ିଓରେ ଧୋମସେ ଦାବି କରିଥିଲେ ଯେ ବିଜେପିର ମେୟର ପ୍ରାର୍ଥୀ ବୈଭବ ବାଗୁଲ ନିର୍ବାଚନରେ ଠିକ୍ ୧୩,୬୪୨ ଭୋଟ ପାଇବେ । ରାକେଶ ସନ୍ଦେହ କରିବାରୁ ଢୋମସେ ଉତ୍ତରରେ କହିଥିଲେ ଯେ, ଆମେ ପୂର୍ବରୁ ଇଭିଏମ ପରିଚାଳକଙ୍କ ସହ କଥା ହୋଇସାରିଛୁ । ତେଣୁ ଗଣନା ସମ୍ପୂର୍ଣ୍ଣ ସଠିକ । ସେହି ବ୍ୟକ୍ତି ରାକେଶଙ୍କୁ ମଧ୍ୟ ସମାନ ପ୍ରସ୍ତାବ ଦେଇଥିଲେ । ଯଦି ତୁମେ କୋଟିଏ ଟଙ୍କା ଦେବ ତେବେ ତୁମ ପାଇଁ ୧୧,୨୫୦ ଭୋଟ୍ ସଂଗ୍ରହ କରାଯିବ ।




## ଇଭିଏମ୍ 'ମେସିନ ଡିଲ'ର ଅଡିଓ କ୍ଲିପ୍ ଭାଇରାଲ

# ଶ୍ରୀଲଙ୍କାକୁ ଏକ୍ସପାଏରୀ ରିଲିଫ୍ ପଠାଇଲା ପାକିସ୍ତାନ

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଶ୍ରୀଲଙ୍କାରେ ବାତ୍ୟା 'ଦିତୱା' ବିପର୍ଯ୍ୟୟ ସୃଷ୍ଟି କରିଛି । ଏହା ୩୫୦ରୁ ଅଧିକ ଲୋକଙ୍କ ଜୀବନ ନେଇଛି । ଶତାଧିକ ନିଖୋଜ ଅଛନ୍ତି । ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇଯାଇଛି । ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ଥିତିକୁ ଦେଖି ସରକାର ଏମର୍ଜେନ୍ସି ଘୋଷଣା କରିଛନ୍ତି । ଏପରି ସମୟରେ ଶ୍ରୀଲଙ୍କାକୁ ସହାୟତା କରିବା ପାଇଁ ଅନେକ ରାଷ୍ଟ୍ର ଆଗକୁ ଆସୁଛନ୍ତି । ଏହି କ୍ରମରେ ମାନବିକତା ପ୍ରଦର୍ଶନ କରି ଭାରତ ପାକିସ୍ତାନ ନିମନ୍ତେ ବାୟୁସୀମା ଖୋଲି ଦେଇଛି । ପହଲଗାମ ଆକ୍ରମଣ ପରେ ପ୍ରଥମ ଥର ପାଇଁ ଭାରତ ଏହି ପଦକ୍ଷେପ ନେଇଛି । ଶ୍ରୀଲଙ୍କାକୁ ରିଲିଫ ପଠାଇବା ପାଇଁ ପାକିସ୍ତାନ ସରକାର ଅନୁରୋଧ କରିଥିଲେ । ତେଣୁ ସୋମବାର ଦ୍ୱିପହର ଗୋଟାଏରୁ ୫ ଘଣ୍ଟା ନିମନ୍ତେ ଏଥିପାଇଁ ଅନୁମତି ଦିଆଯାଇଥିଲା । ଅନ୍ୟପଟେ ଶ୍ରୀଲଙ୍କାକୁ ରିଲିଫ୍ ସାମଗ୍ରୀ ପଠାଉଥିବା ପାକିସ୍ତାନ ପୁଣି ଏକ ଘୃଣ୍ୟ କାର୍ଯ୍ୟ କରିଛି । ଶ୍ରୀଲଙ୍କାକୁ ଅବଧି ଶେଷ ହୋଇଯାଇଥିବା (ଏକ୍ସପାଏରି) ରିଲିଫ୍ ସାମଗ୍ରୀ ପଠାଇଛି । ଏହାର ଭିଡିଓ ଏବଂ ଫଟୋ ଖୁବ ଭାଇରାଲ ହେବାରେ ଲାଗିଛି । ପ୍ରଶଂସା ପାଇଁ ପାକିସ୍ତାନ ଏହି ସାମଗ୍ରୀର ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲା । ମାତ୍ର ଏହା ଇସଲାମାବାଦର ପୋଲ ଖୋଲି ଦେଇଛି । ସୂଚନା ଅନୁଯାୟୀ ହଳଦିଆ ପ୍ୟାକେଟରେ ଥିବା ରିଲିଫ୍ ସାମଗ୍ରୀ ୨୦୨୨ ଅଗଷ୍ଟରେ ପ୍ୟାକ୍ ହୋଇଥିଲା । ୨୦୨୪ ଅଗଷ୍ଟରେ ଏହାର ବ୍ୟବହାର ଅବଧି ଶେଷ ହୋଇଥିଲା । ବର୍ଷେରୁ ଅଧିକ ଦିନ ବିତି ଯିବା ପରେ ଶ୍ରୀଲଙ୍କାକୁ ଏହି ପ୍ୟାକେଟ ପଠାଇ ପାକିସ୍ତାନ ପୁଣି ନିଜର ଅନ୍ତର୍ଜାତୀୟ ବେଇଜତି କରିଛି ।



## ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ଅନୁପ୍ରବେଶକାରୀଙ୍କୁ ରେଡ୍ କାର୍ପେଟରେ ସ୍ୱାଗତ କରିବା ଉଚିତ କି

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଭାରତରେ ରହୁଥିବା ରୋହିଙ୍ଗ୍ୟା ମୁସଲମାନଙ୍କ ଆଇନଗତ ମାନ୍ୟତା ଉପରେ ବଡ଼ ପ୍ରଶ୍ନ ଉଠାଇଛନ୍ତି । ଦେଶର ନାଗରିକ ଗରିବୀର ଶିକାର ହେଉଥିବା ବେଳେ ବେଆଇନ ଭାବେ ଭାରତରେ ଅନୁପ୍ରବେଶ କରୁଥିବା ବ୍ୟକ୍ତିଙ୍କୁ ରେଡ୍ କାର୍ପେଟରେ ସ୍ୱାଗତ କରିବା ଉଚିତ କି ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପଚାରିଛନ୍ତି । ଏକ ହେବିୟସ କର୍ପସ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି । ଏହି ଆବେଦନରେ ଦିଲ୍ଲୀ ପୁଲିସ ଉଠାଇ ନେଇଥିବା ରୋହିଙ୍ଗ୍ୟାଙ୍କ ବିଷୟରେ କୌଣସି ସୂଚନା ମିଳୁ ନ ଥିବା କୁହାଯାଇଥିଲା । ଏହା ଉପରେ ସିଜେଆଇ କହିଥିଲେ ଯେ ଯାହା ପାଖରେ ଭାରତରେ ରହିବାକୁ ଅନୁମତି ନାହିଁ ତାହାକୁ ଅନୁପ୍ରେବଶକାରୀ କୁହାଯାଏ । ଏଭଳି ଲୋକଙ୍କୁ ସବୁ ସୁବିଧା କେମିତି ଦିଆଯାଇପାରିବ । ଭାରତ ଏକ ଗରିବ ଦେଶ । ପ୍ରଥମେ ନିଜ ନାଗରିକଙ୍କ ଯତ୍ନ ନେବା ଜରୁରୀ । ବେଆଇନ ଭାବେ ସୀମା ପାର କରି ଆସିଥିବା ବ୍ୟକ୍ତି ଖାଦ୍ୟ, ବାସଗୃହ ଏବଂ ଶିଶୁଙ୍କ ପଢ଼ିବା ପାଇଁ ଅଧିକାର ମାଗିଲେ କ'ଣ କରାଯିବ । ଆଇନକୁ ଏତେ ଲମ୍ବା ଟଣା ଯାଇପାରିବ କି ବୋଲି ସୁପ୍ରିମକୋର୍ଟ ପଚାରି ଥିଲେ ।

# ବିଜେପିର ପ୍ରେମ କୁମାର ବିହାର ବାଚସ୍ପତି ନିଯୁକ୍ତ

ପାଟନା, ୨।୧୨ (ଏଜେନ୍ସି): ବିହାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଜେଡିୟୁ ବଡ଼ ଝଟ୍‌କା ଲାଗିଛି । ବିଜେପି ବିଧାୟକ ପ୍ରେମ କୁମାର ନିର୍ଦ୍ୱନ୍ଦ୍ୱରେ ବିହାରର ନୂଆ ବାଚସ୍ପତି ନିର୍ବାଚିତ ହୋଇଛନ୍ତି । ସେ ଆଜି ଶପଥ ଗ୍ରହଣ କରିଛନ୍ତି । ଏଥିପାଇଁ ନୀତୀଶ କୁମାର ଏବଂ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ତାଙ୍କୁ ବାଚସ୍ପତିଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ପ୍ରେମ କୁମାର ସୋମବାର ନାମାଙ୍କନ ଦାଖଲ କରିଥିଲେ । ତାଙ୍କ ବିରୋଧରେ ବିରୋଧୀ କାହାକୁ ପ୍ରାର୍ଥୀ କରି ନ ଥିଲେ । ଏଥିସହିତ ବିହାର ରାଜନୀତିରେ ବିଜେପିର କ୍ଷମତା ବଢ଼ି ଚାଲିଥିବାବେଳେ ଜେଡ଼ିୟୁର ହ୍ରାସ ପାଇ ଚାଲିଛି । ନୀତୀଶ ମୁଖ୍ୟମନ୍ତ୍ରୀ ହୋଇଥିଲେ ବି ସରକାରର ପ୍ରମୁଖ ପଦ ପଦବୀ ବିଜେପି ହାତରେ ରହିଛି । ଉପ-ମୁଖ୍ୟମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ପଦ ପରେ ବାଚସ୍ପତି ବି ବିଜେପି କୋଟାରୁ ହୋଇଛନ୍ତି । ବାଚସ୍ପତିଙ୍କ ପାଖରେ ଅଖଣ୍ଡ କ୍ଷମତା ଥାଏ । ପଟ୍ଟ ପରିବର୍ତ୍ତନର ପ୍ରୟାସକୁ ସେ ବିଫଳ କରିଦେଇଥାନ୍ତି । ପୂର୍ବରୁ ନୀତୀଶଙ୍କ ନାମରେ ଅନେକ ଥର ପଟ ପରିବର୍ତ୍ତନର ରେକର୍ଡ ରହିଛି ।

# ପାକିସ୍ତାନରେ ଏଡ୍‌ସ ମାମଲା ୨୦୦% ବୃଦ୍ଧି

ଇସଲାମାବାଦ, ୨।୧୨ (ଏଜେନ୍ସି): ପାକିସ୍ତାନରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି । ଏହି ଦେଶରେ ଗତ ୧୫ ବର୍ଷରେ ଏଡ୍‌ସ ମାମଲା ୨୦୦ ପ୍ରତିଶତ ବୃଦ୍ଧି ପାଇଛି । ରିପୋର୍ଟ ଅନୁଯାୟୀ, ୨୦୧୦ରେ ଏଚଆଇଭିର ୧୬ ହଜାର ନୂଆ ମାମଲା ସାମ୍ନାକୁ ଆସିଥିଲା । ୨୦୨୪ରେ ଏହା ବୃଦ୍ଧି ପାଇ ୪୮ ହଜାରରେ ପହଞ୍ଚି ଯାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ସହ ଜଡ଼ିତ ୟୁଏନଏଡସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପୂର୍ବରୁ ପାକିସ୍ତାନରେ ଏହା ହାଇ-ରିସ୍କ ଗ୍ରୁପ ମଧ୍ୟରେ ସୀମିତ ଥିଲା । କିନ୍ତୁ ଏବେ ଶିଶୁ, ପତ୍ନୀ, ଏବଂ ସାଧାରଣ ଲୋକେ ଏହାର ଶିକାର ହେଉଛନ୍ତି । ଅସୁରକ୍ଷିତ ଯୌନ ସମ୍ପର୍କ ଏହାର ମୁଖ୍ୟ କାରଣ । ସୂଚନା ଅନୁଯାୟୀ, ପାକିସ୍ତାନରେ ୩, ୫୦,୦୦୦ ବ୍ୟକ୍ତି ଏଚଆଇଭିରେ ସଂକ୍ରମିତ ହୋଇଛନ୍ତି । କିନ୍ତୁ ପ୍ରାୟ ୮୦ ପ୍ରତିଶତ ଏ ବିଷୟରେ କିଛି ଜାଣିନାହାନ୍ତି ।

# ସିବିଆଇକୁ କୋର୍ଟ ଝଟ୍‌କା

ଶ୍ରୀନଗର, ୨।୧୨ (ଏଜେନ୍ସି): ଦୀର୍ଘ ୩୫ ବର୍ଷ ପରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ଭଉଣୀ ତଥା ପୂର୍ବତନ କେନ୍ଦ୍ର ଗୃହମନ୍ତ୍ରୀ ମଫତି ମହମ୍ମଦ ସୈୟିଦଙ୍କ ଝିଅ ରୁବେୟାଙ୍କ ଅପହରଣକାରୀ ଅହମ୍ମଦ ସାଙ୍ଗଲୁକୁ ଗିରଫ କରିଛି । ତେବେ ତାକୁ ରିମାଣ୍ଡରେ ନେବା ପାଇଁ ସିବିଆଇ କରିଥିବା ଆବେଦନକୁ ଜମ୍ମୁର ଟାଡା କୋର୍ଟ ଖାରଜ କରିଦେଇଛନ୍ତି । ଏହାଦ୍ୱାରା ସିବିଆଇକୁ ବଡ଼ ଝଟ୍‌କା ଲାଗିଛି । କାରଣ ଆରୋପପତ୍ରରେ ନାମ ନ ଥିବାରୁ ତୁରନ୍ତ ସାଙ୍ଗଲୁକୁ ତୁରନ୍ତ ଛାଡ଼ିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲା ୧୯୮୯ ଡିସେମ୍ବର ୮ର । ସେତେବେଳେ ରୁବେୟାଙ୍କୁ ମୁକ୍ତି ବଦଳରେ ଆତଙ୍କବାଦୀଙ୍କୁ ଛଡ଼ା ଯାଇଥିଲା ।

# ଏବେ 'ସଂଚାର ସାଥୀ' ଝଡ଼

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ସବୁ ମୋବାଇଲ ଫୋନ୍‌ରେ ସାଇବର ସିକ୍ୟୁରିଟି ଆପ୍ 'ସଞ୍ଚାର ସାଥୀ'କୁ ପ୍ରିଇନଷ୍ଟଲ କରିବା ପାଇଁ କମ୍ପାନୀଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏକ ସଫ୍ଟୱେର ଅପଡେଟ ମାଧ୍ୟମରେ ପୁରୁଣା ଫୋନ୍‌ରେ ମଧ୍ୟ ଏହାକୁ ଇନ୍‌ଷ୍ଟାଲ କରିବାକୁ କହିଛନ୍ତି । ଏଥିପାଇଁ ୯୦ ଦିନ ସମୟ ଦେଇଥିଲେ । ତେବେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି । ସରକାରଙ୍କ ଏହି ନିଷ୍ପତ୍ତିକୁ କଂଗ୍ରେସ ସମେତ ସବୁ ବିରୋଧୀ ଦଳଗୁଡ଼ିକ

- ଗୁଇନ୍ଦାଗିରି ପାଇଁ ସରକାରୀ ଚାଲ: ବିରୋଧୀ
- ବିବାଦ ପରେ ନଇଁଲେ ସରକାର
- ଆପ୍ ହଟାଇ ପାରିବେ ବ୍ୟବହାରକାରୀ

ତୀବ୍ର ବିରୋଧ କରିଛନ୍ତି । ଏହାକୁ ଇସ୍ରାଇଲ ସ୍ପାଇୱେର ପେଗାସସର ଉନ୍ନତ ସଂସ୍କରଣ କହିଛନ୍ତି । ଏହି ଆପ୍ ଦ୍ୱାରା ସରକାର ଗୁଇନ୍ଦାଗିରି କରିବାକୁ ଚାହୁଁଥିବା ବିରୋଧୀ ଅଭିଯୋଗ କରିଛନ୍ତି । କଂଗ୍ରେସ ସାଂସଦ ପ୍ରିୟଙ୍କା ଭଦ୍ରା କହିଛନ୍ତି ଯେ ଏଭଳି ପଦକ୍ଷେପ ଗୋପନୀୟତା ଉପରେ ପ୍ରତ୍ୟକ୍ଷ ଆକ୍ରମଣ । ଏହା ଏକ ଗୁଇନ୍ଦା ଆପ୍ । ସରକାର ପ୍ରତ୍ୟେକ ନାଗରିକଙ୍କ ଉପରେ ନଜର ରଖିବାକୁ ଚାହୁଁଛନ୍ତି । ସାଇବର ଠକେଇର ରିପୋର୍ଟିଂ ପାଇଁ ବ୍ୟବସ୍ଥା ଜରୁରୀ । ମାତ୍ର ସରକାରଙ୍କ ନୂଆ ନିର୍ଦ୍ଦେଶ ବ୍ୟକ୍ତିଗତ ଜୀବନରେ ଅନାବଶ୍ୟକ ଦଖଲ ଦେବା ସହ ସମାନ ।

କଂଗ୍ରେସ ନେତା କେସି ବେଣୁଗୋପାଳ ଏହି ନିର୍ଦ୍ଦେଶକୁ ସମାଲୋଚନା କରିଥିବାବେଳେ ସାଂସଦ ରେଣୁକା ଚୌଧୁରୀ ଗୃହରେ ମୁଲତବୀ ନୋଟିସ ଦେଇଛନ୍ତି । ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ବାହାରେ ନୁହେଁ, ସଂସଦ ଭିତରେ କହିବେ ବୋଲି ଉଲ୍ଲେଖ କରିଛନ୍ତି । କଂଗ୍ରେସ ସାଂସଦ ଶଶୀ ଥରୁର କହିଛନ୍ତି ଯେ ସଞ୍ଚାର ସାଥୀ ଆପର ବ୍ୟବହାର ଇଚ୍ଛାଧୀନ ହେବା ଉଚିତ । ଯାହାର ଆବଶ୍ୟକତା ହେବ ସେ ଏହାକୁ ଡାଉନଲୋଡ କରିପାରିବେ । ଗଣତନ୍ତ୍ରରେ କୌଣସି ବିଷୟକୁ ଜୋର ଜବରଦସ୍ତି ଲାଗୁ କରିବା ଚିନ୍ତାର ବିଷୟ । ଗଣମାଧ୍ୟମ ମାଧ୍ୟମରେ ନିର୍ଦ୍ଦେଶ ଜାରି କରିବା ପରିବର୍ତ୍ତେ ଏହାକୁ ଲାଗୁ କରିବା ପଛରେ କ'ଣ କାରଣ ରହିଛି ତାହା ଲୋକଙ୍କୁ ସରକାର ଜଣାଇବା ଉଚିତ । କେସି ବେଣୁଗୋପାଳ କହିଛନ୍ତି ଯେ ଏହା ସାଧାରଣ ଲୋକଙ୍କ ଗୋପନୀୟତା ଉପରେ ପ୍ରତ୍ୟକ୍ଷ ଆକ୍ରମଣ ସହ ସମାନ । ସହାୟତା ନାମରେ ବିଜେପି ଲୋକଙ୍କ ବ୍ୟକ୍ତିଗତ ସୂଚନା ନେବାକୁ ଚାହୁଁଛି । ଭାରତରେ ଆମେ ପେଗାସସ୍ ଭଳି ମାମଲା ଦେଖିଛୁ । ବର୍ତ୍ତମାନ ଏହି ଆପ ମାଧ୍ୟମରେ ନାଗରିକଙ୍କ ଉପରେ ନଜର ରଖିବାକୁ ଚେଷ୍ଟା କରାଯାଉଛି । କଂଗ୍ରେସ ସାଂସଦ ରେଣୁକା ଚୌଧୁରୀଙ୍କ ଅନୁଯାୟୀ, ଗୋପନୀୟତା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର । ସିପିଆଇ-ଏମ୍ ସାଂସଦ ଜନ୍ ବ୍ରିଟାସ୍ କହିଛନ୍ତି ଯେ ମୋବାଇଲରେ ଏହି ଆପ୍ ଇନଷ୍ଟଲ ଲୋକଙ୍କ ଗୋପନୀୟତାର ସିଧାସଳଖ ଉଲ୍ଲଂଘନ ଏବଂ ସୁପ୍ରିମକୋର୍ଟଙ୍କ ୨୦୧୭ ରାୟ ବିରୋଧୀ । ଏହି ଆପକୁ ହଟାଯାଇପାରିବ ନାହିଁ, ଅର୍ଥାତ୍ ୧୨୦ କୋଟି ମୋବାଇଲ ଫୋନରେ ସଞ୍ଚାର ସାଥୀକୁ ବାଧ୍ୟତାମୂଳକ କରାଯାଉଛି । ଆମେ କ'ଣ କରୁଛୁ ଏବଂ କ'ଣ ଚାହୁଁଛୁ ତାହା ସରକାର ଜାଣିବାକୁ ଚାହାନ୍ତି । କଂଗ୍ରେସ ସାଂସଦ କାର୍ତ୍ତି ଚିଦମ୍ବରମ ଏହାକୁ 'ପେଗାସସ୍ ପ୍ଲସ ପ୍ଲସ' କହିଛନ୍ତି । ବଡ଼ ଭାଇ ଆମ ଫୋନ ଏବଂ ଜୀବନକୁ କବ୍‌ଜା କରିନେବ । ଏହାର କାରଣ କ'ଣ ବୋଲି କାର୍ତ୍ତି ପଚାରିଛନ୍ତି ।

ସଞ୍ଚାର ସାଥୀକୁ ନେଇ ବିବାଦ ବଢ଼ିବା ପରେ କେନ୍ଦ୍ର ପଛଘୁଞ୍ଚା ଦେଇଛି । ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ଏହି ଆପ୍‌କୁ ବାଧ୍ୟତାମୂଳକ କରାଯିବ ନାହିଁ । ବ୍ୟବହାରକାରୀ ଚାହିଁଲେ ଏହାକୁ ହଟାଇ ପାରିବେ । ଏହା ଇଚ୍ଛାଧୀନ ରହିବ । ସମସ୍ତଙ୍କୁ ଏହି ଆପ୍ ସହ ପରିଚିତ କରାଇବା ଆମର କର୍ତ୍ତବ୍ୟ । ଏହାକୁ ନିଜ ଫୋନରେ ରଖିବେ କି ନାହିଁ ତାହା ବ୍ୟବହାରକାରୀଙ୍କ ଉପରେ ନିର୍ଭର କରୁଛି ।




## ମେସେଜ, ଓଟିପି ପଢ଼ିପାରିବ ଆପ୍

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ସଞ୍ଚାର ସାଥୀ ମାଧ୍ୟମରେ ସରକାର ସାଇବର ଠକେଇ ଏବଂ ଜାଲିଆତିକୁ ରୋକିବାକୁ ଚାହୁଁଛନ୍ତି । ତେଣୁ ନୂଆ ଫୋନରେ ଏହାକୁ ବାଧ୍ୟତାମୂଳକ କରିଦେଇଛନ୍ତି । ବ୍ୟବହାରକାରୀଙ୍କ କଲ୍, ମେସେଜ ଏବଂ ହ୍ୱାଟସ୍‌ଆପ ଚାଟ୍ ରିପୋର୍ଟ କରିବାରେ ଏହା ସହାୟତା କରିବ । ଆଇଏମଇଆଇ ନମ୍ବର ଚେକ୍ କରି ଚୋରି କିମ୍ବା ହଜି ଯାଇଥିବା ଫୋନକୁ ବ୍ଲକ କରିଦେବ । ଏବେ ଦେଶରେ ୧.୨ ବିଲିୟନରୁ ଅଧିକ ମୋବାଇଲ ବ୍ୟବହାରକାରୀ ଅଛନ୍ତି । କିନ୍ତୁ ଜାଲ୍ ଆଇଏମଇଆଇ ନମ୍ବର ଯୋଗୁଁ ସାଇବର କ୍ରାଇମ ବଢ଼ିବାରେ ଲାଗିଛି । ଆଇଏମଇଆଇ ନମ୍ବରକୁ କ୍ଲୋନ କରି ଅପରାଧୀ ଟ୍ରାକ୍ ହେବାରୁ ବର୍ତ୍ତି ଯାଉଛନ୍ତି । ସଞ୍ଚାର ସାଥୀ ଆପ୍ ପୁଲିସକୁ ଡିଭାଇସ ଟ୍ରେସ କରିବାରେ ସହାୟତା ଦେବ । ସେପ୍ଟେମ୍ବର ସୁଦ୍ଧା ଏହା ମାଧ୍ୟମରେ ୨୨.୭୬ ଲକ୍ଷ ଡିଭାଇସ ଟ୍ରେସ କରାଯାଇଥିଲା । ତେବେ ବିଶେଷଜ୍ଞଙ୍କ ଅନୁଯାୟୀ, ସଞ୍ଚାର ସାଥି ଆପ୍ ଫୋନ୍‌ର ମେସେଜ ଏବଂ ଓଟିପି ପଢ଼ି ପାରିବ । ଯେବେ ଚାହିଁବ କଥା ଶୁଣି ପାରିବ । ଫୋନରେ ଥିବା ଫଟୋ, ଭିଡିଓ ମଧ୍ୟ ଦେଖିପାରିବ । ଏହି ଆପ୍‌କୁ ମୋବାଇଲର କ୍ୟାମେରା, କିବୋର୍ଡ ସ୍ପିକର, ଗ୍ୟାଲେରି, ଅଡିଓ, କଲ୍ ଲଗ, ଲୋକେସନ ଆକ୍ସେସର ଅନୁମତି ମିଳିଯିବ । ଏହାକୁ ବ୍ୟବହାରକାରୀ ବନ୍ଦ କରିପାରିବେ ନାହିଁ ।

# ଜେଲ୍‌ରେ ଇମ୍ରାନଙ୍କୁ ଭେଟିଲେ ଭଉଣୀ

ଇସାଲାମବାଦ, ୨।୧୨ (ଏଜେନ୍ସି): ହତ୍ୟା ଗୁଜବ ମଧ୍ୟରେ ଦୀର୍ଘ ଦିନ ପରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଭେଟିବା ପାଇଁ ତାଙ୍କ ଭଉଣୀ ଉଜ୍‌ମା ଖାନଙ୍କୁ ଅନୁମତି ଦିଆଯାଇଛି । ସେ ମଙ୍ଗଳବାର ରାୱଲପିଣ୍ଡିର ଆଦିୟାଲା ଜେଲ୍‌ରେ ଭାଇଙ୍କୁ ଭେଟିଛନ୍ତି । ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ଚର୍ଚ୍ଚା କରିଛନ୍ତି । ଏଠାରୁ ବାହାରିବା ପରେ ଭାଇ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସୂଚନା ଦେଇଛନ୍ତି । ସେ କହିଥିଲେ ଯେ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଠିକ୍ ଅଛି, ମାତ୍ର ସେ ବହୁତ କ୍ରୋଧିତ ଅଛନ୍ତି । ତାଙ୍କୁ ମାନସିକ ଉତ୍ପୀଡ଼ନ ଦିଆଯାଉଛି । ଏହି ସବୁ ପାଇଁ ସେନାମୁଖ୍ୟ ଅସୀମ ମୁନୀର ଦାୟୀ । କାହା ସହ ଯୋଗାଯୋଗ କରିବାକୁ ଇମ୍ରାନଙ୍କୁ ଦିଆଯାଉ ନାହିଁ । ନିଜ ସେଲ୍‌ରେ ତାଙ୍କୁ ବନ୍ଦୀ କରି ରଖାଯାଇଛି । କେବଳ କିଛି କ୍ଷଣ ପାଇଁ ବାହାରକୁ ଛଡ଼ା ଯାଉଛି । ତେବେ ଭଉଣୀମାନଙ୍କ ସହ ଚର୍ଚ୍ଚା କରି ଏ ବିଷୟରେ ଅଧିକ ସୂଚନା ଦେବେ ବୋଲି ଉଜ୍‌ମା କହିଛନ୍ତି । ସୂଚନାଯୋଗ୍ୟ ଯେ ଦୀର୍ଘ ୨୭ ଦିନ ପରେ ଇମ୍ରାନଙ୍କୁ ପରିବାର ସଦସ୍ୟ ଭେଟିଛନ୍ତି ।



# ମୁନୀରଙ୍କୁ ନେଇ ଆତଙ୍କିତ ଅବସ୍ଥାରେ ଶାହବାଜ

ଇସଲାମାବାଦ, ୨।୧୨ (ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସୀମ ମୁନୀରଙ୍କୁ ତିନି ସେନାର ସୁପ୍ରିମ ତଥା ଚିଫ୍ ଅଫ ଡିଫେନ୍ସ ଫୋର୍ସ (ସିଡିଏଫ) କରିବା ପ୍ରକ୍ରିୟା ଅଟକି ଯାଇଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ତାଙ୍କ ବାଟରେ କଣ୍ଟା ସାଜିଛନ୍ତି । ସେ ମୁନୀରଙ୍କୁ ସେନାର ସର୍ବେସର୍ବା କରିବାକୁ ଚାହୁଁ ନାହାନ୍ତି । ସେଥିପାଇଁ ସେ ନିଜକୁ ଏହି ପ୍ରକ୍ରିୟାରୁ ଦୂରେଇ ନେଇଛନ୍ତି । ସିଡିଏଫ ନିଯୁକ୍ତି ନେଇ ଗତ ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥାନ୍ତା । କିନ୍ତୁ ସରିଫ ଏହା ଚାହୁଁ ନ ଥିବାରୁ ନିର୍ଦ୍ଦେଶରେ ଏ ପର୍ଯ୍ୟନ୍ତ ସ୍ୱାକ୍ଷର କରିନାହାନ୍ତି । ଏହା ପୂର୍ବରୁ ଗତ ୨୭ ତାରିଖରେ ମୁନୀର ବାହାରିନ ଗସ୍ତରେ ପଳାଇ ଥିଲେ । ଏଠାରୁ ସେ ବିନା ପୂର୍ବର ସୂଚନାରେ ଲଣ୍ଡନ ପଳାଇ ଥିଲେ । ସୂଚନା ଅନୁଯାୟୀ, ଗତ ୧୨ ତାରିଖରେ ସେନାର କ୍ଷମତା ବୃଦ୍ଧି ପାଇଁ ପାକିସ୍ତାନ ସଂସଦରେ ୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇଥିଲା । ଏହା ଅଧିନରେ ମୁନୀରଙ୍କୁ ସିଡିଏଫ ନିଯୁକ୍ତ କରାଯାଇଥାନ୍ତା । ଏହି ପଦ ସହିତ ତାଙ୍କୁ ପରମାଣୁ କମାଣ୍ଡ ବି ମିଳିଥାନ୍ତା । ସେ ଦେଶର ସବୁଠୁ ଶକ୍ତିଶାଳୀ ବ୍ୟକ୍ତି ହୋଇଯାଇଥାନ୍ତେ । କିନ୍ତୁ ଏବେ ଏହା ଲଟକି ରହିଛି । ପାକିସ୍ତାନ ସାମ୍ବାଦିକ ଫହଦ ହୁସୈନଙ୍କ ଅନୁଯାୟୀ, ଏହା ଏକ ଗମ୍ଭୀର ଏବଂ ଗୁପ୍ତ ମାମଲା । ଏଥିପାଇଁ ଏ ପର୍ଯ୍ୟନ୍ତ ବିଜ୍ଞପ୍ତି ଜାରି ହୋଇପାରି ନାହିଁ । ଅନ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ ଆଭ୍ୟନ୍ତରୀଣ ମାମଲାର ସମାଧାନ ହୋଇପାରିନି ବୋଲି ଲାଗୁଛି । ପରଦା ପଛରେ ଟଣାଓଟରା ଲାଗି ରହିଛି । କିଛି ବିଶେଷଜ୍ଞ ଚେତାବନୀ ଦେଇଛନ୍ତି ଯେ ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ଜାରି ନ ହେବା ପର୍ଯ୍ୟନ୍ତ ମୁନୀରଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି ବୋଲି ଧରାଯିବ । ଆଇନ ବିଶେଷଜ୍ଞଙ୍କ ଅନୁଯାୟୀ, ଗତ ୨୭ ତାରିଖରେ ପୁରୁଣା ପଦବୀକୁ ରଦ୍ଦ କରିଦିଆଯାଇଥିଲା । ତେଣୁ ୨୮ କିମ୍ବା ୨୯ ତାରିଖ ମଧ୍ୟରେ ନୂଆ ବିଜ୍ଞପ୍ତି ଜାରି ହେବାର ଥିଲା । ୨୦୨୨ ନଭେମ୍ବର ୨୯ରେ ମୁନୀର ସେନା ମୁଖ୍ୟ ହୋଇଥିଲେ ।

# ସିନ୍ଦେ ଗୋଷ୍ଠୀ ଛାଡ଼ିବେ ୩୫ ବିଧାୟକ: ସଞ୍ଜୟ ରାଉତ

ମୁମ୍ବଇ, ୨।୧୨ (ଏଜେନ୍ସି): ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ସଞ୍ଜୟ ରାଉତ ବଡ଼ ଦାବି କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀ ପୁଣି ଭାଗ ଭାଗ ହେବାକୁ ଯାଉଛି ବୋଲି ସେ କହିଛନ୍ତି । ୩୫ ବିଧାୟକ ସିନ୍ଦେ ଗୋଷ୍ଠୀ ଛାଡ଼ିବାକୁ ଯାଉଛନ୍ତି । ଆମ ସହ ବିଜେପି ଯାହା କରିଥିଲା ସେଭଳି ସିନ୍ଦେ ସେନା ସହ ହେବାକୁ ଯାଉଛି । ଡିସେମ୍ବର ପରେ ଏକ ବଡ଼ ରାଜନୈତିକ ଓଲଟପାଲଟ ହେବ । ଦିଲ୍ଲୀର ଦୁଇ ପ୍ରମୁଖ ନେତା ତାଙ୍କ ପଛରେ ଅଛନ୍ତି ବୋଲି ସିନ୍ଦେ ଭାବୁଛନ୍ତି । କିନ୍ତୁ ସେମାନେ କାହା ସହ ନାହାନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସିନ୍ଦେ ଗୋଷ୍ଠୀକୁ ଧ୍ୱଂସ କରିଦେବେ । ଏହା ଶାହାଙ୍କ ପରମ୍ପରା । ସେମାନେ ଆମକୁ ଦୁଇଭାଗ କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ଆମେ ବର୍ତ୍ତି ଯାଇଥିଲୁ । ଏବେ ସିନ୍ଦେ ଗୋଷ୍ଠୀକୁ ଭାଙ୍ଗିବା ପାଇଁ ଯୋଜନା ପ୍ରସ୍ତୁତ ହୋଇସାରିଲାଣି । ଡିସେମ୍ବର ପରେ ଏହାର ସ୍ଥିତି ସ୍ପଷ୍ଟ ହୋଇଯିବ । ଏହି କାରଣରୁ ଡୋମ୍ବିଭାଲିର ରବୀନ୍ଦ୍ର ଚଭନଙ୍କୁ ବିଜେପି ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି । ସେ ରାଜନୀତି ଜାଣିଛନ୍ତି । ପଛରୁ ଛୁରା ଭୁସିବା ବିଜେପିର ରେକର୍ଡ ରହିଛି । ବାଲ୍ ଠାକରେଙ୍କ ସହ ସେମାନେ ଏପରି କରିଥିଲେ । ସିନ୍ଦେ ତାଙ୍କ ଆଗରେ କିଛି ନୁହେଁ । ସିନ୍ଦେ ଗୋଷ୍ଠୀ ପତନ ଦ୍ୱାରରେ ପହଞ୍ଚିଛି ।

## ଭାଙ୍ଗିଯିବ ବିଜେପି-ଶିବସେନା ମେଣ୍ଟ

ସ୍ଥାନୀୟ ନିର୍ବାଚନକୁ ନେଇ ଦୀର୍ଘ ଦିନ ହେଲା ମହାଯୁତି ସରକାରରେ ସାମିଲ ବିଜେପି ଏବଂ ସିନ୍ଦେ ଗୋଷ୍ଠୀର ଶିବସେନା ମଧ୍ୟରେ ବିବାଦ ଲାଗି ରହିଛି । ଚଭନ କହିଥିଲେ ଯେ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ତାଙ୍କୁ ମେଣ୍ଟ ବଜାୟ ରଖିବାକୁ ପଡ଼ିବ । ତାଙ୍କର ଏପରି ମନ୍ତବ୍ୟ ରାଜନୈତିକ ଝଡ଼ ସୃଷ୍ଟି କରିଛି । ବିଜେପି ଏବଂ ଶିବସେନା ମେଣ୍ଟ ଭାଙ୍ଗିଯିବ ବୋଲି କୁହାଯାଉଛି । ମାସେ ହେଲା ସର୍ବସାଧାରଣକୁ ଆସି ନ ଥିବା ସଞ୍ଜୟ ରାଉତ ଏହା ଉପରେ ଚିନ୍ତା ପ୍ରକଟ କରିଛନ୍ତି । ମହାରାଷ୍ଟ୍ରରେ ନିର୍ବାଚନର ସଂସ୍କୃତିକୁ ବିଜେପି ଧ୍ୱଂସ କରି ଅର୍ଥକୈନ୍ଦ୍ରିକ କରୁଥିବା ସେ ଦାବି କରିଛନ୍ତି । ରାଉତ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କ ନେତୃତ୍ୱରେ ନିର୍ବାଚନ ସମୟରେ କୋଟି କୋଟି ଟଙ୍କା ବଣ୍ଟା ଯାଇଛି । ଏହା ନିର୍ବାଚନ ସଂସ୍କୃତିକୁ ଧ୍ୱସ୍ତ କରିଦେଇଛି । ମୁଖ୍ୟମନ୍ତ୍ରୀ ଏବଂ ସରକାର ତୃଣମୂଳସ୍ତର ସହ ଜଡ଼ିତ ହେଉ ନାହାନ୍ତି ।

# 'ବ୍ରେକ୍ ଫାଷ୍ଟ'ରେ ଗଢ଼ୁଛି କର୍ଣ୍ଣାଟକ କଂଗ୍ରେସ ରାଜନୀତି

ବେଙ୍ଗାଲୁରୁ, ୨।୧୨ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସରେ ଭୂକମ୍ପ ସୃଷ୍ଟି କରିଥିବା ମୁଖ୍ୟମନ୍ତ୍ରୀ କଳିର ସମାଧାନ ପାଇଁ ପୁଣି ପୂର୍ବ ରଣନୀତି ଆପଣା ଯାଇଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ କ୍ଷମତା କନ୍ଦଳ ବ୍ରେକ ଫାଷ୍ଟରେ ଗଢ଼ୁଛି । ତେବ ଖୁବଶୀଘ୍ର କିଛି ବଡ଼ ନିଷ୍ପତ୍ତି ନିଆଯିବ ବୋଲି ଲାଗୁଛି । କାରଣ ଗତ ଚାରି ଦିନରେ ଦ୍ୱିତୀୟ ଥର 'କ୍ଷମତା ପାଇଁ ଜଳଖିଆ ବୈଠକ' ଅନୁଷ୍ଠିତ ହୋଇଯାଇଛି । ଏହି ଥର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ନିଜ ଡେପୁଟି ଡିକେଙ୍କ ଘରେ ପହଞ୍ଚିଛନ୍ତି । ୨୦୨୩ରୁ ଚାଲିଥିବା ଏହି କଳି ସମାଧାନ କରିବା ପାଇଁ ସିଦ୍ଧରମୈୟା କ୍ଷମତା ବଲ୍‌କୁ କଂଗ୍ରେସ ଉପରେ ଛାଡ଼ିଛନ୍ତି । କିନ୍ତୁ ସେ ଦେଇଥିବା ବୟାନକୁ ନେଇ ଅନିଶ୍ଚିତତା ରହିଛି । ସେ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ହାଇକମାଣ୍ଡ ଯେବେ କହିବେ ସେବେ ଶିବକୁମାର ମୁଖ୍ୟମନ୍ତ୍ରୀ ହେବେ । ଆମ ମଧ୍ୟରେ କୌଣସି ମତଭେଦ ନାହିଁ । ଉଭୟେ ଏକାଠି ହୋଇ ରାଜ୍ୟ ସରକାର ଚଳାଉଛୁ । ହାଇକମାଣ୍ଡ ଯେବେ ଡାକିବେ ଦିଲ୍ଲୀ ଯିବି । ବୁଧବାର ଏକ ବୈଠକରେ କଂଗ୍ରେସ ନେତା କେସି ବେଣୁଗୋପାଳଙ୍କୁ ଭେଟିବାକୁ ଯାଉଛି । ଏଠାରେ ଉଭୟଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି । ସେହିପରି ୮ ତାରିଖରେ ନେତାଙ୍କ ବୈଠକ ଡକାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଟିପ୍ପଣୀରୁ ସିଦ୍ଧରମୈୟା ବିବାଦର ଅନ୍ତ ଚାହୁଁଥିବା ଜଣାପଡୁଛି । ସେ ନିଜ ଜିଦ୍‌ରୁ ମଧ୍ୟ ପଛଘୁଞ୍ଚା ଦେବାକୁ ଚାହୁଁଛନ୍ତି । ତେବେ କଂଗ୍ରେସ ଦଳ ବିଶେଷ କରି ସାଂସଦ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ପ୍ରିୟଙ୍କା ଭଦ୍ରା ଏବଂ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଲେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ ବୋଲି ସିଦ୍ଧରମୈୟା କହିଛନ୍ତି ।

ଅନ୍ୟପକ୍ଷରେ ଶିବକୁମାର ନିଜ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେବାକୁ ପ୍ରୟାସ କରୁଛନ୍ତି । ଡିକେଙ୍କ ଭାଇ ତଥା ପୂର୍ବତନ ସାଂସଦ ଡିକେ ସୁରେଶ ମଧ୍ୟ ଆଜି ସିଦ୍ଧରମୈୟାଙ୍କ ପାଦ ଛୁଇଁଛନ୍ତି । ସେ ଗତ ମାସରେ ତାଙ୍କ ବିରୋଧରେ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ଥିଲେ । ଆଜି ସକାଳେ ମୁଖ୍ୟମନ୍ତ୍ରୀ ଶିବକୁମାରଙ୍କ ଘରେ ପହଞ୍ଚିବା ପରେ ଭାଇଙ୍କ ସହ ସୁରେଶ ତାଙ୍କୁ ସ୍ୱାଗତ କରିଥିଲେ । ହାଇକମାଣ୍ଡଙ୍କ ନିର୍ଦ୍ଦେଶ ପରେ ଏହି ବୈଠକ ହୋଇଥିଲା । ଗତ ୨୨ ଦିନ ହେଲା ଡିକେ ଏବଂ ସିଦ୍ଧରମୈୟା ଗୋଷ୍ଠୀର ନେତା ପରସ୍ପର ବିରୋଧରେ ବୟାନ ଦେଇ ଚାଲିଛନ୍ତି । ସେହିପରି ନିଜ ସାମ୍ନାରେ ଅଢ଼େଇ ବର୍ଷର ସରକାର ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରାଯାଉ ବୋଲି କଂଗ୍ରେସ ଅଧ୍ୟକ୍ଷ ଖଡଗେ ଚାହୁଁଛନ୍ତି ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-157 ♦WEDNESDAY ♦3 DECEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୫୭ ♦ବୁଧବାର ♦୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଅନ୍ଧାରରେ ପୂଜା ପାଉଛନ୍ତି ମା' ତାରାତାରିଣୀ

■ ତିନିଦିନ ହେଲା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ
■ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି ଶ୍ରଦ୍ଧାଳୁ



ପୁରୁଷୋତ୍ତମପୁର, ୨।୧୨(ସମିସ): ଦୀର୍ଘ ୩ ଦିନ ହେଲା ଅନ୍ଧାରରେ ପୂଜା ପାଉଛନ୍ତି ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀ। ମା'ଙ୍କ ମନ୍ଦିରର ବେଢ଼ା ଓ ଗର୍ଭଗୃହରେ ନାହିଁ ଆଲୋକୀକରଣ ବ୍ୟବସ୍ଥା। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଦୂରଦୂରାନ୍ତରୁ ମା' ପୀଠରେ ପ୍ରତିଦିନ ହଜାରହଜାର ଭକ୍ତଙ୍କ ଭିଡ଼ ଲାଗୁଛି। କିନ୍ତୁ ସନ୍ଧ୍ୟା ପରେ ମନ୍ଦିରରେ କିଟିକିଟି ଅନ୍ଧାର ରାଜୁତି କରୁଥିବାରୁ ଭୟରେ ଭକ୍ତ ଆସୁନାହାନ୍ତି। ଆଉ କିଛି ଭକ୍ତ ଟର୍ଚ୍ଚ ଲାଇଟ୍‌ରେ ଯାଇ ମା'ଙ୍କୁ ଦର୍ଶନ କରୁଛନ୍ତି। ଫଳରେ ସେମାନେ ଏକ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି।

ପୂର୍ବ ସରକାର ସମୟରେ ମନ୍ଦିର ପାଇଁ କୋଟିକୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା। ଏଥିରେ ମନ୍ଦିରର ବହୁବିଧ ଉନ୍ନତୀକରଣ ସାଧିତ ହୋଇଥିଲା। ନୂଆ ସରକାର ଆସିବା ପରେ ମଧ ବିଭିନ୍ନ ସମୟରେ ଆସିଥିବା ମନ୍ତ୍ରୀମାନେ ପୀଠରେ ବିକାଶଧାରା ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତିନିଦିନ ହେଲା ଅନ୍ଧାର ଯୋଗୁଁ ମନ୍ଦିରରେ ଅଚଳାବସ୍ଥା ଲାଗି ରହିଥିବା ବେଳେ ମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ କିମ୍ବା ସରକାର; ଏଥିପ୍ରତି କାହାର ନିଘା ନାହିଁ। ଏ ସଂପର୍କରେ ମନ୍ଦିର ନିର୍ବାହୀ ଅଧିକାରୀ ଟି. କେ. ରେଡ୍ଡୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ମନ୍ଦିର ଉନ୍ନୟନ କାମ ବର୍ତ୍ତମାନ ସୁଦ୍ଧା ଚାଲୁଛି, ପୂର୍ତ୍ତ ବିଭାଗ କମିଟିକୁ ହସ୍ତାନ୍ତର ହୋଇନାହିଁ। ଫଳରେ କମିଟି କୌଣସି କାର୍ଯ୍ୟ କରିପାରୁନାହିଁ। ଆମ ପାଖରେ ମନ୍ଦିର ଅନ୍ଧକାର ନେଇ କୌଣସି ଖବର ନାହିଁ। ସ୍ଥାନୀୟ ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଦୁଇ ଦିନ ହେଲା ମନ୍ଦିର ଅନ୍ଧାକାର ଥିଲା। ଏବେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଛି ବୋଲି କହିଛନ୍ତି।

## ପୁଲିସର କାର୍ଯ୍ୟଧାରାକୁ ନେଇ ହାଇକୋର୍ଟ କ୍ଷୁବ୍ଧ

# ଅବଧି ମଧ୍ୟରେ ଦାଖଲ ହେଉନି ନଥିପତ୍ର

କଟକ, ୨।୧୨(ସମିସ): ନ୍ୟାୟାଳୟ ଗୁଡ଼ିକରେ ବିଚାରାଧୀନ ଫୌଜଦାରୀ ମାମଲା ଗୁଡ଼ିକର ଶୁଣାଣିରେ ପୁଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଅନେକ ସମୟରେ ପୁଲିସର ଖାମଖିଆଲି ମନୋଭାବ ବିଚାର ପ୍ରକ୍ରିୟାରେ ବାଧା ଉପୁଜାଇବା ସହ ଏହାକୁ ଅଧିକ ବିଳମ୍ବିତ କରୁଛି। ଏପରି କ୍ଷେତ୍ରରେ ପୁଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି।

ପୁଲିସ୍ ଏତଲା ଆଧାରରେ ମାମଲା ରୁଜୁ କରିଦେଇ ଆବଶ୍ୟକୀୟ ନଥିପତ୍ର ଦାଖଲ କରୁ ନଥିବାରୁ ଅଦାଲତର ଆଶ୍ରୟ ନେଇଥିବା ପକ୍ଷ ବା ପ୍ରତିପକ୍ଷଙ୍କ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ପୁଲିସର କାର୍ଯ୍ୟଧାରା କେବଳ ମାମଲା ରୁଜୁରେ ଅଟକିଯାଉଛି। ନ୍ୟାୟାଳୟରେ ମାମଲା ସଂକ୍ରାନ୍ତୀୟ କେସ୍ ଡାଏରୀ, ଚାର୍ଜସିଟ୍ କିମ୍ବା ଆବଶ୍ୟକୀୟ ନଥିପତ୍ର ଧାର୍ଯ୍ୟ ସମୟରେ ଦାଖଲ କରୁନାହାନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପରେ ମଧ ସମ୍ପୃକ୍ତ ଥାନା ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ହେତୁ ନ୍ୟାୟାଳୟ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଏପରିକି ଗିରଫ ପରେ ଅଭିଯୁକ୍ତ ଭାବେ ଜେଲ୍‌ରେ ବନ୍ଦିଥିବା ବିଚାରାଧୀନ କଏଦୀମାନେ ପୁଲିସର ଏହି ବିଳମ୍ବିତ କାର୍ଯ୍ୟଧାରାର ଶୀକାର ହେଉଛନ୍ତି। ରାଜ୍ୟର ୮୭ଟି ଜେଲ୍‌ରେ ଥିବା ୧୭,୩୦୦ କଏଦୀଙ୍କ ମଧ୍ୟରୁ ୧୩,୦୧୭ ଜଣ ବିଚାରାଧୀନ ଏକଦୀ ଅଛନ୍ତି।

ଏକ ରିପୋର୍ଟ ଅନୁଯାୟୀ, ଏହି ବିଚାରାଧୀନ କଏଦୀମାନଙ୍କ ମଧ୍ୟରୁ ୪୪ ପ୍ରତିଶତ ୩୦ ବର୍ଷରୁ କମ୍ ବୟସ୍କ ଅଟନ୍ତି ବୋଲି ଜେଲ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜିଲ୍ଲାରେ ବିଚାରାଧୀନ କଏଦୀମାନଙ୍କ ପାଇଁ ପ୍ରତ୍ୟେକ ତିନିମାସରେ ଥରେ

### ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ

ସମୀକ୍ଷା ବୈଠକର ବ୍ୟବସ୍ଥା ରହିଛି। ଏହି ବୈଠକରେ ସୁପାରିଶ ଅନୁଯାୟୀ, ବିଚାରାଧୀନ ମାମଲାର ତର୍ଜମା କରାଯାଇ ଏହି ବର୍ଗର କଏଦୀମାନଙ୍କର ଦଣ୍ଡ କୋହଳ ଅବା ଛାଡ଼ ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ପୁଲିସର ବିଳମ୍ବିତ କାର୍ଯ୍ୟଧାରା ଏହି ବ୍ୟବସ୍ଥାକୁ ପ୍ରତିହିତ କରୁଛି। ନିକଟରେ ଓଡ଼ିଶା ହାଇକୋର୍ଟ ଏକ ଆଗୁଆ ଜାମିନ ମାମଲାର ଶୁଣାଣି ବେଳେ ପୂର୍ବ ନିର୍ଦ୍ଦେଶ ସତ୍ତ୍ୱେ ପୁଲିସ ପକ୍ଷରୁ କେସ୍ ଡାଏରୀ ଦାଖଲ ହୋଇ ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଖୁବ୍ ବର୍ଷିଥିଲେ। ହାଇକୋର୍ଟର ବିଚାରପତି ଭି ନରସିଂହ ବିରକ୍ତି ପ୍ରକାଶ କରିବା ସହ ପରବର୍ତ୍ତୀ ତାରିଖରେ ସମ୍ପୃକ୍ତ ଥାନା ଅଧିକାରୀ ଆବଶ୍ୟକୀୟ ନଥିପତ୍ର ସହ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍ ବ୍ୟତୀତ ସେହି ଦିନ ରେଞ୍ଜ ଡିଆଇଜି ଓ ସମ୍ପୃକ୍ତ ଏସପି ଭର୍ଚୁଆଲ ମୋଡରେ ଉପସ୍ଥିତ ରହି ମାମଲାରେ ସହଯୋଗ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦିଷ୍ଟ ଅବଧି ପୂର୍ବରୁ ଯେଭଳି ଆବଶ୍ୟକୀୟ ନଥିପତ୍ର ଅଦାଲତରେ ଦାଖଲ ହେବ ସେ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ଗୃହ ବିଭାଗ ସଚିବ, ପୋଲିସ ଡିଜିପିଙ୍କୁ ଅବଗତ କରିବାକୁ ଆଦେଶରେ ସ୍ପଷ୍ଟ କରାଯାଇଅଛି। ତେବେ ଆଗୁଆ ଜାମିନ ଆବେଦନ କରିଥିବା ଅତୁଲ କୁଆଡ଼ିଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି। ଏହି ମାମଲାରେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଦେଖାଇବା ସହ ଏହି ପ୍ରକ୍ରିୟାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଭିହୀତ କରିଛନ୍ତି। ଏହା ସହ ମକଦ୍ଦମା ପରିଚାଳନା ପ୍ରକ୍ରିୟା ନ୍ୟାୟ ପ୍ରଦାନ କ୍ଷେତ୍ରରେ ହସ୍ତକ୍ଷେପ କରୁଛି ବୋଲି ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି।

# ବିଧାନସଭାରେ 'ବିଜୁଳି' ତାତି

## ଓଡ଼ିଶାରୁ ୮ ବର୍ଷରେ ଅଧିକ ଆଦାୟ ୭୧୪୫ କୋଟି

ସୁଧ ସହ ମୂଳ ଫେରାଉ ବିଜୁଳି ବିତରକ କମ୍ପାନୀ

ଆନ୍ଧ୍ର ଖାଉଟି ଫେରସ୍ତ ପାଇଲେ, ଓଡ଼ିଶାରେ କେବେ



ଭୁବନେଶ୍ୱର, ୨।୧୨ (ସମିସ): ଆନ୍ଧ୍ର ପ୍ରଦେଶରେ ବିଦ୍ୟୁତ୍ ବିତରକ କମ୍ପାନୀମାନେ ଉପଭୋକ୍ତାଙ୍କଠାରୁ ୯୨୪ କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ଆଦାୟ କରିଥିଲେ। ମାତ୍ର ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଉପଭୋକ୍ତାଙ୍କଠାରୁ ଆଦାୟ ହୋଇଥିବା ଅଧିକ ବିଲକୁ ସୁଧ, ମୂଳ ସହ ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଲେ। ମାତ୍ର ଓଡ଼ିଶାରେ ୮ ବର୍ଷ ହେଲାଣି ଉପଭୋକ୍ତାଙ୍କଠାରୁ ବିତରକ କମ୍ପାନୀଗୁଡ଼ିକ ୭୧୪୫ କୋଟି ଟଙ୍କା ଅଧିକ ନେଇଛନ୍ତି। ମାତ୍ର ଓଇଆରସି ଏ ସମ୍ପର୍କରେ ମୁହଁ ଖୋଲୁ ନାହାନ୍ତି। ତେଣୁ ଓଇଆରସି ତୁରନ୍ତ ପଦକ୍ଷେପ ଗ୍ରହଣ ସହ ସୁଧ ସହ ମୂଳ ପ୍ରଦାନ ନିମନ୍ତେ ବିତରକ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିଧାନସଭାରେ ଦାବି କରିଛନ୍ତି ବିଜେଡିର ବିଧାୟକଗଣ।

ବିଧାୟକ ଗଣେଶ୍ୱର ବେହେରା ଉପରୋକ୍ତ ପ୍ରସଙ୍ଗ ଉଠାଇ କହିଲେ ଯେ ୧୯୯୫ରେ ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ହୋଇଥିଲା। ମାତ୍ର ଯେଉଁ ଲକ୍ଷ୍ୟରେ ସଂସ୍କାର ହୋଇଥିଲା, ତାହା ଏଯାବତ୍ ପୂରଣ ହେଲାନାହିଁ। ଓଇଆରସିଙ୍କ ଉଦାସୀନତା ଏଥିରେ ପ୍ରଧାନ ପ୍ରତିବନ୍ଧକ ସାଜିଛି। ଗତ ଆଠବର୍ଷ ହେବ ରାଜ୍ୟରେ ଓଇଆରସି ଧାର୍ଯ୍ୟ କରିଥିବା ହାରାହାରି ଦର ଠାରୁ ଅଧିକ ବିଲ ଆଦାୟ କରାଯାଉଛି। ରାଜ୍ୟର ବିଦ୍ୟୁତ ବିତରକ କମ୍ପାନୀମାନେ ଅଧିକ ୭୧୪୫ କୋଟି ଟଙ୍କା ଆଦାୟ କରିଛନ୍ତି। ବିଦ୍ୟୁତ ଆଇନ୍ ୨୦୦୩ ଅନୁଯାୟୀ ଅଧିକ ଆଦାୟ ହୋଇଥିବା ଟଙ୍କା ଫେରାଇବା ପାଇଁ ବିଦ୍ୟୁତ୍ ନିୟାମକ ଆୟୋଗ ଗୁଡ଼ିକୁ ନିର୍ଦ୍ଦେଶ ରହିଛି। ମାତ୍ର ରାଜ୍ୟରେ ବିତରକ କମ୍ପାନିମାନେ ଆଦାୟ କରିଥିବା ଅଧିକ ବିଲ୍ ଅର୍ଥ ଫେରାଇବାକୁ ଓଇଆରସି କୌଣସି ନିର୍ଦ୍ଦେଶ ଦେଇନାହିଁ। ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଉପଭୋକ୍ତଙ୍କଠାରୁ ଆଦାୟ ହୋଇଥିବା ଅଧିକ ଟଙ୍କାକୁ ସୁଧ ମୂଳ ସହ ୧୨ ଟି କିସ୍ତିରେ ଫେରସ୍ତ କରିବାକୁ ବିଦ୍ୟୁତ୍ କମ୍ପାନିକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଓଇଆରସି ସମାନ ଢଙ୍ଗରେ ରାଜ୍ୟର ଉପଭୋକ୍ତ ଙ୍କଠାରୁ ଆଦାୟ ହୋଇଥିବା ଅଧିକ ୭୧୪୫ କୋଟି ଟଙ୍କା ସୁଧ ମୂଳ ସହ ଫେରସ୍ତ କରିବାକୁ ବିତରକ କମ୍ପାନିକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଥିଲେ। ବିଧାୟକ ବ୍ୟୋମକେଶ ରାୟ କହିଥିଲେ ଯେ ରାଜ୍ୟରେ ଉପଭୋକ୍ତା ଶୋଷିତ ହେଉଥିବା ବେଳେ ବିତରକ କମ୍ପାନୀ ଅଧିକ ୭୧୪୫ କୋଟି ଟଙ୍କା ଆଦାୟ କରିଛନ୍ତି। ଆନ୍ଧ୍ର ନିୟାମକ ଆୟୋଗ ଭଳି ଓଇଆରସି ମଧ ସମାନ ନିର୍ଦ୍ଦେଶ ଦିଅନ୍ତୁ। ସରକାର ଏହାକୁ ଗୁରୁତର ଭାବେ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଥିଲେ। ବିଧାୟକ ତୁଷାରକାନ୍ତି ବେହେରା ମଧ ସମାନ ଦାବି କରିବା ସହ ତୁରନ୍ତ ବିତରକ କମ୍ପାନୀମାନେ ଟଙ୍କା ଫେରସ୍ତ କରିବା ଦିଗରେ ସରକାର ହସ୍ତକ୍ଷେପ କରିବାକୁ ଦାବି କରିଥିଲେ।




କଲମ୍ବୋରେ ଅନୁଷ୍ଠିତ ଆନ୍ତର୍ଜାତିକ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ବିଜୟୀ ଭାରତୀୟ ଦଳରେ ଅଂଶଗ୍ରହଣ କରିଥିବା ଚାରି ଓଡ଼ିଆ ମହିଳା କ୍ରିକେଟ୍ ଖେଳାଳିଙ୍କୁ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଙ୍ଗଳବାର ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି

# ମଦ ଭାବି ଫର୍ମାଲିନ୍ ପିଇଦେଲେ

## ଜଣେ ମୃତ; ୨ ଗୁରୁତର







ପାଟଣାଗଡ଼,୨।୧୨(ସମିସ): ମଦ ଭାବି ଫର୍ମାଲିନ୍ ପିଇଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଥାନା ଓଡ଼ିଆପାଲି ଗ୍ରାମରେ ମଙ୍ଗଳବାର ଏହି ଘଟଣା ଘଟିଛି। ମୃତକ ହେଲେ, ସୁରୁ ମାଝୀ(୬୫)। ଗୁରୁତର ଦୁର୍ଲଭ ନାଏକ(୫୦) ଓ ହରି ମାଝୀ (୪୫)ଙ୍କୁ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ଗାଁର ବେଲାର ସିଂ ମାଝୀ ତାଙ୍କ କ୍ଷେତରେ ଦେବଦେବୀଙ୍କୁ ଚରୁ ଭୋଗ ଦେଉଥିଲେ। ଏଥିଲାଗି ସେ କ୍ଷେତ ପାଖ ଏକ କୁକୁଡ଼ା ଫାର୍ମରେ ଖାଇବା ବ୍ୟବସ୍ଥା କରିଥିଲେ। ଗ୍ରାମର ଦୁର୍ଲଭ, ହରି ଓ ସୁରୁ ଚରୁ ଅନ୍ନ ଖାଇବା ପାଇଁ ଯାଇଥିଲେ। ସେଠାରେ ଖାଇବା ପୂର୍ବରୁ ଏକ ଧଳା ଜାରରେ ଅଣାଯାଇଥିବା ରନ୍ଧାମଦକୁ ଏକ ଗ୍ଲାସ୍‌ରେ ବେଲାର ଦେଇଥିଲେ। ଦ୍ୱିତୀୟଥର ମଦ ଦେବା ସମୟରେ କୁକୁଡ଼ା ଫାର୍ମରେ ଏକ ଧଳା ଜାର୍‌ରେ ଥିବା ଫର୍ମାଲିନକୁ ମଦ ଭାବି ୩ ଜଣଙ୍କୁ ଦେଇ ଦେଇଥିଲେ। ଏହି କେମିକାଲ ପିଇବା ପରେ ୩ଜଣଙ୍କ ଛାତି, ପେଟ ଓ ମୁଣ୍ଡରେ ପ୍ରବଳ ଜଳାପୋଡ଼ା ହୋଇଥିଲା। ଅବସ୍ଥା ଗୁରୁତର ହେବାରୁ ସଙ୍ଗେସଙ୍ଗେ ୩ଜଣଙ୍କୁ ଦୁଇଟି ଗାଡ଼ି ସାହାଯ୍ୟରେ ପରିବାରଲୋକେ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତର ସେଠାରେ ସୁରୁଙ୍କୁ ମୃତ ଘୋଷଣା କରିଥିବାବେଳେ ଦୁର୍ଲଭ ଓ ହରି ଚିକିତ୍ସିତ ହେଉଛନ୍ତି। ଘଟଣାର ତଦନ୍ତ ସହ ମୃତ ସୁରୁଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦିଆଯାଉ ବୋଲି ତାଙ୍କ ପୁଅ ରମେଶ ମାଝୀ ଦାବି କରିଛନ୍ତି।

ଏହି ଘଟଣାରେ ପୂର୍ବତନ ବିଧାୟକ ସରୋଜ ମେହେର କହିଛନ୍ତି ଯେ ସରକାର ବେଆଇନ ରନ୍ଧା ମଦକୁ ରୋକି ପାରୁନାହାନ୍ତି। ଫଳରେ ଅପମିଶ୍ରିତ ମଦ ପିଇ ଜଣେ ନିରୀହ ଆଦିବାସୀ ବୃଦ୍ଧଙ୍କ ଜୀବନ ଅକାରଣେ ଚାଲିଗଲା। ଦୁଇଜଣ ଚିକିତ୍ସିତ ହେଉଛନ୍ତି। ରାଜ୍ୟ ସରକାର ଏ ଘଟଣାର ଉଚିତ ତଦନ୍ତ ସହ ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଅପରପକ୍ଷରେ ଅଣାଯାଇଥିବା ଖୋଲା ରନ୍ଧାମଦ କେଉଁଠୁ ଅଣାଯାଇଥିଲା, ଯଦି ଖୋଲା ମଦ ହୋଇ ନ ଥାନ୍ତା ତେବେ ଅପମିଶ୍ରିତ ହୋଇପାରି ନଥା'ନ୍ତା ଏବଂ ଏଭଳି ଅଘଟଣ ଘଟିନଥା'ନ୍ତା ବୋଲି କୁହାଯାଉଛି। ସେହିପରି ଜାର୍‌ରେ ଥିବା କେମିକାଲକୁ ଜାଣିଶୁଣି ଦିଆଯାଇନାହିଁ ତ ବୋଲି ମଧ ପ୍ରଶ୍ନ ଉଠିଛି। ଏସବୁ ଘଟଣାର ତଦନ୍ତ କଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ଦାବି ହେଉଛି। ଏନେଇ ଖପ୍ରାଖୋଲ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇନଥିଲେ।

## ପାରିବାରିକ କଳହ

# ଶଶୁର ଘର ଜାଳିଦେଲା ଜ୍ୱାଇଁ

ଖଲ୍ଲିକୋଟ, ୨।୧୨ (ସମିସ): ପାରିବାରିକ କଳହକୁ ନେଇ ଶଶୁର ଘରେ ନିଆଁ ଲଗାଇଦେଲା ନିଶାସକ୍ତ ଜ୍ୱାଇଁ। ଜ୍ୱାଇଁକୁ ଧରି ନଡ଼ିଆ ଗଛରେ ବାନ୍ଧି ପକାଇଥିବା ବେଳେ ଖବର ପାଇ ଉଦ୍ଧାର କରିଛି ପୁଲିସ। ଏଭଳି ଘଟଣା ଘଟିଛି, ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଚିକିଲି ପଞ୍ଚାୟତ ବାଉଁଶିଆ ଗ୍ରାମରେ। ଗ୍ରାମର ଲକ୍ଷ୍ମଣ ଦାସଙ୍କ ଚାଳ ଘରେ ସୋମବାର



ସନ୍ଧ୍ୟାରେ ନିଆଁ ଲାଗି ଯାଇଥିଲା। ଏହି ସମୟରେ ଘର ଭିତରେ ଲକ୍ଷ୍ମଣ ଦାସଙ୍କ ଝିଅ ଥିବା ବେଳେ ସେ ଜୀବନ ବିକଳରେ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଖଲ୍ଲିକୋଟ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡ ଫଳରେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ତେବେ ମଦ୍ୟପାନ କରି ଲକ୍ଷ୍ମଣ ଦାସଙ୍କ ଜ୍ୱାଇଁ ଦେବେନ୍ଦ୍ର ଦାସ ଶଶୁର ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ପାରିବାରିକ କଳହରୁ ସେ ଏପରି କରିଥିବା ଜଣାପଡ଼ିଛି। ଦେବେନ୍ଦ୍ରକୁ ଧରି ଗାଁର ଏକ ନଡ଼ିଆ ଗଛରେ ବନ୍ଧା ଯାଇଥିବା ବେଳେ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିବା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି। ଏନେଇ ତଦନ୍ତ ଚାଲୁ ରହିଛି।




# ୫ ବର୍ଷରେ ୮୩୩ ଜୀବନ ଗଲାଣି

ବଲାଙ୍ଗିର, ୨।୧୨(ସମିସ)

ଦିନକୁ ଦିନ ସଡକ ଦୁର୍ଘଟଣା ପ୍ରାୟ ପରିବାର ପାଇଁ ଏକ ଚିନ୍ତାର କାରଣ ସାଜିଛି। ରାସ୍ତାରେ ଯାଉଥିବା ସମୟରେ କେତେବେଳେ ଯମ ଦଉଡି କାହା ବେକରେ ପଡ଼ିବ ତାହା କହି ହେବନି। ଅନେକ ଜୀବନ ରାସ୍ତାରେ ହିଁ ଚାଲିଯାଉଛି। ସେହିଭଳି ଅନେକ ଲୋକ ସଡକ ଦୁର୍ଘଟଣାର ଶିକାର ହୋଇ ସମ୍ପୂର୍ଣ୍ଣ ଭାବେ ଅର୍କମଣ୍ୟ ହୋଇଯାଉଛନ୍ତି। ଯଦିଓ ଏହି ଦୁର୍ଘଟଣାରୁ ବହୁ ଲୋକଙ୍କ ଜୀବନ ବର୍ତ୍ତିଯାଉଛି ତଥାପି କିଏ କେତେବେଳେ ଏହି ସଡକ ଦୁର୍ଘଟଣାର ଶିକାର ହେବ କହିବା କଷ୍ଟକର। ତେବେ ରାଜ୍ୟର ଅନ୍ୟତମ ସଡକ ଦୁର୍ଘଟଣା ପ୍ରବଣ ଜିଲ୍ଲା ହେଉଛି ବଲାଙ୍ଗିର। ଗତ ୫ ବର୍ଷ (୨୦୨୦-୨୦୨୪) ଭିତରେ ଜିଲ୍ଲାରେ ସଡକ ଦୁର୍ଘଟଣାରେ ରାସ୍ତାରେ ୮୩୩ ମୁଣ୍ଡ ଗଡ଼ିଲାଣି; ଯାହାକି ଅନ୍ୟ ଜିଲ୍ଲା ତୁଳନାରେ ବହୁତ ଅଧିକ। ବଡ ବଡ କିଛି ଜିଲ୍ଲାକୁ ଛାଡିଦେଲେ ଏହି ମାମଲାରେ ବଲାଙ୍ଗିର ଏହି ତାଲିକାରେ ଆଗୁଆ ଥିବା ଜଣାପଡ଼ିଛି। ଅନେକ ସଚେତନତା, କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ସକ ଦୁର୍ଘଟଣା ସଂଖ୍ୟା ପ୍ରତିବର୍ଷ ବଢ଼ି ବଢ଼ି ଚାଲିଥିବା ସୂଚନା ମିଳିଛି।

ବଲାଙ୍ଗିର ଜିଲ୍ଲାରେ ବର୍ଷକୁ ବର୍ଷ ସଡକ ଦୁର୍ଘଟଣା ବଢ଼ିଚାଲିଛି। ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ମଧ୍ୟ ବଢୁଛି। ଏହି ତଥ୍ୟ ନିଜେ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ଗତ ୫ ବର୍ଷ ଭିତରେ ଅର୍ଥାତ ୨୦୨୦ରୁ ୨୦୨୪ ମଧ୍ୟରେ ବଲାଙ୍ଗିର ଜିଲ୍ଲାରେ ୧୬୦୫ଟି

- ତଥାପି ସଚେତନ ହେଉନାହାନ୍ତି ଲୋକେ
- ବେପରୁଆ ଗାଡ଼ି ଚାଳନା ଯୋଗୁ ବଢୁଛି ଦୁର୍ଘଟଣା
- ବିଭାଗୀୟ ପଦକ୍ଷେପ କେବଳ ସଚେତନତା କାର୍ଯ୍ୟକ୍ରମ, ବ୍ଲାକସ୍ପଟ ଚିହ୍ନଟରେ ହିଁ ସୀମିତ

ସଡକ ଦୁର୍ଘଟଣା ଘଟିଥିବା ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଛି। ଏହି ଦୁର୍ଘଟଣାରେ ୫ ବର୍ଷ ଭିତରେ ୮୩୩ ଜଣଙ୍କ ଜୀବନ ଯାଇଛି। ଜିଲ୍ଲାରେ ୨୦୨୦ରେ ୨୯୩ଟି ଦୁର୍ଘଟଣା ଘଟିଥିବା ବେଳେ ୧୪୪ ଜଣଙ୍କ ମୃତ୍ୟୁ ଘଟିଛି। ୧୬୪ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୧୦୭ ଜଣ ସାମାନ୍ୟ ଆହତ ହୋଇଛନ୍ତି। ୨୦୨୧ରେ ୩୦୦ ଦୁର୍ଘଟଣା ହୋଇଥିବା ବେଳେ ୧୪୨ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୧୫ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୮୯ ଜଣ ସାମାନ୍ୟ ଆହତ ହୋଇଥିଲେ। ୨୦୨୨ରେ ଦୁର୍ଘଟଣା ସଂଖ୍ୟା ୩୧୪ରେ ପହଞ୍ଚିଥିବା ବେଳେ ଏଥିରେ ୧୬୫ ଜଣଙ୍କ ମୃତ୍ୟୁ ଘଟିଥିଲା। ୧୭୭ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୧୧୧ ଜଣ ସାମାନ୍ୟ ଆହତ ହୋଇଥିଲେ। ୨୦୨୩ରେ ୩୫୩ଟି ଦୁର୍ଘଟଣା ଘଟିଥିବା ବେଳେ ୧୮୧ ଜଣଙ୍କ ମୃତ୍ୟୁ ଘଟିଥିଲା। ୧୭୫ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୧୮୭ ଜଣ ସାମାନ୍ୟ ଆହତ ହୋଇଥିଲେ। ସେହିପର ବର୍ଷ ୨୦୨୪ରେ ୩୬୩ଟି ଦୁର୍ଘଟଣା ଘଟିଥିବା ବେଳେ ୨୦୧ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୧୫୦ଜଣ ସାମାନ୍ୟ ଆହତ ହୋଇଥିଲେ।

ବଲାଙ୍ଗିର ଜିଲ୍ଲା ଦେଇ ଦୁଇ ଦୁଇଟି ଜାତୀୟ ରାଜପଥ, ଏକାଧିକ ରାଜ୍ୟ ରାଜପଥ ଓ ଅନ୍ୟ ରାସ୍ତା ଗୁଡିକ ଯାଇଛି। ନିୟମିତ ଭାବେ ବେପାରୁଆ ଗାଡି ଚାଳନା ଯୋଗୁଁ ସଡକ ଦୁର୍ଘଟଣା ସାମ୍ନାକୁ ଆସୁଛି। ବିଭାଗୀୟ ପଦକ୍ଷେପ କେବଳ ସଚେତନତା କାର୍ଯ୍ୟକ୍ରମ, ବ୍ଲାକସ୍ପଟ ଚିହ୍ନଟରେ ହିଁ ସୀମିତ ରହିଛି। ଅନ୍ୟପକ୍ଷରେ ସଡକ ଦୁର୍ଘଟଣାରେ ଆହତ ହେଉଥିବା କିମ୍ବା ମୃତ୍ୟୁ ଘଟୁଥିବା ଲୋକଙ୍କ ପରିବାର ଲୋକଙ୍କୁ ସହାୟତା ପ୍ରଦାନ କରୁଥିବା ବେଳେ ଜିଲ୍ଲାରେ ଏହି ୫ ବର୍ଷ ମଧ୍ୟରେ ୩୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ୨୦୨୦ରେ ୬ ଲକ୍ଷ, ୨୦୨୧ରେ ୮ ଲକ୍ଷ, ୨୦୨୨ରେ ୮ ଲକ୍ଷ, ୨୦୨୩ରେ ୬ ଲକ୍ଷ ଓ ୨୦୨୪ରେ ୫ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ତେବେ ଏହି ୫ ବର୍ଷର ତଥ୍ୟ ଉପରେ ନଜର ପକାଇଲେ ପ୍ରତିବର୍ଷ ସଡକ ଦୁର୍ଘଟଣା ସଂଖ୍ୟା ଓ ଦୁର୍ଘଟଣାରେ ମୃତ୍ୟୁ ଘଟଣା ବଢ଼ି ବଢ଼ି ଚାଲିଛି; ଯାହା ଚିନ୍ତାଜନକ।

## ଦୁର୍ଘଟଣା ପରେ ପୋଖରୀ ପାଣି ନଷ୍ଟ

# ଦିନେ ଗାଧୋଉଥିଲେ; ଏବେ ନାକ ଟେକୁଛନ୍ତି

ବଲାଙ୍ଗିର, ୨।୧୨(ସମିସ): ରାସ୍ତା କଡରେ ଥିବା ପୋଖରୀରେ ଦୁର୍ଘଟଣା ଘଟିଲା। ଦୁର୍ଘଟଣା ପରେ ମାଲ୍ ବୋଝେଇ ଟ୍ରକ୍‌ରୁ ୩/୪ଦିନ ଧରି ଦିନରାତି ଏକ କରି ବ୍ୟବସାୟୀ ମାଲ ବୋହିନେଲେ। ସବୁ ସାମଗ୍ରୀ ନେବା ପରେ ଗାଡି ବି ପୋଖରୀରୁ ଉଠାଇନେଲେ; କିନ୍ତୁ ଦୁର୍ଘଟଣା ପରେ ଏବେ ପୋଖରୀ ପାଣି ନଷ୍ଟ ହୋଇଯାଇଛି। ପ୍ରତିଦିନ ବହୁ ଲୋକ ଏହି ପୋଖରୀରେ ଗାଧୋଉଥିଲେ; ହେଲେ ଦୁର୍ଘଟଣା ପରେ ଏହି ପୋଖରୀ ପାଣି ଏତେ ଦୁର୍ଗନ୍ଧ ହେଉଛି ଯେ, ଲୋକେ ଗାଧୋଇବା ପାଇଁ ନାକ ଟେକୁଛନ୍ତି।

ବଲାଙ୍ଗିର-ବରଗଡ଼ ୨୬ ନଂ ଜାତୀୟ ରାଜପଥ ଜାମସର ନିକଟରେ ଜାତୀୟ ରାଜପଥକୁ ଲାଗି ଏକ

**ଦୁର୍ଗନ୍ଧରେ ରହି ହେଉନି**

ପୋଖରୀ ରହିଛି। ଏହି ପୋଖରୀରେ ଆଜି ପର୍ଯ୍ୟନ୍ତ ଏକାଧିକ ଦୁର୍ଘଟଣା ଘଟିଲାଣି। ୨ ବର୍ଷ ପୂର୍ବରୁ ଜଣେ ମହିଳାଙ୍କ ମଧ୍ୟ ଏଠାରେ ମୃତ୍ୟୁ ଘଟିଥିଲା। ତେବେ ଗତ କିଛି ଦିନ ତଳେ ଏକ ମାଲ୍ ବୋଝେଇ ଟ୍ରକ୍ ଏହି ପୋଖରୀକୁ ପଶିଯାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଟ୍ରକରେ ଏତେ ସାମଗ୍ରୀ ଭର୍ତ୍ତି ହୋଇଥିଲା ଯେ ୨ଟି କ୍ରେନ ମଧ୍ୟ ଏହାକୁ ବାହାର କରିପାରି ନ ଥିଲେ। ଏହାଫଳରେ ଟ୍ରକ୍‌ଟି ପ୍ରାୟ ୪/୫ ଦିନ ଧରି ପୋଖରୀରେ ପଡ଼ିରହିଥିଲା। ଟ୍ରକରେ ରାୟପୁରରୁ ବଲାଙ୍ଗିରକୁ ବିଭିନ୍ନ ପ୍ରକାର ଖାଇବା ସାମଗ୍ରୀ ଆସୁଥିଲା। ସାମଗ୍ରୀ ଆଣିଥିବା ମାଲିକ ଜଣକ ୪/୫ ଦିନ ଧରି ଟ୍ରକ୍‌ରୁ ସାମଗ୍ରୀ ବାହାର କରି ଛୋଟ ଛୋଟ ଗାଡିରେ ବୋହିଥିଲେ। ଏହା ପରେ ଟ୍ରକକୁ ପୋଖରୀରୁ ବାହାର କରିନେଇଥିଲେ। ତେବେ ବର୍ତ୍ତମାନ ଅସୁବିଧାର ବିଷୟ ହେଉଛି ଦୁର୍ଘଟଣା ପରେ ଏହି ପୋଖରୀ ପାଣି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ନିକଟସ୍ଥ ଜାମସର ଗ୍ରାମବାସୀଙ୍କ ସମେତ ରାଜପଥରେ ଯାଉଥିବା ଅନେକ ଲୋକ ଏହି ପୋଖରୀରେ ଗାଡି ଅଟକାଇ ଗାଧୋଇଥାନ୍ତି। ପାଣି ଦୁର୍ଗନ୍ଧ ହେତୁ ଏହାର ପ୍ରଭାବରେ ମାଛ ମଧ୍ୟ ମରି ଯାଉଛନ୍ତି। ପୋଖରୀ ପାଣି ବ୍ୟବହାର ଅନୁପଯୋଗୀ ହୋଇ ପଡ଼ିଛି। ତେବେ ଏଠି



ପ୍ରଶ୍ନ ଉଠୁଛି ଏହି ପାଣିକୁ କିଏ ବିଶୋଧନ କରିବ? ଯେହେତୁ ଲୋକେ ଏହି ପାଣି ଉପରେ ନିର୍ଭର କରୁଛନ୍ତି ତେବେ ପୋଖରୀ ପାଣି ବିଶୋଧନ କରିବା ନିହାତି ଆବଶ୍ୟକ ରହିଛି। ଏନେଇ ବିଭାଗୀୟ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରଶାସନ ପଞ୍ଚାୟତ କିମ୍ବା ବ୍ଲକ ଜରିଆରେ ଏହି ପୋଖରୀ ପାଣିକୁ ବିଶୋଧନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ହୋଇ ପଡ଼ିଛି।

# ଡାଇଭର୍ସନ ରାସ୍ତା ମରଣଯନ୍ତା

ଟିଟିଲାଗଡ଼, ୨।୧୨ (ସମିସ): ଟିଟିଲାଗଡ଼ ସହର ନିକଟ ସତୀଘାଟଠାରେ ୫୯ ନମ୍ବର ଜାତୀୟ ରାଜପଥ ଅଧୀନ ଡାଇଭର୍ସନ ରୋଡ ମରଣ ଯନ୍ତା ପାଲଟିଛି। ଟିଟିଲାଗଡ଼ ସହରର ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ସହର ମଧ୍ୟ ଦେଇ ଯାଇଥିବା ଏହି ଜାତୀୟ ରାଜପଥକୁ ସହର ବାହାରୁ ବାଇପାସ୍ ରାସ୍ତା ମାଧ୍ୟମରେ ସଂଯୋଗ କରାଯାଇଛି। ଏହି ସଂଯୋଗୀକରଣ ତଥା ବାଇପାସ ରାସ୍ତା ତିଆରି କାର୍ଯ୍ୟ ଜାରି ରହଛି। ଏଥିପାଇଁ ସତୀଘାଟ ଗ୍ରାମ ନିକଟରେ ଏକ ଅସ୍ଥାୟୀ ଡାଇଭର୍ସନ ରୋଡ କରାଯାଇଛି। ଏହି କାର୍ଯ୍ୟ ପାଇଁ ବି ବି ବର୍ମା ନାମକ ବାହାର ରାଜ୍ୟର ଜଣେ ଠିକାଦାର ଟେଣ୍ଡର ପାଇଛନ୍ତି। ସେ କିନ୍ତୁ ସ୍ଥାନୀୟ କିଛି ପେଟି ଠିକାଦାରଙ୍କୁ ଧରି ଏହି କାମ କରଛନ୍ତି। ତେବେ ସମ୍ପୃକ୍ତ ଠିକାଦାର ଡାଇଭର୍ସନ ରାସ୍ତା ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ନୀତି ନିୟମକୁ ଅଣଦେଖା କରିଛନ୍ତି। ନାମକୁ ମାତ୍ର କିଛି ମାଟି ପକାଇ ଦେଇଛନ୍ତି। ବିପଦ ପୂର୍ଣ୍ଣ ଅବସ୍ଥାରେ କାମ ଛାଡି ଦେଇଛନ୍ତି। ଏହି ଜାତୀୟ ରାଜପଥ ଦେଇ ନିୟମିତ ଶତାଧିକ ଭାରିଯାନ ଚଳାଚଳ କରୁଛି। କିଛିଦିନ ପୂର୍ବରୁ ଖଡିଆଳ-ଭବାନୀପାଟଣା ରାଜ୍ୟ ରାଜପଥ(୧୬)ର ତୁର୍କେଲଠାରେ ଥିବା ପୋଲ ଦବି ଯାଇଛି। ଅସୁରକ୍ଷିତ ଅବସ୍ଥାରେ ଥିବା ସତ୍ତ୍ୱେ ଏହି ରାସ୍ତାଦେଇ ସମସ୍ତ ଭାରୀଯାନ ଯାତାୟାତ କରୁଛି। ତେବେ ଏହି ଡାଇଭର୍ସନ ରାସ୍ତା ପୂର୍ବରୁ କୌଣସି ସାଙ୍କେତିକ ସୂଚନା ଫଳକ ଦିଆଯାଇନି। ରାସ୍ତା ଉପରେ ମାଟି ଗଦା ହୋଇ ରହିଛି। ଏଥିଯୋଗୁଁ ନିୟମିତ



ଦୁର୍ଘଟଣା ଘଟୁଛି। ଭାରିଯାନ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି। ଗୋଟିଏ ପଟେ ରାଜ୍ୟ ସରକାର ସଡ଼କ ସୁରକ୍ଷା ସପ୍ତାହ ପାଳନ କରି ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ସଚେତନ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅନୁକମ୍ପା ଯୋଗୁଁ ସମ୍ପୃକ୍ତ ଠିକାଦାର ସମସ୍ତ ନିୟମକୁ ଉଲ୍ଲଂଘନ କରି ବିପଦପୂର୍ଣ୍ଣ ଅବସ୍ଥାରେ ଏହି ରାସ୍ତା କାମ ଚଳାଇଛନ୍ତି। କିଛିଦିନ ଧରି ଏଠାରେ ନିୟମିତ ଭାବରେ ଦୁର୍ଘଟଣା ଘଟୁଛି। ତେବେ ଏହି ଘଟଣାକୁ ନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାଶ ଚନ୍ଦ୍ର ଦାସ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ସ୍ଥିତି ଅନୁଧ୍ୟାନ କରି ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

# ପାଟଣାଗଡ଼ ସହରରେ ଦଶନ୍ଧି ଦଶନ୍ଧି ଧରି ଟ୍ରାଫିକ ସମସ୍ୟା

ପାଟଣାଗଡ଼, ୨।୧୨(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହର ଏକ ବ୍ୟବସାୟିକ ସହର। ସହରର ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ଦଶନ୍ଧି ଦଶନ୍ଧି ଧରି ଲାଗିରହିଛି; କିନ୍ତୁ ଏହି ସମସ୍ୟାର ସ୍ଥାୟୀ ସମାଧାନ କେବେ ହୋଇପାରୁନି। ବାଇପାସ ରାସ୍ତା ହେଲେ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଲୋକେ ଆଶା ରଖିଥିଲେ; କିନ୍ତୁ ଘୋଷଣାରେ ସୀମିତ ରହିଯାଇଛି ବାଇପାସ ରାସ୍ତା। କିଛିମାସ ପୂର୍ବରୁ ଖୁବ ଶୀଘ୍ର ଜମି ଅଧିଗ୍ରହଣ କରାଯିବ ଓ ବାଇପାସ ରାସ୍ତା କାମ ଆରମ୍ଭ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏକ ସଭାରେ କହିଥିଲେ। ଏହାଫଳରେ ପାଟଣାଗଡ଼ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା; କିନ୍ତୁ ବାଇପାସ ରାସ୍ତା ପାଇଁ ଏପର୍ଯ୍ୟନ୍ତ କାମ ଆରମ୍ଭ ନ ହେବାରୁ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ରବିବାର ପାଟଣାଗଡ଼ ସାପ୍ତାହିକ ବଜାର ଥିବାରୁ ଲୋକଙ୍କ ଗହଳି ରହିଥାଏ। ସହରର ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ଥିବାରୁ ସହରର ମୁଖ୍ୟ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ ଲାଗିରହିଥିଲା। ଏହାଫଳରେ ଗାଡି ଗୁଡିକ ଅଟକି ରହି ଜାମ ହେବାରୁ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ଟ୍ରାଫିକ



ସମସ୍ୟା ଯୋଗୁଁ ଆଜି ପୁଣି ଲୋକଙ୍କ ମଧ୍ୟରେ ପୁଣି ବାଇପାସ ରାସ୍ତା କଥା ଉଜ୍ଜୀବିତ ହୋଇଥିଲା; କିନ୍ତୁ ଏହି ବାଇପାସ ରାସ୍ତା କେବଳ ଘୋଷଣାରେ ସୀମିତ ରହିଯାଇଥିବା ସ୍ଥାନୀୟ ଜନସାଧାରଣ ମହଲରେ ଅଭିଯୋଗ ଉଠିଛି। ତେବେ ସହରର ମୁଖ୍ୟ ରାସ୍ତା ସଂକୁଚିତ ଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ସମ୍ମୁଖରେ ଲୋକେ ବାଇକ ଗୁଡିକ ପାର୍କିଂ କରୁଥିବାରୁ ଆହୁରି ଟ୍ରାଫିକ ସମସ୍ୟା ଉପୁଜିଥିବା ଅଭିଯୋଗ ହେଉଛି। ପାଟଣାଗଡ଼ ସହରରେ ଗାଡି ପାର୍କିଂ ପାଇଁ କୌଣସି ସ୍ଥାନ ନାହିଁ। ହାଟପଦା ଅଞ୍ଚଳକୁ ଗଲେ ଯାଇ ଗାଡି ପାର୍କିଂ ହୋଇପାରିବ। ସେଠାରେ ପାର୍କିଂ କରି ବ୍ୟବସାୟ କାମ ପାଇଁ ସହରକୁ ଆସିଲେ ୧ କିମି ହୋଇଯାଉଛି। ପୁଣି ସହର ବାହାରେ ଗାଡି ରହିଲେ ଗାଡି ଚୋରିର ଭୟ ମଧ୍ୟ ରହିଛି। ତେବେ ଏହି ଟ୍ରାଫିକ ସମସ୍ୟା ଦଶନ୍ଧି ଦଶନ୍ଧି ଧରି ଲାଗିରହିଥିଲେ ହେଁ ଏହାର ସ୍ଥାୟୀ ସମାଧାନ ପାଇଁ କେବେ ହେଲେ ଚେଷ୍ଟା କରାଯାଇନାହିଁ। ଟ୍ରାଫିକ ସମସ୍ୟାକୁ ନେଇ ବଣିକ ସଙ୍ଘ ସହ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଅନେକ ଥର ଆନ୍ଦୋଳନ ମଧ୍ୟ କରାଯାଇଛି; କିନ୍ତୁ କେବଳ ପ୍ରତିଶ୍ରୁତିରେ ରହିଯାଇଛି ଟ୍ରାଫିକ ସମସ୍ୟା। ଅପରପକ୍ଷରେ ସହରର ମୁଖ୍ୟ ରାସ୍ତା ଓସାରିଆ କରାଯାଇ ବିଭିନ୍ନ ଛକ ଗୁଡିକରେ

- ସ୍ଥାୟୀ ସମାଧାନ ହୋଇପାରୁନି
- ଘୋଷଣାରେ ସୀମିତ ବାଇପାସ ରାସ୍ତା
- ମୁଖ୍ୟ ରାସ୍ତା ଛକ ଗୁଡିକରେ ଟ୍ରାଫିକ ପୋଷ୍ଟ ସହ ଓଭରବ୍ରିଜ ନିର୍ମାଣ ଦାବି

ଟ୍ରାଫିକ ପୋଷ୍ଟ ନିର୍ମାଣ ସହ ଓଭର ବ୍ରିଜ ନିର୍ମାଣ ହେଲେ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ମଧ୍ୟ ସ୍ଥାନୀୟ ଜନସାଧାରଣ ମହଲରେ ଦାବି ଉଠିଛି। ତେବେ ଦଶନ୍ଧି ଧରି ଲାଗିରହିଥିବା ପାଟଣାଗଡ଼ ସହରର ମୁଖ୍ୟ ସମସ୍ୟା ପାଲଟିଥିବା ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ ଓ ବାଇପାସ ରାସ୍ତା ନିର୍ମାଣ କେବଳ ଘୋଷଣାରେ ସୀମିତ ନ ରହି କାର୍ଯ୍ୟରେ ପରିଣତ କରିବାକୁ ଲୋକଙ୍କ ମଧ୍ୟରେ ଦାବି ହେଉଛି।

## ବନ୍ଦ ଦୋକାନରୁ ମୃତଦେହ ଉଦ୍ଧାର

ବଲାଙ୍ଗିର, ୨।୧୨(ସମିସ): ବଲାଙ୍ଗିର ସହର ସୁଦପଡ଼ାରେ ଥିବା ଏକ ବନ୍ଦ ଦୋକାନ ଭିତରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ପୁଇନ୍ତଳା ଅଞ୍ଚଳର ଦୀପକ ନନ୍ଦ। ସେ ବେହେରାପାଲିଠାରେ ଏକ ପାନ ଦୋକାନ କରିଥିବା ବେଳେ ପାଇପ ମିସ୍ତ୍ରୀ କାମ ମଧ୍ୟ କରୁଥିଲେ। ତେବେ ଘଟଣା ବିଷୟରେ ଜାଣିବା ପରେ ଟାଉନ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରିଥିଲା। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି କରିଛି।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ମହାବିଦ୍ୟାଳୟ ପରିଦର୍ଶନ



କଣ୍ଟାବାଞ୍ଜି, ୨।୧୨(ସମିସ): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପ୍ରଦୀପ୍ତ ବେହେରା ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ ଓ ସମସ୍ତ କର୍ମଚାରୀଙ୍କ ସହ ସେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ସୁବିଧା ଅସୁବିଧା ବୁଝିଥିଲେ। ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଉଚିତ ପଦକ୍ଷେପ ନେବି ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ୨ ଘଣ୍ଟାର ପରିଦର୍ଶନ ସମୟରେ ସେ ମହାବିଦ୍ୟାଳୟର ପାଠାଗାର, କମ୍ପ୍ୟୁଟର ଲାବ୍ ଓ ସମସ୍ତ ଶ୍ରେଣୀଗୃହ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟ ବିକାଶ ପରିଷଦର ଅଧ୍ୟକ୍ଷ ଡକ୍ଟର ଜିତେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଲୋଚନାଚକ୍ର



ବଲାଙ୍ଗିର, ୨।୧୨(ସମିସ): କଦମପଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଜିଲ୍ଲାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଭାପତି ଡ. ଭବାନୀଶଙ୍କର ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଗିରିଜା ଶଙ୍କର ରଥ, ସଚିବ ରାମଚନ୍ଦ୍ର ପଟେଲ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଧାନ ଗୁରୁଜୀ ସନାତନ ମିଶ୍ର, ସମ୍ପାଦକ ତରଣୀସେନ ପଟେଲ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଏହି ସମାବେଶକୁ ଗୁରୁମା ଭାରତୀ ସାହୁ ସଂଯୋଜନା କରିଥିଲେ। ଦିଲୀପ ଶତପଥୀ ଓ ସନ୍ତୋଷ ନାୟକ ସହଯୋଗ କରିଥିଲେ।

# ହ୍ୟୁମାନଙ୍କ ସ୍ମୃତିରେ ୭ରେ ବିଶାଳ ଶ୍ରଦ୍ଧାଞ୍ଜଳି ସଭା




ଟିଟିଲାଗଡ଼, ୨।୧୨(ସମିସ): ନିଜ ଯାଦୁ ଭରା ସ୍ୱରରେ ସାରା ରାଜ୍ୟର କୋଣଅନୁକୋଣରେ ସଭିଙ୍କ ହୃଦୟ ଜିଣିପାରିଥିବା ଟିଟିଲାଗଡ଼ ମାଟିର ଗୌରବ ବିଶିଷ୍ଟ କଳାକାର ହ୍ୟୁମାନ ସାଗରଙ୍କ ପାଇଁ ଟିଟିଲାଗଡ଼ ମାଟି କାନ୍ଦୁଛି। ଗତ ୧୭ରେ ତାଙ୍କ ଅକାଳ ବିୟୋଗ ପରେ ଟିଟିଲାଗଡ଼ ମାଟିର କଳାକାରଙ୍କ ସହ ସଭିଙ୍କ ମଧ୍ୟରେ ବିରସ ଭାବ। ଏହି ଦୁଃଖରେ ସମଗ୍ର ରାଜ୍ୟର କଳାକାର ସାମିଲ ହୋଇଛନ୍ତି। ଏନେଇ ଆସନ୍ତା ୭ରେ କଳାକାର ଏକତା ମଞ୍ଚ, ଓଡ଼ିଶା ପକ୍ଷରୁ ଟିଟିଲାଗଡ଼ ବାଳକ ହାଇସ୍କୁଲ ପଡ଼ିଆଠାରେ ଏକ ବିଶାଳ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହେବ। ସାରା ରାଜ୍ୟର ବିଶିଷ୍ଟ କଳାକାର ଯୋଗଦେବେ। ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ କଳାକାର ରାଜେଶ ପ୍ରଧାନ, ବିଶିଷ୍ଟ କଣ୍ଠଶିଳ୍ପୀ ରୁକୁ ସୁନା, ଗଗନ ବାଗ ଯୋଗ ଦେଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳର କଳାକାର ଟିଟିଲାଗଡ଼ଠାରେ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି ପାଇଁ ଆସିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ଆୟୋଜନ ପାଇଁ ଟିଟିଲାଗଡ଼ର କଳାକାରଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଟିଟିଲାଗଡ଼ଠାରେ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସଭିଙ୍କ ମତ ରହିଛି। ଏନେଇ ଟିଟିଲାଗଡ଼ର କଳାକାର ବୃନ୍ଦ ଟିଟିଲାଗଡ଼ ଅଞ୍ଚଳବାସୀଙ୍କ ସହଯୋଗ ଲୋଡିଛନ୍ତି। ଏହି ଅବସରରେ ଉପସ୍ଥିତ ବିଜେପି ନେତା ନରସିଂ ସିଂ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତଥା ରାଜ୍ୟ ସରକାରଙ୍କ ଅନେକ ମନ୍ତ୍ରୀ, ବିଧାୟକ ତଥା ଦଳ ମତ ନିର୍ବିଶେଷରେ ସମସ୍ତ ହ୍ୟୁମାନ ପ୍ରେମୀଙ୍କୁ ଟିଟିଲାଗଡ଼ ଅଞ୍ଚଳବାସୀଙ୍କ ପକ୍ଷରୁ ଏହି ଶ୍ରଦ୍ଧାଞ୍ଜଳି ସଭା ପାଇଁ ନିମନ୍ତ୍ରଣ କରାଯାଇଛି। ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ହ୍ୟୁମାନ ସାଗରଙ୍କ ସ୍ମୃତି ରକ୍ଷା ପାଇଁ ତାଙ୍କ ବିଭାଗ ବିଶେଷ ଧ୍ୟାନ ଦେବ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ କଳାକାର ରଞ୍ଜନ ପଟ୍ଟନାୟକ, ନିରୋଜ ପଟ୍ଟନାୟକ, ଜ୍ୟୋତି ବିଶି, ଆଦିତ୍ୟ ଷଡ଼ଙ୍ଗୀ, ଜ୍ୟୋତି ହରପାଲ ପ୍ରମୁଖ ଉପସ୍ଥିତ ଥିଲେ।

# ହ୍ୟୁମାନ ସାଗରଙ୍କ ସ୍ମୃତିସଭା

ବଲାଙ୍ଗିର, ୨।୧୨(ସମିସ): ସ୍ଥାନୀୟ ଶାସ୍ତ୍ରୀନଗର ଆଶ୍ରା ଆଶ୍ରମରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଡ. ବି.ଆର. ଆମ୍ବେଦକର ସେବା ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନିଲ ମୁଗ୍ରୀ, ସ୍ୱାଗତ କୁମ୍ଭାର, ପିଣ୍ଟୁ କୁମ୍ଭାର, ପ୍ରିୟଙ୍କା କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## ଚୁଲିଫୁଙ୍କାରେ ମହାଲକ୍ଷ୍ମୀ ପୂଜା ପାଇଁ କଳସଯାତ୍ରା

କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୨।୧୨(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଚୁଲିଫୁଙ୍କା ଗାଁରେ ୧୭ ତମ ମହାଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିବ ମନ୍ଦିର ଦେବ ବନ୍ଧ ପୋଖରୀରୁ କଳସ ଆଣି ପୂଜାସ୍ଥଳରେ ସ୍ଥାପନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଜୟଚନ୍ଦ୍ର ବେହେରା ଓ ତାଙ୍କ ପତ୍ନୀ ପୂର୍ଣ୍ଣାବତୀ ବେହେରା ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ଡ ନାରାୟଣ ମିଶ୍ର, ହୃଷିକେଶ ଦାଶ, ଆର୍ତ୍ତତ୍ରାଣ ଦାସ, ପ୍ରତାପ ଦାସ, ରୋହିତ ଦାସ ଦାୟିତ୍ୱ ନିର୍ବାହ



କରିଥିଲେ। ଆୟୋଜକ କମିଟିର ଆବାହକ ତଥା ପୂର୍ବତନ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷ ଗୁରୁଚରଣ ବେହେରା, ଆୟୋଜକ ସୁଶାନ୍ତ ବେହେରା, ସଭାପତି ରତ୍ନମଣୀ ବେହେରା, ସମ୍ପାଦକ ସତ୍ୟ ପୁଟେଲ, ଉପଦେଷ୍ଟା କପିଳ ବେହେରା, ଭିକାରି ଚରଣ ବେହେରା, ଶମ୍ଭୁ ଶଙ୍କର ବେହେରା, ଶମ୍ଭୁ ପୁଟେଲ, ଅବେଦ ବେହେରା, ସଦସ୍ୟ ପ୍ରଫୁଲ୍ଲାଲ ବେହେରା, ବନମାଳି ପୁଟେଲ, ଧନିରାମ ପୁଟେଲ, ହରେକୃଷ୍ଣ ପୁଟେଲ, ମହେନ୍ଦ୍ର ଭୋଇ, ହରେକୃଷ୍ଣ ବେହେରା, ଜିତେନ୍ଦ୍ର ବେହେରା, ପ୍ରମୋଦ ବେହେରା, କୁଶ ବେହେରା, ବୈଷ୍ଣ ଜାନି, ପ୍ରମୋଦ ବେହେରା, ରୁପେଶ ବେହେରାଙ୍କ ସହ ଆୟୋଜକ କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବୁଧବାର ପୂଜା ଆରମ୍ଭ ହୋଇ ଶନିବାର ଶେଷ ହେବ।

# ବିଧାନସଭାରେ ଦାଦନ ପ୍ରସଙ୍ଗ ଉଠାଇଲେ କଳିକେଶ

ବଲାଙ୍ଗିର, ୨।୧୨(ସମିସ)

ବଲାଙ୍ଗିର ଜିଲ୍ଲାରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ବେଆଇନ ମାନବଚାଲାଣ ହୋଇଚାଲିଛି। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଉଛି। ତେବେ ଏହି ପ୍ରସଙ୍ଗକୁ ନେଇ ବିଜେଡି ବିଧାୟକ କଳିକେଶ ନାରାୟଣ ସିଂଦେଓ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ସେ ପ୍ରଶ୍ନ କରିଛନ୍ତି। ଏକ ଅଣତାରକା ପ୍ରଶ୍ନ-ୟୁଡି-୬୨୫ ମାଧ୍ୟମରେ ବଲାଙ୍ଗୀର ଜିଲ୍ଲାରୁ ବେଆଇନ ମାନବଚାଲାଣ ହେଉଥିବା ଓ ଏହାକୁ ରୋକିବାକୁ ରାଜ୍ୟସରକାର କ'ଣ ପଦକ୍ଷେପ ନେଉଛନ୍ତି ତଥା ଉଦ୍ଧାର ଶ୍ରମିକଙ୍କ ଥଇଥାନ ପାଇଁ କ'ଣ ସବୁ ବ୍ୟବସ୍ଥା କରାଯାଇଛି ସେ ନେଇ କଳିକେଶ ପ୍ରଶ୍ନ କରିଛନ୍ତି। ଗତ କିଛିଦିନ ତଳେ କଣ୍ଟାବାଞ୍ଜିର ଜଣେ ସର୍ଦ୍ଦାରଙ୍କ ଘରୁ ଚାଲାଣ ହେବାକୁ ଥିବା ୧୪ଜଣ ଶିଶୁ ସମେତ ୫୫ଜଣଙ୍କୁ ଉଦ୍ଧାର କରାଯାଇଥିଲା। ମୁଖ୍ୟତଃ ସେହି ପ୍ରସଙ୍ଗରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ସେନେଇ ମୁଖ୍ୟମନ୍ତ୍ରୀଙ୍କୁ ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଏହାର ଉତ୍ତର ରଖିଥିଲେ।



କଣ୍ଟାବାଞ୍ଜିର ଆନନ୍ଦନଗର ପଡ଼ାର ବ୍ରଜେଶ ବେହେରା ଓ ତାଙ୍କ ଭାଇ ପ୍ରକାଶ ବେହେରାଙ୍କ ଘରେ ପୁଲିସ ଚଢଉ କରି ୧୪ଜଣ ଶିଶୁ ସମେତ ୫୫ଜଣ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ସେହି ଘଟଣାରେ ଉଭୟ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥଲେ। ତାଙ୍କ ଘରୁ ଏକ ଅନେକ ଶ୍ରମିକମାନଙ୍କ ଆଧାରକାର୍ଡ, ଲାପଟପ ସହ ୧ଲକ୍ଷ ୬୭ ହଜାର ଟଙ୍କା ଜବତ କରାଯାଇଥିଲା। ଉଭୟ ବେଆଇନ ଭାବରେ ଶ୍ରମିକ ଚାଲାଣ କରିବାକୁ ତାଙ୍କ ଘରେ ଶ୍ରମିକଙ୍କୁ ରଖିଥିବା ଜଣାପଡ଼ିଥିଲା। କଣ୍ଟାବାଞ୍ଜି ଥାନାରେ ମାମଲା ରୁଜୁ କରି ତଦନ୍ତ ଚାଲୁ ରହିଛି। ଅଭିଯୁକ୍ତମାନେ ହାଇକୋର୍ଟ ନିର୍ଦ୍ଦେଶ ବଳରେ ଜାମିନରେ ଅଛନ୍ତି ବୋଲି ଉତ୍ତର ରଖାଯାଇଛି। ତେବେ ଶ୍ରମ ବିଭାଗ, ମହିଳା ଶିଶୁ କଲ୍ୟାଣ ବିଭାଗ, ପଞ୍ଚାୟତ ପ୍ରତିନିଧି ଓ ଏନଜିଓମାନଙ୍କ ମିଳିତ ପ୍ରୟାସରେ ଲୋକଙ୍କୁ ସଚେତନ କରାଯାଉଛି। ଜିଲ୍ଲାସ୍ତରରେ ଡିଏସପି ଓ ଇନ୍ସପେକ୍ଟରଙ୍କୁ ନେଇ ଗଠିତ ବିଭାଗ ମାନବ ଓ ଶିଶୁଚାଲାଣ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ନେଉଛନ୍ତି। ଉଦ୍ଧାର ଶିଶୁ ଓ ଲୋକଙ୍କୁ ସର୍ଟ ଷ୍ଟେ ହୋମରେ ରଖାଯାଇ ଖାଦ୍ୟ ଦେବା ସହ କାଉନସେଲିଂ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି।

# ୩ ବର୍ଷ ହେଲା ଖୋଲୁନି ଫାଟକ

କେସିଙ୍ଗା,୨।୧୨(ସମିସ)



କଳାହାଣ୍ଡି ଜିଲ୍ଲାର କେସିଙ୍ଗାରେ ଏନ୍‌ଏଚ ୨୬ ଉପରେ ମାଁ ଅମ୍ବେଜି ମନ୍ଦିର ପାଖରେ ଥିବା ଫାଟକ ଆଜିକୁ ପ୍ରାୟ ତିନି ବର୍ଷ ହେଲାଣି ସେମିତି ପଡ଼ିରହିଛି। ତିନି ବର୍ଷ ଆଗରୁ ଅତି ସୁନ୍ଦର ଭାବରେ ଫାଟକ ଟ୍ରେନ ଆସିବା ସମୟରେ ପଡୁଥିଲା ଟ୍ରେନ ପାରି ହେଲେ ଫାଟକ ଖୋଲୁଥିଲା।ଅଞ୍ଚଳବାସୀ ଓ ମୁଖ୍ୟତଃ ଆମ୍ବୁଲାନ୍ସକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏହି ସବୁ ସମସ୍ୟାକୁ ଆଖିଆଗାରେ ରଖି ଅଞ୍ଚଳବାସୀ ଏକ ଅଣ୍ଡର ବ୍ରିଜ କିମ୍ବା ଏକ ଓଭର ବ୍ରିଜ ପାଇଁ ଅନେକ ଦିନ ଆନ୍ଦୋଳନ କଲାପରେ ରାଜ୍ୟ ସରକାର ଓ ରେଳବିଭାଗର ସହଯୋଗରେ ଅଣ୍ଡର ବ୍ରିଜ ନିର୍ମାଣ କରାଗଲା ଯାହା କେସିଙ୍ଗା ପାଇଁ ସେତେବେଳେ ଏକ ବରଦାନ ସାବିତ ହୋଇଥିଲା।ହେଲେ ଅଣ୍ଡର ବ୍ରିଜ ରାସ୍ତା ଉଦ୍‌ଘାଟନ ହେବା ପରେ ପରେ ଫାଟକକୁ ରେଳ ବିଭାଗ ପୁରାପୁରି ବନ୍ଦ କରିଦେଲା ଯାହା ଆଜିକୁ ପ୍ରାୟ ୩ ବର୍ଷ ହେଲାଣି ବନ୍ଦ ରହିଛି।ହେଲେ ଉକ୍ତ ଫାଟକରେ ଆଠ ଘଣ୍ଟା ହିସାବରେ ଦିନକୁ ତିନିଜଣ ରେଳ ବିଭାଗର କର୍ମଚାରୀ ଡ୍ୟୁଟି କରୁଥିବା ବର୍ତ୍ତମାନ ମଧ୍ୟ ଦେଖିବାକୁ ମିଳୁଛି ସେହି କର୍ମଚାରୀମାନେ ଆଗରୁ ଟ୍ରେନ ଆସିଲେ ଫାଟକ ପାଉଥିଲେ ଟ୍ରେନ ଗଲେ ଫାଟକ ଉଠାଇଥିଲେ ହେଲେ ବର୍ତ୍ତମାନ କିଛି କାମ କରୁନାହାନ୍ତି କିନ୍ତୁ ଡ୍ୟୁଟି କରୁଥିବା ଦେଖିବାକୁ ମିଳୁଛି ରେଳ ବିଭାଗ ଦରମା ମଧ୍ୟ ଦେଉଛି। ଅନ୍ୟପଟେ ରେଳ ବିଭାଗ କହିଛି ଫାଟକ ନ ଖୋଲିବାର କାରଣ କୁଆଡେ କିଛି ଟେକ୍ନିକାଲ ଦୋଷ ଅଛି ଯଦି କିଛି ଟେକ୍ନିକାଲ ଦୋଷ ଅଛି ତାହାହେଲେ ତାହାକୁ ତିନି ବର୍ଷ ପରେ ମଧ୍ୟ କାହିଁକି ଠିକ କରାଯାଉନାହିଁ ତାହା ଅଞ୍ଚଳର ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି।ସେପଟେ ଫାଟକ ବନ୍ଦ ଥିବାରୁ ଏନ୍ ଏଚ ଉପରେ ଚାଲୁଥିବା ସମସ୍ତ ଛୋଟ ବଡ଼ ଗାଡ଼ି ଅଣ୍ଡର ବ୍ରିଜ ତଳେ ଯିବା ଆସିବା କରୁଥିବାରୁ ଅନେକ ସମୟରେ ରାସ୍ତା ଖରାପ ହେଉଛି। ଗଣମାଧ୍ୟମରେ ଖବର ପ୍ରସାରଣ ହେଲେ ବିଭାଗ ଆସି ଥୁକ୍ ପଲିସ କାମ କରି ନିଜ କାମ ସାରିଦେଉଛି।ପରେ ୧୫ ଦିନ ପରେ ରାସ୍ତା ଯଥା ପୂର୍ବମ ତଥା ପରମ ହେଇ ଯାଉଛି।ଯଦି ଫାଟକ ଖୋଲିବାରେ କିଛି ଦୋଷ ଅଛି ତାହାହେଲେ ରେଳ ବିଭାଗ କାହିଁକି ତିନି ବର୍ଷ ହେଲାଣି ଠିକ କରିପାରୁ ନାହିଁ ତାହା ରେଳ ବିଭାଗ ପାଖରେ ମଧ୍ୟ ଜବାବ ନାହିଁ।ଯଥା ଶୀଘ୍ର କଣ ଦୋଷ ତ୍ରୁଟି ଅଛି ଶୀଘ୍ର ମରାମତି କରି ଫାଟକ ଖୋଲିବା ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି।

## ୨୨ରେ 'ପ୍ରକୃତି ବଞ୍ଚାଅ ସୁସ୍ଥ ରୁହ' ବାର୍ତ୍ତା ନେଇ ପୁରୀ ପଦଯାତ୍ରା

ଭବାନୀପାଟଣା,୨।୧୨(ସମିସ): ଆସନ୍ତା ୨୨ ତାରିଖରେ 'ପ୍ରକୃତି ବଞ୍ଚାଅ ସୁସ୍ଥ ରୁହ' ଭଳି ସଚେତନମୂଳକ ବାର୍ତ୍ତା ପ୍ରସାର ପାଇଁ ଜଗନ୍ନାଥ ନିକଟକୁ ପାଦରେ ଚାଲି ଚାଲି ଶ୍ରୀକ୍ଷେତ୍ରଧାମ ପୁରୀ ଯାତ୍ରା କରିବାକୁ ସଂକଳ୍ପ କରିଛନ୍ତି। ପଦଯାତ୍ରା ୨୨ ଡିସେମ୍ବର ୨୦୨୫ ତାରିଖରେ ଆରମ୍ଭ ହେବ। ସମ୍ଭବତଃ ୧୦ ଜାନୁଆରୀ ୨୦୨୬ରେ ଯାତ୍ରା ସମାପନ ହେବ ଆଶା କରାଯାଉଛି।

ପଣ୍ଡିତ ମଙ୍ଗୁଲୁ ମିଶ୍ରଙ୍କ ନେତୃତ୍ୱରେ ୧୪ଜଣ ଶ୍ରଦ୍ଧାଳୁ ପଦଯାତ୍ରାରେ ସାମିଲ୍ ହୋଇଛନ୍ତି। ରବିବାର ସନ୍ଧ୍ୟାରେ ଶ୍ରୀ ରାଧାକୃଷ୍ଣ ମନ୍ଦିର ଭୋଗ ମଣ୍ଡପରେ ପଣ୍ଡିତ ମଙ୍ଗୁଲୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ବିଷୟ ଆଲୋଚନା ହୋଇଥିଲା।ସମ୍ପାଦକ ଭାବରେ କମ୍ବୁପାଣି ପରିଛା ଆଲୋଚନାରେ ଅଂଶ ଗ୍ରହଣ କରି ପଥ ସାରଣୀ ଉପସ୍ଥାପନ କରିଥିଲେ। ତ୍ରିନାଥ ସେଠୀ, ଅଭିମନ୍ୟୁ ପ୍ରଧାନ, ସୀତାକାନ୍ତ ପ୍ରଧାନ,ପୁରୁଷୋତ୍ତମ ପ୍ରଧାନ, ଘାସିରାମ ଜେନା, ମଧୁସୂଦନ ବେହେରା, ନଗେନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକଙ୍କ ଦାବିପତ୍ର


ଧର୍ମଗଡ,୨।୧୨(ସମିସ): ପ୍ରାଥମିକ ଶିକ୍ଷକ ମହାସଂଘ (ନୂତନ ପେନସସନ ସ୍କିମ୍) ଧର୍ମଗଡ ବ୍ଲକ୍ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବି ଦୁଇଟି ମଧ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କର ମୂଳ ପଦବୀକୁ ଅପଗ୍ରେଡ କରି ଲେଭୁଲ-୯ ଅନୁଯାୟୀ ମୂଳ ବେତନ ୩୫୪୦୦ ଟଙ୍କା ପ୍ରଦାନ କରିବା ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହା ଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ଜାତୀୟ ଇନକ୍ରିମେଣ୍ଟ ପ୍ରଦାନ କରିବା ଆଦି ଅନ୍ତର୍ଭୁକ୍ତ। ନୂତନ ପେନସନ ଯୋଜନା ଭୁକ୍ତ କାର୍ଯ୍ୟରତ ଶିକ୍ଷକମାନେ ଦରମା, ମହଙ୍ଗା ଭତ୍ତା ଓ ଅନ୍ୟାନ୍ୟ ସେବା ସୁବିଧାରେ ଅସମତାର ସମ୍ମୁଖୀନ ହେଉଛନ୍ତି। ନିଯୁକ୍ତି ପତ୍ରରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ଥିବା ସତ୍ତ୍ୱେ ଶିକ୍ଷକମାନେ ପୂର୍ଣ୍ଣାଙ୍ଗ ଦରମା ଓ ଅନ୍ୟାନ୍ୟ ସୁବିଧା ପାଇ ପାରୁନାହାନ୍ତି।

ବିଶେଷକରି ୨୦୦୫ ପରେ ନିଯୁକ୍ତ ଶିକ୍ଷକମାନେ ସେବାନିବୃତ୍ତି ସାମାଜିକ ସୁରକ୍ଷାରେ ଗୁରୁତର ଅସୁବିଧା ଭୋଗୁଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସରକାରଙ୍କ ସହିତ ସଂଗଠନ ତରଫରୁ ବହୁବାର ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଦାବିପୂରଣ ନ ହେଲେ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଆସନ୍ତା ୫ତାରିଖ ଠାରୁ ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନକୁ ଜାରି ରଖିବେ ବୋଲି ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ଚୁଡାନ୍ତ ନିଷ୍ପତ୍ତି ନିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଆବାହକ ବଙ୍କିମ ଚନ୍ଦ୍ର ସାଗର,ଗିରିଧାରୀ ସାହୁ,ବଟକୃଷ୍ଣ ପାତ୍ର,ଚକ୍ରଧର ପ୍ରଧାନ,ସରୋଜ କୁମାର ଧଙ୍ଗଡା ମାଝି,ରାଜେନ୍ଦ୍ର ଦୁରିଆ,ମଧୁସୂଦନ ମଙ୍ଗରାଜ,ପ୍ରସନ୍ନ ଲେଙ୍କା,ମନୋଜ କୁମାର ଖମାରୀଧୀରେନ୍ଦ୍ର ସୁନାନୀ,ହରେକୃଷ୍ଣ ଡଙ୍ଗରି,ଦେବର୍ଷି ଜାଲ,ନରେନ୍ଦ୍ର ଜଗତ,ଭାରତ ବନ୍ଧୁ ସୁନାନୀ, ରମଣୀ ରଂଜନ ଦୁର୍ଗା ସମେତ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ଏବିଇଓ ବିଶ୍ୱଜିତ ବେହେରାଙ୍କୁ ପ୍ରଦାନ କରିଥିଲେ।

● ବୀର ହନୁମାନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ପ୍ରଥମ ଦିବସରେ କର୍ଲାକୋଟ ବିଜେତା

କଲମପୁର,୨।୧୨(ସମିସ):କଳାହାଣ୍ଡି ଜିଲ୍ଲା କଲମପୁର ମିନି ଷ୍ଟାଡିୟମରେ ପଞ୍ଚ ଦିବସୀୟ ବୀର ହନୁମାନ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। କଲମପୁର ଲଙ୍କେଶ୍ୱରୀଙ୍କ ମନ୍ଦିରରୁ ମଶାଳ ବାହାରି ନିର୍ମାଲ୍ୟକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଥିଲା। ସେଠାରୁ ପୂଜାର୍ଚ୍ଚନା ପରେ ମିନି ଷ୍ଟାଡିୟମରେ ପହଞ୍ଚି ଥିଲା।ସମାଜସେବୀ ସୁଶିଲ ଜୈନ, ଘନଶ୍ୟାମ ନାଏକ,ଚେରୁ ନାଏକ ପ୍ରମୁଖ ସଦଳବଳେ ମଶାଲ ଧାରଣ କରି ପାଛୋଟି ନେଇଥିଲେ।ପ୍ରଥମ ମ୍ୟାଚ୍ ଦାସିଗାଁ ବନାମ ବର୍ଚ୍ଚି ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ଦାସିଗାଁ ବିଜୟ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚ୍ କର୍ଲାକୋଟ ଓ ଭଗତପୁର ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ କର୍ଲାକୋଟ ବିଜୟ ହାସଲ କରିଥିଲା, ତୃତୀୟ ମ୍ୟାଚ୍ ପ୍ରଥମ ମ୍ୟାଚର ବିଜେତା ଦାସିଗାଁ ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା କର୍ଲାକୋଟ ଏକାଦଶ ମଧ୍ୟରେ ହୋଇଥିଲା।ଏଥିରେ କର୍ଲାକୋଟ ବିଜୟ ହାସଲ କରିଛି। ପ୍ରଥମ ଦିବସର ଖେଳ ପରି ସମାପ୍ତି ହୋଇଥିବା ବେଳେ ଆସନ୍ତା କାଲି ଦ୍ୱିତୀୟ ଦିବସ ଖେଳ ଆୟୋଜିତ ହେବ। କ୍ଷିରୋଦ ଶବର,ଜୟନ୍ତ ବନ୍ଦିଛୋଡ ,ଟୁନା ଶବର ଖେଳ ପରିଚାଳନା କରିଥିବା ବେଳେ, ନୀଳକଣ୍ଠ ନାଏକ,ସୁରେଶ ବନ୍ଦିଛୋଡ,ରାମ ତେଜି ଧାରା ବିବରଣୀ ପ୍ରଦାନ କରିଥିଲେ, ବୀର ହନୁମାନ ଫୁଟବଲ ଟୁର୍ଣ୍ଣାମେଣ୍ଟର ସଭାପତି ଚେରୁ ନାଏକଙ୍କ ସମେତ ସୋନୁ ଅଲ୍ଲୀ,ବଣ୍ଟି ମିଶ୍ର,ରଜନୀ ପଟେଲ,ସୌରଭ ନାଏକ,କୁନ୍ଦନ ନାଏକ,ତୃଷାନ୍ତ ନାଏକ,ପପୁ ମାଝୀ,ମିଳନ ମାଝୀ, ନିର୍ମଳ ନାଏକ ,ଟଙ୍କ ନାଏକ,ବର୍ଜୁ ଦୀପ, ଲିଙ୍ଗରାଜ ବେମାଲ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତାମାନେ ଆୟୋଜନର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରିଣ୍ଟ ମିଡିଆ ଆସୋସିଏସନର ସଭାପତି ସୁରେନ୍ଦ୍ର କୁମାର ନାଏକ ଓ ସାଧାରଣ ସମ୍ପାଦକ ଶେଷଦେବ ନାଏକ ସହଯୋଗ କରିଥିଲେ।



## ବିଶ୍ୱ ଏଡ୍‌ସ ଦିବସ ପାଳିତ




କର୍ଲାମୁଣ୍ଡା,୨।୧୨(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡାସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଆ ବିଭାଗର ଅଧ୍ୟାପିକା ସୀତା ରତାଇ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଦୁଷ୍ମନ୍ତ ମିର୍ଦ୍ଧା, ଅଧ୍ୟାପକ ନୀଳାମ୍ବର ପାତ୍ର, ଅଧ୍ୟାପକ ତାପସ ରଂଜନ ସାହୁ, ଅଧ୍ୟାପିକା ଲିମା ପଧାନ ଯୋଗଦେଇ "ବିଘ୍ନକୁ ଜୟ କରିବା,ଏଡ୍‌ସ ପ୍ରତିକ୍ରିୟାକୁ ରୂପାନ୍ତର କରିବା' ପ୍ରସଙ୍ଗକୁ ନେଇ ଆଲୋକପାତ କରିଥିଲେ। ଉକ୍ତ ସଭାରେ ରେଡ୍‌କ୍ରସ୍ ପ୍ରୋଗ୍ରମ୍ ଅଫିସର ଅଧ୍ୟାପକ ଗିରୀରାଜ ଗହୀର ସ୍ୱାଗତ ଭାଷଣ ଓ ଏଡ୍‌ସ ରୋଗର ଭୟାବହତା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଅଧ୍ୟାପକ ନୀଳାମ୍ବର ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରୋଗ୍ରାମ ଅଫିସର ଶ୍ରୀଗହୀରଙ୍କ ତତ୍ତ୍ୱାବଧାନରେ ସଚେତନ ରାଲି ଅନୁଷ୍ଠିତ ହୋଇଥିଲା।ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଡ୍‌ସ ସଚେତନତା ଧର୍ମୀ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗ୍ରନ୍ଥାଗାରିକ ଚିନ୍ମୟ ରଣା, ଜଗଦୀଶ ଭୋଇ, ନାରାୟଣ ଗହୀର, ଯୋଗେନ୍ଦ୍ର ବେହେରା, ପାଣ୍ଡବ ହରିଜନ ଓ କଳ୍ପନା ରଣା ପ୍ରମୁଖ ସହଯୋଗ କରିଥିଲେ।

● ଲଡୁଗାଁ କଲେଜ

କୋକସରା: କୋକସରା ବ୍ଲକ୍ ଲଡୁଗାଁ ହାୟର ସେକେଣ୍ଡାରୀ ସ୍କୁଲ, ଯୁବ ରେଡକ୍ରସ ଓ ରେଡ୍ ରିବନ କ୍ଲବ ଆନୁକୂଲ୍ୟରେ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଛି। ଏହି ଅବସରରେ ୧୬୦ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏଡ଼ସ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ସଞ୍ଜୟ ପୁରୋହିତଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଡ଼.ନିହାର କାନ୍ତ ପଣ୍ଡା, ମୁଖ୍ୟବକ୍ତା ଅଧ୍ୟାପକ ଶଙ୍କର ସତନାମୀ, ଅଙ୍କିତା ଖୁରା, ପ୍ରଶାନ୍ତ ଯୋଷୀ, ସରୋଜ ପ୍ରଧାନ, ଭାରତ ଭୂଷଣ ଠାକୁର, ଭାଗବତ କଟା, ବିରେନ୍ଦ୍ର ନାରାୟଣ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଏଡ଼ସକୁ ଜାଣିଲେ ହିଁ ଏଡ଼ସକୁ ଜିଣିବା ତଥା ଯୁବସମାଜ ଏଡ଼ସକୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ଶ୍ରୀ ପୁରୋହିତ ଏଡ଼ସର କାରଣ ଓ ନିରାକରଣ ବିଷୟରେ ବୁଝାଇ ଥିବାବେଳେ ଭାରତ ଭୂଷଣ ଠାକୁର ରକ୍ତ ଭିତରେ ଏଡ଼ସର ପ୍ରଭାବ ବିଷୟରେ ଧାରଣା ଦେଇଥିଲେ। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ବିରଞ୍ଚନ ସାହୁ, ତୁଳସୀ ବାଗ, ଦିବାକର ଦୁର୍ଗା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




## କୁଶୁର୍ଲା କପ୍ ନକ ଆଉଟ ଫୁଟବଲ ; ରଜାପଡା ଚାମ୍ପିଅନ

କର୍ଲାମୁଣ୍ଡା,୨।୧୨(ସମିସ):କର୍ଲାମୁଣ୍ଡା ବ୍ଲକ୍ କୁଶୁର୍ଲା ହରଗୌରୀ ଯୁବକ ସଂଘ ପକ୍ଷରୁ କୁଶୁର୍ଲା କପ ୨୦୨୫ ନକ୍ ଆଉଟ ଫୁଟବଲ ମ୍ୟାଚ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ରଜାପଡା ଓ ଟକର୍ଲା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଅମିମାଂସିତ ରହିବାରୁ ଟ୍ରାଏବେକର ସହଯୋଗ ନିଆଯାଇଥିଲା। ରଜାପଡା ଦଳ ୩-୨ ଗୋଲରେ ଚମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ୍ ସାହୁ,ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ,ନର୍ଲା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଜୋରାଡ଼ବରା ସରପଞ୍ଚ ଖିତିସୁତା ସାହୁ,ମେରା ଯୁବ ଭାରତ କଳାହାଣ୍ଡିର ଜିଲ୍ଲା ସଂଯୋଜକ ପ୍ରସନ୍ନ ମେହେର,ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ବୈଦ୍ୟନାଥ ବେହେରା,ବଦ୍ରୀନାଥ ପାତ୍ର ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିବା ସହ ଫୁଟବଲ ମ୍ୟାଚର ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ଅର୍ଥ ରାଶୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ସଭା ଯୁଗଳ ନାଗ ଓ ସନ୍ତୋଷ ସୁନା ସଂଯୋଜନା କରିଥିଲେ। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଅଧିନସ୍ଥ ମୋ ଭାରତ କଳାହାଣ୍ଡି ଶାଖା ସହାୟତା ଗତ ରବିବାର ଠାରୁ ହରଗୌରୀ ଯୁବକ ସଂଘ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିଥିଲେ। ହରଗୌରୀ ଯୁବକ ସଂଘ ସଭାପତି ଯୋଗେଶ ଜାନୀ, ସମ୍ପାଦକ ସନ୍ତୋଷ ରଣା,ସ୍ୱେଚ୍ଛାସେବୀ ସନତ ସାହୁଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।




## କିସ୍ ଅଭିଭାବକଙ୍କ ପକ୍ଷରୁ ବୈଠକ


ଭବାନୀପାଟଣା,୨।୧୨(ସମିସ): ଭବାନୀପାଟଣା ବ୍ଲକ୍ ବାଦିଲିଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟ ପରିସରରେ ଆଗକୁ ହେବାକୁ ଯାଉଥିବା ଜିଲ୍ଲାସ୍ତରୀୟ ଅଭିଭାବକ ସମ୍ମିଳନୀ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଆୟୋଜିତ ହେଇଯାଇଛି। ବୈଠକରେ ମୁଖ୍ୟଅତିଥି ଆଦିବାସୀ ନେତା ପରମାନନ୍ଦ ମାଝୀ ସମ୍ମାନିତ ଅତିଥି, ଗଙ୍ଗାଧର ଶବର ମୁଖ୍ୟବକ୍ତା, ଅଧ୍ୟାପକ ନୀଳାମ୍ବର ପାତ୍ର ସମେତ ୧୩ଟି ବ୍ଲକର କିସ ଅଭିଭାବକ ଓ କିସର ପୂରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କିସ୍‌ର କାର୍ଯ୍ୟନିର୍ବାହୀ ପ୍ରଶିକ୍ଷାର୍ଥୀ ସିଦ୍ଧାନ୍ତ ମାଝୀ ସ୍ୱାଗତ ଅଭିଭାଷଣ ସହ ଉପସ୍ଥିତ ସମସ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପ୍ରତିବର୍ଷ ଡିସେମ୍ବରରେ ଅଭିଭାବକ ସମ୍ମିଳନୀ ଭୁବନେଶ୍ୱର କିସ୍‌ରେ ହୋଇ ଆସୁଥିଲା କିନ୍ତୁ ଚଳିତ ବର୍ଷ ପ୍ରତି ଜିଲ୍ଲାରେ ଆୟୋଜନ କରାଯିବ। ସମ୍ମାନିତ ଅତିଥି ଶ୍ରୀ ଶବର ୧୩ଟି ବ୍ଲକ୍‌ରୁ ଆସିଥିବା ସମସ୍ତ ଅଭିଭାବକଙ୍କୁ ନିଜ ବ୍ଲକ୍ ଓ ପଞ୍ଚାୟତରୁ କେମିତି ଅଧିକରୁ ଅଧିକ ସାମିଲ ହେବେ କହିଥିଲେ। ଛାତ୍ର ଡ.ଦିଗାମ୍ବର ପାତ୍ର ଓ ଧନବଳ ମାଝୀ କିସ୍‌ରେ ପାଠ ପଢି କିପରି ସଫଳତା ପାଇ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା କହିଥିଲେ। କିସ୍ ଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। କିସ୍ କଳାହାଣ୍ଡିର ଉପକାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପଧାନ ଧନ୍ୟବାଦ ଦେଇଥିଲେ।

## ୨୨ରୁ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ

ଭବାନୀପାଟଣା,୨।୧୨(ସମିସ) କଳାହାଣ୍ଡିର ଅଗ୍ରଣୀ ନାଟ୍ୟାନୁଷ୍ଠାନ "ସ୍ମାରକୀ ନାଟ୍ୟ ସଂସ୍ଥା" ପକ୍ଷରୁ ଆସନ୍ତା ୨୨ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ସ୍ଥାନୀୟ ଟାଉନ୍ ହଲ୍‌ରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ "ସ୍ମାରକୀ ଜାତୀୟ ନାଟ୍ୟ ମହୋତ୍ସବ-୨୦୨୫" ଅନୁଷ୍ଠିତ ହେବ। ଏହି ମହୋତ୍ସବର ଉଦ୍‌ଘାଟନୀ ଦିବସରେ ନାଟ୍ୟକାର ମନୋଜ ରଥଙ୍କ ରଚିତ ଓ ପ୍ରବୋଧ ରଥଙ୍କ ନିର୍ଦ୍ଦେଶିତ ସ୍ମାରକୀ ନାଟ୍ୟ ସଂସ୍ଥାର ଓଡ଼ିଆ ନାଟକ "ଅବାଞ୍ଛିତ କୁରୁକ୍ଷେତ୍ର' ମଞ୍ଚସ୍ଥ ହେବ। ସେହିଭଳି ମହୋତ୍ସବର ଦ୍ୱିତୀୟ ଦିବସରେ ନାଟ୍ୟକାର ଆଶିଷ ସୋନାରଙ୍କ ରଚିତ ଓ ସତ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ ଶ୍ରୀ କଲଚରାଲ ଆସୋସିଏସନ, ସମ୍ବଲପୁର କ୍ଷର ସମ୍ବଲପୁରୀ ନାଟକ "ସାଧନା'ପ୍ରଦର୍ଶିତ ହେବ। ତୃତୀୟ ଦିବସରେ ନାଟ୍ୟକାର ଜୟନ୍ତ ଦଲବିଙ୍କ ରଚିତ ଓ ମହମ୍ମଦ ନିଜାମଙ୍କ ନିର୍ଦ୍ଦେଶିତ ପଥ୍ ଜାମସେଦପୁରର ହିନ୍ଦୀ ନାଟକ "ସନ୍ଧ୍ୟା ଛାୟା" ମଞ୍ଚସ୍ଥ ହେବ। ସେହିଭଳି ଚତୁର୍ଥ ଦିବସରେ ମଞ୍ଚସ୍ଥ ହେବ ଏସ୍‌ଏମ୍ ଆଜାଦ୍ ଆଲମଙ୍କ ନିର୍ଦ୍ଦେଶିତ ଲିଟିଲ୍ ଥେପସିନ୍, ଦିଲ୍ଲୀର ହିନ୍ଦୀ ନାଟକ "ପତଝଡ"। ଉଦଯାପନୀ ଦିବସରେ ମନୋଜ କୁମାର ଶାହା (ଅବିର)ଙ୍କ ନିର୍ଦ୍ଦେଶିତ ନୟାବାଦ ତିତାସ୍, କଲିକତାର ବଙ୍ଗାଳୀ ନାଟକ "ଆପନ୍ କେ ତେୟୋ" ମଞ୍ଚସ୍ଥ ହେବ। ଏହି ଅବସରରେ ନାଟକ କ୍ଷେତ୍ରରେ କଳାହାଣ୍ଡି ମାଟିକୁ ବିଶେଷ ଅବଦାନ ପାଇଁ ବରିଷ୍ଠରୁ କନିଷ୍ଠ ପାଞ୍ଚପିଢିର ଅଭିନେତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବରିଷ୍ଠ ବର୍ଗରୁ କ୍ରମରେ ବିଶିଷ୍ଟ ଅଭିନେତା ପ୍ରତାପ କିଶୋର ମୁଣ୍ଡ, ସୁରେନ୍ଦ୍ର ନେଗୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାଜେଶ ଦାଶ,ଲିସ୍ମାରାଣୀ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ ଏବଂ ସମ୍ପାଦକ ସୌରଭ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଆଜି ଏ ନେଇ ସ୍ଥାନୀୟ ଲେଖକ କଳା ପରିଷଦ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରବୋଧ ରଥ, ସୌରଭ ମହାପାତ୍ର, ଆଶୁତୋଷ ପୁରୋହିତ, ଆଲୋକ କୁମାର ସାହୁ, କେ. ଗୋପିଧର ନାୟର, ଶୁଭମ ବେହେରାଙ୍କ ସମେତ ସ୍ମାରକୀ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।




### ସମ୍ବର୍ଦ୍ଧିତ ହେବେ ପାଞ୍ଚପିଢିର କଳାକାର



ସକାଳ
THE SAKALA

# ସମ୍ପାଦକୀୟ



ମତାମତ ଜ୍ଞାନ ଓ ଅଜ୍ଞାନ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରେ।
-ପ୍ଲାଟୋ

## କୀର୍ତ୍ତିରେ କଳଙ୍କ ନ ଲାଗୁ

ଶ୍ରୀକ୍ଷେତ୍ର ପୁରୀରେ ମୋଗଲ୍ ଅମଳରେ ଲାଗୁ ହୋଇଥିବା ତୀର୍ଥଯାତ୍ରୀ କରର ଆଂଶିକ ସଂସ୍କରଣ ପୁଣି ଥରେ କାର୍ଯ୍ୟକାରୀ ହୋଇଥିବା ଅଭିଯୋଗ ହୋଇଛି। ଶ୍ରୀମନ୍ଦିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ଦେୟମୁକ୍ତ ରହିଥିଲେ ହେଁ ବେଢ଼ା ଭିତରେ ଥିବା କୋଇଲିବୈକୁଣ୍ଠ, ରୋଷଘର, ରୋହିଣୀକୁଣ୍ଡ, ନୀଳାଚଳ ଉପବନ ଆଦି ଦର୍ଶନ ପାଇଁ ଟିକେଟ୍ ବ୍ୟବସ୍ଥା କରାଯାଇଛି। ସେହିପରି ଶ୍ରୀମନ୍ଦିର ବେଢ଼ା ବାହାରେ ଥିବା ନରେନ୍ଦ୍ର ପୁଷ୍କରିଣୀ, ବେଡ଼ି ହନୁମାନ, ଲକ୍ଷ୍ମୀଙ୍କ ବାପଘର ମନ୍ଦିର, ଚକ୍ର ନୃସିଂହ ମନ୍ଦିର ଭଳି ଏକାଧିକ ଧାର୍ମିକ ଓ ତୀର୍ଥ ସ୍ଥାନ ଦର୍ଶନ ପାଇଁ ଦର୍ଶନାର୍ଥୀଙ୍କ ପିଛା ୧୦ ଟଙ୍କା ଲେଖାଏଁ ଦେବାକୁ ପଡୁଛି। ଦୀର୍ଘ ଛଅ ବର୍ଷ ପରେ ଖୋଲିବାକୁ ଥିବା ଗୁଣ୍ଡିଚା ମନ୍ଦିର ପାଇଁ ମଧ୍ୟ ଦର୍ଶନାର୍ଥୀ ପିଛା ୧୦ ଟଙ୍କାର ଟିକେଟ୍ ବ୍ୟବସ୍ଥା ହୋଇଥିବା ଘୋଷଣା ହୋଇଛି। ଗତ ୧ ତାରିଖରୁ ଏହି ବ୍ୟବସ୍ଥା ଆରମ୍ଭ ହେବାକୁ ଥିଲେ ମଧ୍ୟ ଅନିର୍ଦ୍ଦିଷ୍ଟ କାରଣ ପାଇଁ ସ୍ଥଗିତ ରହିଛି।

ଟିକେଟ୍ ପରିମାଣ ଅଧିକ ନ ହେଲେ ମଧ୍ୟ ଏହି ପରମ୍ପରା ଜଗନ୍ନାଥ ସଂସ୍କୃତିର ପରିପନ୍ଥୀ ବୋଲି ଅଭିଯୋଗ ହୋଇଛି। ମୋଗଲ୍ ଶାସନ କାଳରେ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ଉପରେ ଏଭଳି ଟିକସ ଲଦା ଯାଉଥିବା ବେଳେ ବ୍ରିଟିଶ୍ ଅମଳରେ ଊନବିଂଶ ଶତାବ୍ଦୀରେ ଏହାକୁ ଉଚ୍ଛେଦ କରାଯାଇଥିଲା। ତେଣୁ ଶ୍ରୀକ୍ଷେତ୍ରର ଧାର୍ମିକ ପରମ୍ପରା ପୁଣି ଥରେ ପ୍ରାକ୍ ବ୍ରିଟିଶ୍ ଅମଳକୁ ଚାଲିଯିବ ନାହିଁ ତ ବୋଲି ସ୍ଥାନୀୟ ଅଞ୍ଚଳ ଓ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି ଏବଂ ଉଦ୍‌ବେଗ ପ୍ରକାଶ ପାଇଛି। ଏପରିକି ଶ୍ରୀମନ୍ଦିର ଓ ଜଗନ୍ନାଥ ସଂସ୍କୃତିର ବଜାରୀକରଣ କରାଯିବାର ଉପକ୍ରମ ଆରମ୍ଭ ହୋଇଛି ବୋଲି ଅଭିଯୋଗ ଉଠିଛି।

ଜଗତର ନାଥ ଜଗନ୍ନାଥ ବିଶ୍ୱନିୟନ୍ତା। ତାଙ୍କ ପାଖରେ ଧନୀ-ଗରିବର ସ୍ଥାନ ନାହିଁ। ତେଣୁ ତ ଶ୍ରୀଜଗନ୍ନାଥ ସଂସ୍କୃତି ଅନନ୍ୟ, ପବିତ୍ର ଓ ସର୍ବୋତ୍ତମ। ଶ୍ରୀକ୍ଷେତ୍ରରୁ କେବେ କେହି ଭୋକରେ ଫେରେନାହିଁ। ଭାରତର ପ୍ରାୟ ମନ୍ଦିର ଓ ତୀର୍ଥସ୍ଥଳରେ ଟିକେଟ୍ ବ୍ୟବସ୍ଥା ରହିଥିଲେ ମଧ୍ୟ କୋଟିଏ ରାଜାର ମଉଡ଼ମଣି ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ତେଣୁ କେବେ ସରକାର କିମ୍ବା ପ୍ରଶାସନ ଶ୍ରଦ୍ଧାଳୁଙ୍କଠାରୁ ପାଉଣା ଆଦାୟ କରିବାର ଉପକ୍ରମ କରିନାହାନ୍ତି। ଅଥଚ ଦୀର୍ଘବର୍ଷ ପରେ ଏହି ମହାନ ପରମ୍ପରା ଭାଙ୍ଗିବାକୁ ଯାଉଛି। ମନ୍ଦିର ଓ ଧାର୍ମିକ ସ୍ଥଳରେ ଟିକେଟ୍ ବ୍ୟବସ୍ଥା ଥିବା ରାଜ୍ୟମାନେ ଓଡ଼ିଶା ତୁଳନାରେ ଧନାଢ଼୍ୟ। ଓଡ଼ିଶା ଦାରିଦ୍ର୍ୟର କଷାଘାତ ସହି ଆସୁଥିଲେ ମଧ୍ୟ ଅତିଥି, ଆଗନ୍ତୁକ କିମ୍ବା ତୀର୍ଥଯାତ୍ରୀଙ୍କଠାରୁ ଅର୍ଥ ଆଦାୟ କରିନାହିଁ। କିନ୍ତୁ ରାଜ୍ୟ ପ୍ରଶାସନ ଏବେ ଯେଉଁ ପରମ୍ପରା ଆରମ୍ଭ କରିଛନ୍ତି ତାହା ଶ୍ରୀଜଗନ୍ନାଥ ସଂସ୍କୃତିର ପରିପନ୍ଥୀ ବୋଲି ମତ ପ୍ରକାଶ ପାଉଛି।

ଆମର ଅନୁରୋଧ, ଶ୍ରୀମନ୍ଦିର ପ୍ରଶାସନ ଏଭଳି ଉଦ୍ୟମରୁ ବିରତ ରୁହନ୍ତୁ। ତୀର୍ଥସ୍ଥଳୀ ଓ ଦର୍ଶନୀୟ ସ୍ଥାନଗୁଡ଼ିକର ବିକାଶ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦେଇଥିବାରୁ ସେମାନେ ତୀର୍ଥଯାତ୍ରୀଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏଥିପାଇଁ ପ୍ରତ୍ୟକ୍ଷ ଭାବେ ଦାୟୀ ନ ହେଲେ ମଧ୍ୟ ପରୋକ୍ଷ ଉତ୍ତରଦାୟିତ୍ୱମୁକ୍ତ ହୋଇପାରିବେ ନାହିଁ। ଏହି ପରମ୍ପରା ହୁଏତ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ କାର୍ଯ୍ୟକାରୀ ହୋଇପାରେ। ସମ୍ପ୍ରତି ପାରମାଣବିକ ଦର୍ଶନ ବ୍ୟବସ୍ଥା ରହିଛି ସତ; କିନ୍ତୁ ସାର୍ବଜନିନ ଦର୍ଶନ ଦେୟମୁକ୍ତ ରହିଛି ଏବଂ ତାହା ବଳବତ୍ତର ରହିବା ବାଞ୍ଛନୀୟ। ଏହାର ବ୍ୟତିକ୍ରମ ଘଟିଲେ କୀର୍ତ୍ତିରେ କଳଙ୍କ ଲାଗିବ। ଶ୍ରୀଜଗନ୍ନାଥ କୀର୍ତ୍ତି ଓ ସଂସ୍କୃତି ସଦା ଅମଳିନ ରହୁ। ଜଗନ୍ନାଥଙ୍କ ଓଡ଼ିଶାର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ଉଭୟ ଶାସନ ଓ ପ୍ରଶାସନର ଦାୟିତ୍ୱ ଓ କର୍ତ୍ତବ୍ୟ ●

## ଯାନ ନିରାପତ୍ତାର ନୂଆ ମାନଦଣ୍ଡ

ସଡ଼କ ସୁରକ୍ଷା ନିଶ୍ଚିତ କରିବା ସହିତ ଦୁର୍ଘଟଣା ସଂଖ୍ୟା ଯଥାସମ୍ଭବ ହ୍ରାସ କରିବା ଲାଗି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ନିକଟରେ 'ଭାରତ ନ୍ୟୁ କାର ଆସେସ୍‌ମେଣ୍ଟ ପ୍ରୋଗ୍ରାମ୍(ଭାରତ ଏନ୍‌ସିଏପି)-୨୦୨୩'ର ସଂଶୋଧିତ ଚିଠା ପ୍ରସ୍ତାବ ଜାରି କରିଛନ୍ତି। ଏହା ଆଇନରେ ପରିଣତ ହେଲେ କାର ନିରାପତ୍ତା ସର୍ତ୍ତାବଳୀ କଡ଼ା ହେବ। କାର ନିର୍ମାତା ଏବଂ ଆମଦାନୀକାରୀମାନେ 'ଅଟୋମେଟିଭ୍ ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡ(ଏଆଇଏସ୍)୧୯୭' ଅନୁଯାୟୀ ନିରାପତ୍ତା ବ୍ୟବସ୍ଥା ନିଶ୍ଚିତ କରିବାକୁ ବାଧ୍ୟ ହେବେ।

ଭାରତ ଏନ୍‌ସିଏପି ଲାଗୁ ହେଲେ ସୁରକ୍ଷା ବ୍ୟବସ୍ଥା ଆଧାରରେ କାରଗୁଡ଼ିକୁ ସୁରକ୍ଷା ମାନଦଣ୍ଡ ଆଧାରରେ ଏକତାରକାରୁ ଆରମ୍ଭ କରି ସର୍ବୋତ୍ତମ ପାଞ୍ଚତାରକା ପର୍ଯ୍ୟନ୍ତ ଚିହ୍ନିତ କରାଯିବ। ପୁନେସ୍ଥିତ 'ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୋଡ୍ ଟ୍ରାନ୍ସପୋର୍ଟ' କର୍ତ୍ତୃପକ୍ଷ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରି ଉପରୋକ୍ତ ତାରକା ଚିହ୍ନିତ କରିବେ। ପ୍ରଚଳିତ ସୁରକ୍ଷା ମାନଦଣ୍ଡ ତୁଳନାରେ ଏହା ଆହୁରି ଅଧିକ ଉତ୍ତମ। ବିଶ୍ୱର ଅନେକ ବିକଶିତ ରାଷ୍ଟ୍ର ଏନ୍‌ସିଏପି ବହୁପୂର୍ବରୁ କାର୍ଯ୍ୟକାରୀ କରିସାରିଥିବାରୁ ଭାରତ ପାଇଁ ଏହା ଏକ ଅପରିହାର୍ଯ୍ୟ ଆବଶ୍ୟକତା ଥିଲା। ଏନ୍‌ସିଏପି ୨୦୨୩ରେ 'ଆଡଲ୍ଟ ଅକ୍ୟୁପାଣ୍ଟ ପ୍ରୋଟେକ୍‌ସନ୍(ଏଓପି) ବା ବରିଷ୍ଠଙ୍କ ପାଇଁ ସୁରକ୍ଷା', 'ଚାଇଲ୍ଡ ଅକ୍ୟୁପାଣ୍ଟ ପ୍ରୋଟେକ୍‌ସନ୍(ସିଓପି) ବା ଶିଶୁଙ୍କ ପାଇଁ ସୁରକ୍ଷା' ଏବଂ 'ସେଫ୍ଟି ଆସିଷ୍ଟ ଟେକ୍‌ନୋଲଜି(ଏସ୍‌ଏଟି) ବା ବୈଷୟିକ ସୁରକ୍ଷା ବ୍ୟବସ୍ଥା' ଯାଞ୍ଚ କରାଯାଉଥିଲା। ସଂଶୋଧିତ ଚିଠା ପ୍ରସ୍ତାବରେ ଏଥିସହିତ ଅତିରିକ୍ତ ଭାବେ ସୁରକ୍ଷିତ ଗାଡ଼ିଚାଳନା, ଦୁର୍ଘଟଣା ନିବାରଣ, ଆନୁଷଙ୍ଗିକ ସୁରକ୍ଷା, ଖରାପ ସଡ଼କ ଜନିତ ଗାଡ଼ିଚାଳନାର ସୁରକ୍ଷା, ଦୁର୍ଘଟଣା ପରବର୍ତ୍ତୀ ସୁରକ୍ଷା ବ୍ୟବସ୍ଥା ଆଦି ଯାଞ୍ଚ କରାଯିବ। ଏଥିସହିତ ଅନ୍ୟାନ୍ୟ ବୈଷୟିକ ମାନଦଣ୍ଡ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ସେହିଭଳି ପଦଚାରୀଙ୍କୁ ସୁରକ୍ଷା ଦେବାକୁ ମଧ୍ୟ କାରଗୁଡ଼ିକରେ ଆପତ୍‌କାଳୀନ ବୈଷୟିକ ଜ୍ଞାନକୌଶଳ ବାଧ୍ୟତାମୂଳକ କରାଯାଇଛି।

ଭାରତ ଏନ୍‌ସିଏପି ଅନେକଦୃଷ୍ଟିରୁ ସ୍ୱାଗତଯୋଗ୍ୟ ହେଲେ ମଧ୍ୟରେ ଏଥିରେ ବିକଟାଳ ହର୍ଣ୍ଣକୁ ନିରୁତ୍ସାହିତ କରିବା ପାଇଁ ସର୍ତ୍ତାବଳୀ ଉଦ୍ଦିଷ୍ଟ ନାହିଁ। ଅନେକ ସମୟରେ ଜନଗହଳିପୂର୍ଣ୍ଣ ସ୍ଥାନରେ ବିକଟାଳ ଓ ଉଚ୍ଚଶବ୍ଦଯୁକ୍ତ ହର୍ଣ୍ଣ ମଧ୍ୟ ଦୁର୍ଘଟଣାର କାରଣ ହେଉଛି। ତେଣୁ ସୁରକ୍ଷା ମାନଦଣ୍ଡରେ ଏ ବିଷୟକୁ ସ୍ଥାନିତ କରାଯିବା ଆବଶ୍ୟକ। ଏହାପୂର୍ବରୁ କେନ୍ଦ୍ର ସରକାର ପଥଚାରୀଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଚିଠା ନିୟମ ଜାରି କରିଥିଲେ। ଆମ ମତରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ନିୟମ ଓ କଟକଣାକୁ ସମନ୍ୱିତ କରାଯିବାର ଆବଶ୍ୟକତା ରହିଛି। ●

# ଖାଦ୍ୟବାହିତ ବ୍ୟାଧି ଓ ଜୀବନ ସୁରକ୍ଷା

ବିଦ୍ୟାଧର ମହାରଣା

ଆମେ କ୍ଷୁଧା ନିବାରଣ ଏବଂ ଶରୀରର ପୁଷ୍ଟିସାଧନ ପାଇଁ ନିୟମିତ ବିଭିନ୍ନ ପ୍ରକାରର ଖାଦ୍ୟ ଖାଉ। ଏହି ଖାଦ୍ୟ ଆମେ ନିଜେ କ୍ଷେତରେ ଉତ୍ପାଦନ କରୁ କିମ୍ବା ବଜାରରୁ କିଣିଥାଉ। ଉତ୍ପାଦନ କିମ୍ବା କ୍ରୟ ପରଠାରୁ ଖାଦ୍ୟପ୍ରସ୍ତୁତ କରି ଖାଇବା ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଧି ସୃଷ୍ଟି କରୁଥିବା କବକ କିମ୍ବା ବୀଜାଣୁ ଦ୍ୱାରା ଆମ ଶରୀର ଆକ୍ରାନ୍ତ ହୋଇ ବହୁସମୟରେ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାଏ; ଏପରିକି ପ୍ରାଣଘାତୀ ମଧ୍ୟ ସାବ୍ୟସ୍ତ ହୋଇପାରେ। ଏଣୁ ବର୍ତ୍ତମାନ ନିରାପଦ ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଭାରତରେ ଖାଦ୍ୟ ଅପମିଶ୍ରଣ ହେବାର ମୁଖ୍ୟ କାରଣ ହେଉଛି ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ବ୍ୟବଧାନ। ଅସାଧୁ ବ୍ୟବସାୟୀ ଅଧିକ ଲାଭ ଆଶାରେ ଏବଂ ଖାଦ୍ୟ ସୁରକ୍ଷା ଆଇନ୍‌ର ଦୁର୍ବଳ ରୂପାୟନ ଅଭାବର ଫାଇଦା ନେଇ ବହୁ ଅପମିଶ୍ରଣ ପାଇଁ ଲାଳାୟିତ ହେଉଛନ୍ତି। ଏହାଦ୍ୱାରା ଅଧିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ସହିତ ଆର୍ଥିକ ଚାପ ମଧ୍ୟ ପଡ଼ିଥାଏ। ରାସ୍ତାକଡ଼ରେ ବିକ୍ରି ହେଉଥିବା ଚଟ୍‌ପଟି ଖାଦ୍ୟରେ ବିଭିନ୍ନ ରଙ୍ଗ ଓ ଅପମିଶ୍ରଣ କରାଯାଏ, ଯାହାକି ଆମ ଶରୀର ପାଇଁ ବିପଦପୂର୍ଣ୍ଣ।

ଖାଦ୍ୟ ବାହିତ ବ୍ୟାଧି ତିନୋଟି ଉପାୟରେ ଘଟିଥାଏ। ପ୍ରଥମଟି ହେଉଛି ଜୈବିକ ସଂଦୂଷଣ। ଖାଦ୍ୟରେ କେତେକ ବ୍ୟାକ୍ଟେରିଆ, କବକ ଇତ୍ୟାଦି ହାନିକାରକ ତତ୍ତ୍ୱ ମିଶିବା ଫଳରେ ଖାଦ୍ୟ ସଙ୍କଟ ସୃଷ୍ଟି ହୁଏ। ଦ୍ୱିତୀୟଟି ହେଉଛି ରାସାୟନିକ ସଂଦୂଷଣ। କୀଟନାଶକ, ଭାରିଧାତୁ, ମାଇକ୍ରୋଟକ୍ସିନ ଇତ୍ୟାଦି ଖାଦ୍ୟରେ ରହିଲେ ଏହା ବିପଦପୂର୍ଣ୍ଣ ହୋଇଥାଏ। ତୃତୀୟଟି ହେଉଛି ଭୌତିକ ସଂଦୂଷଣ। କେତେକ ବାହ୍ୟ ପଦାର୍ଥ ଖାଦ୍ୟ ସହ ମିଶିଲେ ସେଗୁଡ଼ିକ ଖାଦ୍ୟ ଉପଯୋଗୀ ହୋଇ ନଥାଏ। କେତେକ କ୍ଷତିକାରକ ବ୍ୟାକ୍ଟେରିଆ ଅପମିଶ୍ରଣ ଯୋଗୁଁ ଜ୍ୱର, ମୁଣ୍ଡବ୍ୟଥା, ବାନ୍ତି ଓ ତରଳ ଝାଡ଼ା ରୋଗ ହୋଇଥାଏ। ଖାଦ୍ୟରେ ଭୂତାଣୁ ସଂକ୍ରମଣ ହେଲେ ଆମାଶୟ ରୋଗ ହୋଇଥାଏ। ରାସାୟନିକ ଦ୍ରବ୍ୟ ସଂକ୍ରମଣ ଯୋଗୁଁ ଶରୀରରେ ଦୀର୍ଘ ସମୟ ଧରି ଅସୁସ୍ଥତା ଲାଗି ରହେ ଏବଂ କର୍କଟ ପରି ରୋଗ ମଧ୍ୟ ହୋଇପାରେ।

ପ୍ରାୟ ସବୁପ୍ରକାରର ଖାଦ୍ୟ ଅପମିଶ୍ରିତ ହୋଇପାରେ। ବର୍ତ୍ତମାନ ସବୁଠାରୁ ବେଶୀ ଅପମିଶ୍ରିତ ହେଉଛି କ୍ଷୀର। ଏଥିରେ ପାଣି, ଡିଟରଜେଣ୍ଟ ଗୁଣ୍ଡ, ଉଉରିଆ, ଷ୍ଟାର୍ଚ ଇତ୍ୟାଦି ମିଶାଯାଉଥିବାରୁ ଏହା ବୃକକ୍ ପାଇଁ କ୍ଷତିକାରକ ଏବଂ ଅଗ୍ନାଶୟ ରୋଗ ସୃଷ୍ଟି କରେ। ଲଙ୍କା ଓ ହଳଦୀ ପରି ମସଲା ଗୁଣ୍ଡରେ ଚାଉଳ ଗୁଣ୍ଡ, ଇଟା ଗୁଣ୍ଡ, ସୀସା, କ୍ରୋମେଟ ଓ ଇଥିଲିନ ଅକ୍ସାଇଡ ମିଶା ଯାଉଥିବାରୁ ଏହା ବହୁତ ଦୁରାରୋଗ୍ୟ ସୃଷ୍ଟି କରେ। ଖାଇବା ତେଲରେ ଆର୍ଜେମୋନ କିମ୍ବା ମିନେରାଲ ତୈଳ ମିଶ୍ରିତ ହେଉଥିବାରୁ ଏହା ଶରୀର ପ୍ରତି ବିଶେଷ କ୍ଷତିକାରକ। ଚାଉଳ ଓ ଡାଲିରେ ଗୋଡ଼ି, ମାଟି ମିଶାଇବା ସହିତ କୃତ୍ରିମ ଭାବରେ ଚିକ୍କଣ କରାଯାଏ। ମିଠା ପ୍ରସ୍ତୁତ ପାଇଁ ବ୍ୟବହୃତ ଛେନାରେ କାଗଜ ଇତ୍ୟାଦି ମିଶାଯାଏ। ଜିରାରେ ମାଟି, ଚାହା ଗୁଣ୍ଡରେ ଅନ୍ୟାନ୍ୟ ଗୁଣ୍ଡ ସହଜରେ ମିଶାଯାଉଥିବା ଯୋଗୁଁ ବହୁ ସମସ୍ୟା ଦେଖାଯାଉଛି। ଫଳ ଓ ପନିପରିବା ସତେଜ ରଖିବାକୁ ରାସାୟନିକ ପଦାର୍ଥରେ ଉପଚାର କରାଯାଉଛି। ଆମ୍ବ ଓ କଦଳୀ ପଚାଇବା ପାଇଁ ନିଷିଦ୍ଧ କ୍ୟାଲସିୟମ୍ କାର୍ବାଇଡ ମଧ୍ୟ ବ୍ୟବହାର କରାଯାଉଛି। ପୋଟଳ, କଲରା ଓ କାକୁଡ଼ି ସତେଜ ରଖିବାକୁ କପର ସଲଫେଟ୍ ଦ୍ରବଣ ବ୍ୟବହାର କରାଯାଉଛି। ଏପରି ଅପମିଶ୍ରିତ ଖାଦ୍ୟ ଖାଇଲେ ବାନ୍ତି, ଝାଡ଼ା ଓ ବିଷକ୍ରିୟା ଶରୀରରେ ଦେଖାଯାଏ। କ୍ରମାଗତ ଏପରି ଅପମିଶ୍ରିତ ଖାଦ୍ୟ ଖାଇଲେ ଯକୃତ ଓ ବୃକକ କ୍ଷତିଗ୍ରସ୍ତ ହୋଇଥାଏ। କର୍କଟ, ହୃଦରୋଗ, ସ୍ନାୟୁ ରୋଗ ଆଦି ସୃଷ୍ଟି ହୁଏ। ବଜାରରେ ମିଳୁଥିବା ମିଠା ଓ ଝିଲାପି ଇତ୍ୟାଦିରେ ବିପଦପୂର୍ଣ୍ଣ ରଙ୍ଗ ବ୍ୟବହାର କରାଯାଏ, ଯାହାକି ଆମ ସ୍ୱାସ୍ଥ୍ୟ ପ୍ରତି ବିପଦପୂର୍ଣ୍ଣ।

ଭାରତରେ ଖାଦ୍ୟ ଅପମିଶ୍ରଣ ନିୟନ୍ତ୍ରଣ କରିବା ପାଇଁ ଖାଦ୍ୟ ସୁରକ୍ଷା ଓ ମାନକ ଆଇନ୍ (ଏଫ୍.ଏସ୍.ଏସ୍.ଏ) ୨୦୦୬ କାର୍ଯ୍ୟକାରୀ ହେଉଛି। ଆଗରୁ ପ୍ରଚଳିତ ଖାଦ୍ୟ ଅପମିଶ୍ରଣ ନିରାକରଣ ଆଇନ୍ ୧୯୫୪ ସହିତ ଏହା କାର୍ଯ୍ୟ କରୁଛି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ ( ଏଫ୍.ଏସ୍.ଏସ୍.ଏ.ଆଇ) ନାମକ ସରକାରୀ ସଂସ୍ଥା ଦ୍ୱାରା ଏହା କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ଏତେବଡ଼ ଦେଶରେ ଏହାକୁ କାର୍ଯ୍ୟକାରୀ କରିବା ନିଶ୍ଚିତ କଷ୍ଟକର। ଏଣୁ ନାଗରିକମାନେ କେତେକ ସାଧାରଣ ନିୟମ ପାଳନ କରିବା ଆବଶ୍ୟକ। ପ୍ରଥମରେ ବିଶ୍ୱସନୀୟ ସଂସ୍ଥାଠାରୁ ଖାଦ୍ୟ କିଣିବା ଆବଶ୍ୟକ। ଫାସାଇ ପ୍ରମାଣିତ ଲେବୁଲ ଦେଖି ଖାଦ୍ୟ ପଦାର୍ଥ କିଣିବା ସହିତ କେତେକ ଛୋଟ ଛୋଟ ପରୀକ୍ଷା ମଧ୍ୟ କରାଯାଇପାରେ। ଫାସାଇ ଅନୁମୋଦିତ କେତେକ ପରୀକ୍ଷା ଘରେ କରାଯାଇ ପାରିବ। ଉଦାହରଣ ସ୍ୱରୂପ ମହୁ ପାଣିରେ ପକାଇଲେ ଏହା ଯଦି ମିଳାଇ ଯାଏ ତେବେ ମହୁ ଅପମିଶ୍ରିତ ବୋଲି ଜଣାପଡ଼େ। ସତେଜ ଦେଖା ଯାଉଥିବା ପନିପରିବା ଓ ଫଳ ପାଣିରେ ବୁଡ଼ାଇଲେ ରଙ୍ଗ ବାହାରିଲେ ଏହା ରଙ୍ଗ ମିଶ୍ରିତ ବୋଲି ଜଣାପଡ଼େ।

ଖାଦ୍ୟ ବାହିତ ରୋଗ ନିରାକରଣ ପାଇଁ ନିୟମିତ ଆମକୁ ସଜାଗ ରହିବାକୁ ହେବ। ପ୍ରଥମରେ ପରିଷ୍କାର ଓ ପରିଚ୍ଛନ୍ନ ପ୍ରତି ବେଶି ଗୁରୁତ୍ୱ ଦେବାକୁ ହେବ। ରୋଷେଇବାସନଗୁଡ଼ିକ ସର୍ବଦା ସଫା ରଖିବା ଆବଶ୍ୟକ। ଫଳ ଓ ପନିପରିବା ବ୍ୟବହାର କରିବା ପୂର୍ବରୁ ଭଲଭାବେ ପାଣିରେ ଧୋଇବା ଜରୁରୀ। ସର୍ବଦା ରୋଷେଇ କରିବା ପୂର୍ବରୁ ଓ ଖାଇବା ପୂର୍ବରୁ ହାତକୁ ସାବୁନ୍ ପାଣିରେ ଧୋଇ ପରିଷ୍କାର କରିବା ବିଧେୟ। ଦ୍ୱିତୀୟରେ ତଟକା ଓ ରନ୍ଧା ଖାଦ୍ୟକୁ ଅଲଗା ରଖିବା ଆବଶ୍ୟକ। କାରଣ ଏହି ଦୁଇପ୍ରକାର ଖାଦ୍ୟ ଏକାଠି ମିଶିଲେ ପରସ୍ପର ସଂକ୍ରମଣ ହୁଏ। ତୃତୀୟରେ ଖାଦ୍ୟକୁ ରୋଷେଇ କଲା ବେଳେ ନିୟନ୍ତ୍ରିତ ତାପମାତ୍ରାରେ ରୋଷେଇ କରିବା ଆବଶ୍ୟକ। ବଳକା ଖାଦ୍ୟ ପୁନରାୟ ଖାଇବା ପୂର୍ବରୁ ଗରମ କରିବା ନିହାତି ଜରୁରୀ। କାରଣ ଏହାଦ୍ୱାରା ଅପକାରୀ ଅଣୁଜୀବ ନଷ୍ଟ ହୋଇଯାଆନ୍ତି। ଚତୁର୍ଥରେ ପଚନଶୀଳ ଫଳ ଓ ପନିପରିବା ଦୁଇଘଣ୍ଟା ମଧ୍ୟରେ ଫ୍ରିଜ୍ ମଧ୍ୟରେ ସାଇତି ରଖିବା ଆବଶ୍ୟକ। ଏହାଦ୍ୱାରା ଏଥିରେ ଅଣୁଜୀବ ରହିବେ ନାହିଁ ଏବଂ ଖାଦ୍ୟ ଗୁଣ ସୁରକ୍ଷିତ ରହିବ। ଖାଦ୍ୟ ପଦାର୍ଥ ବାହାରୁ କିଣିବା ବେଳେ ଏଗୁଡ଼ିକ କେତେଦୂର ସୁରକ୍ଷିତ, ତାହାକୁ ପରୀକ୍ଷା କରି କିଣନ୍ତୁ।

ଖାଦ୍ୟ ପଦାର୍ଥ ବ୍ୟବହାର କରିବା ପୂର୍ବରୁ ଭଲ ଭାବରେ ହାତକୁ ପରିଷ୍କାର କରିବା ଉଚିତ। ଅନ୍ତତଃ ପକ୍ଷେ ୨୦ ସେକେଣ୍ଡ ଦୁଇହାତକୁ ସାବୁନ୍ ପାଣିରେ ପରିଷ୍କାର କରାଯିବା କଥା। ପଚନଶୀଳ ଫଳ ଓ ପନିପରିବା ଫ୍ରିଜ୍ ମଧ୍ୟରେ ରଖିବାକୁ ହେଲେ ତାପମାତ୍ରା ୪ ଡିଗ୍ରୀରୁ ବିଯୁକ୍ତ ୧୮ ଡିଗ୍ରୀ ସେଲସିୟସ ମଧ୍ୟରେ ରଖିବା ଆବଶ୍ୟକ। ରନ୍ଧା ଖାଦ୍ୟ ସହିତ ମାଛ, ମାଂସ ଏକାଠି ରଖିଲେ ପରସ୍ପର ସଂକ୍ରମଣ ହେବାର ଆଶଙ୍କା ଥିବାରୁ ଏଗୁଡ଼ିକ ଅଲଗା ଭାବରେ ସାଇତି ରଖିବା ଭଲ। ରୋଷେଇ କଲାବେଳେ ମାଛ, ମାଂସରୁ କ୍ଷତିକାରକ ବ୍ୟାକ୍ଟେରିଆ ବିନାଶ କରିବା ପାଇଁ ମାଂସ ପାଇଁ ୭୧ ଡିଗ୍ରୀ, କୁକୁଡ଼ା ପାଇଁ ୭୪ ଡିଗ୍ରୀ ଓ ମାଛ ପାଇଁ ୬୩ ଡିଗ୍ରୀ ସେଲସିୟସ ତାପମାନରେ ରୋଷେଇ କରିବା ଉଚିତ। ବଜାରରୁ ଆଣିଥିବା ଫଳ ଓ ପନିପରିବା ଖାଇବା ସୋଡ଼ା ବା କ୍ଲୋରିନ୍ ପାଣିରେ ଧୋଇବା ପରେ ପରିଷ୍କାର ପାଣିରେ ଧୋଇ ବ୍ୟବହାର କରିବା ଆବଶ୍ୟକ। ବନ୍ଧାକୋବି କାଟିବା ପୂର୍ବରୁ ଉପର ପତ୍ର ବାହାର କରିଦେବା ଭଲ। ସେଓ ଉପରେ ମହମ ଆବରଣ ଦିଆଯାଉ ଥିବାରୁ ଏହାକୁ ଗରମ ପାଣିରେ ଧୋଇବା ପରେ ଚୋପା ବାହାର କରି ଖାଇବା ଉଚିତ। ବଜାରରୁ ଅଦିନିଆ ଫଳ କିଣିବାଠାରୁ ବିରତ ରହିବା ଆବଶ୍ୟକ। ଏହିସବୁ ନିୟମ ପାଳନ କଲେ ଆମେ ଖାଦ୍ୟ ବାହିତ ବ୍ୟାଧିରୁ ମୁକ୍ତି ପାଇପାରିବା। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ନୀତି ବିହୀନ ରାଜନୀତି

ଭଗବାନ ଦାଶ

ଆମ ଦେଶରେ ଗଣତନ୍ତ୍ରର ଶାସନ। ଲୋକପ୍ରତିନିଧି ହିଁ ଶାସନ କର୍ତ୍ତା। ଏଠି ସରକାର ଲୋକଙ୍କ ଦ୍ୱାରା ବଛାଯାଏ। ପ୍ରତ୍ୟେକ ଲୋକର ସମାନ ଭୋଟ ଅଧିକାର। କିନ୍ତୁ ପାର୍ଥକ୍ୟ ଏତିକି ଥରେ ବାଛିଲେ ଆଉ ପାଞ୍ଚବର୍ଷ ପର୍ଯ୍ୟନ୍ତ ବଦଳାଇ ପରିବାର ବ୍ୟବସ୍ଥା ନାହିଁ। ତେଣୁ ଥରେ ଭୋଟ ହାତେଇ ପାରିଲେ ଦଳମାନେ ପାଞ୍ଚବର୍ଷ ଯାଏଁ ସ୍ଥିତିକୁ ସୁଦୃଢ଼ କରିଥା'ନ୍ତି। ମୋହର ବାଡ଼େଇବା ବେଳେ ହେଉ କିମ୍ବା ମେସିନରେ ଟିପ ଦବାଇବା ବେଳେ ସତରେ ଲୋକ ସ୍ୱାଧୀନ। ତା' ହାତକୁ କେହି ଟାଣି ଧରନ୍ତିନି। କିନ୍ତୁ ଭୋଟ କେନ୍ଦ୍ରକୁ ଗଲା ବେଳେ ସେ ପ୍ରଭାବିତ ନୁହେଁ ତ? ଯଦି ହଁ, ତେବେ ସ୍ୱାଧୀନ ଭୋଟର କିପରି କହିବା?

ଭୋଟ ଦେଲା ପୂର୍ବରୁ ବିଭିନ୍ନ ଦଳ ବିଭିନ୍ନ ପ୍ରକାର ପ୍ରଭାବ ନିଜ ଆଡ଼କୁ ଆକର୍ଷିତ କରିବାକୁ ଭୋଟରଙ୍କ ଉପରେ ପକାନ୍ତି। ଭୋଟ ନ ଦେବାକୁ ଚାହୁଁଥିଲେ ବି ସେ ଦିନର ପାରିଶ୍ରମିକ ଆକାରରେ କିଛି ଦେବାର ବ୍ୟବସ୍ଥା ଦେଖିବାକୁ ମିଳେ। ଯାତାୟାତର ବ୍ୟବସ୍ଥା ମଧ୍ୟ ଦେଖି ଚାହିଁ କରା ଯାଇଥାଏ। ଆଉ ଶାସକ ଦଳ କଥାଟା ଟିକିଏ ନିଆରା। ଅନ୍ୟ ଦଳର ସମତୁଲ ପ୍ରଭାବ ବ୍ୟତୀତ ସରକାରୀ ପ୍ରଲୋଭନ ଦେଖାଇ ବୁଝାଇ ଶୁଝାଇ ଏପରିକି ପରିସ୍ଥିତି ଦେଖି ଡରାଇ ଥରାଇ ଆପଣାର କରିବାର ସମସ୍ତ କୌଶଳ ଆପଣେଇ ନିଅନ୍ତି। ଏ ସବୁ ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ଭିତରେ ଭୋଟରଟି ପେଷି ହୋଇଯାଇ ଭୋଟ ଦେବାକୁ ଯାଏ। ମାନସିକ ଅସ୍ଥିରତାରେ ସେ ବିଚାର କରିପାରେନି। ସବୁ ଦିଗକୁ ଦେଖେ। ନିଜର ସ୍ଥିତିକୁ ବିପଦ ମାଡ଼ି ନ ଆସୁ, ଏହା ଥାଏ ତା'ର ପ୍ରଥମ ପସନ୍ଦ। ପରେ ଦେଶର ପ୍ରଗତିର କଥା। ଏହାରି ଭିତରେ ସେ ଭୋଟ ଦିଏ।

ଭୋଟଦାନ ପରେ ଫଳାଫଳ ବାହାରେ। ଜିତିଥିବା ପ୍ରାର୍ଥୀ ତାଙ୍କ ଶୋଭାଯାତ୍ରା କରି ସମସ୍ତଙ୍କୁ ଧନ୍ୟବାଦ ଜଣାନ୍ତି। ସେତିକି ପରେ ଆଉ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଖାଦେଲେ ଭଲ ନ ଦେଲେ ବି ବିଶେଷ ଅସୁବିଧା ନ ଥାଏ। ଯାହା ଦୁଆରେ ଭୋଟ ବେଳେ ଦିନକୁ ତିନିଥର ଦେଖା ଦେଉଥିଲେ, ସେମାନେ ତାଙ୍କ ଦୁଆରକୁ ତିରିଶ ଥର ଗଲେ ବି ଥରେ ଦେଖା ମିଳିବା ସାତସପନ ହେଇଯାଏ। ବଡ଼ ବିଚିତ୍ର କଥା। ଏଠି ପ୍ରାୟ ସବୁ ନେତାଙ୍କ ଭାଷଣରେ ସେମାନେ ଆସିଲେ ରାମରାଜ୍ୟ ହେବାଟା ସାର। କିନ୍ତୁ ରାମରାଜ୍ୟ କ'ଣ ତାଙ୍କର ଜାଣିବା କ'ଣ ଦରକାର? ରାମରାଜ୍ୟରେ ରାଜ୍ୟ, ରାଜ୍ୟବାସୀ ରାମଙ୍କ ପାଇଁ ପରିବର୍ତ୍ତନୀୟ ନ ଥିଲେ। ତେଣୁ ବଞ୍ଚିଥିବା ଯାଏଁ ସେମାନଙ୍କ ପାଇଁ କିଛି ହିଁ କରିବାକୁ ପଡ଼ିବ। ଏହି ଚିନ୍ତା ସଦାସର୍ବଦା ମନରେ ଥାଏ। କିନ୍ତୁ ଅବଧି ମାତ୍ର ପାଞ୍ଚ ବର୍ଷ। ପରେ ଶାସନ ଆସିବ କି ନାହିଁ। ବହୁ ଅର୍ଥ ବ୍ୟୟରେ ପଦଟି ମିଳିଛି। ତେଣୁ ତା'ର ସଦୁପଯୋଗ କରାଯିବ ନାହିଁ କାହିଁକି?

ଆଗେ ନିଜର ଯାହା ସମ୍ଭବ ଉନ୍ନତି କରିବାରେ ପ୍ରୟାସୀ ହେବାକୁ ପଡ଼ିବ। ଏହା ରହେ ପ୍ରମୁଖ ଚିନ୍ତାଧାରା। ସେ ଦଳ ହେଉ ବା ବ୍ୟକ୍ତି ବିଶେଷ; ବ୍ୟବସ୍ଥା ବା କାର୍ଯ୍ୟଶୈଳୀ - ସେହି ଢାଞ୍ଚାରେ ବଢ଼େ। ଶାସନରେ ସୁଶାସନ, ପକ୍ଷପାତବିହୀନ ବିଚାର, ଆବଶ୍ୟକଭିତ୍ତିକ କାର୍ଯ୍ୟାବଳୀ ପ୍ରାୟ ଦେଖାଯାଏ ନାହିଁ। ଶାସନ ଯେଉଁ ଦଳର, ସେହି ଦଳର ପ୍ରଭାବ ଅଧିକାଂଶ ସ୍ଥାନରେ, ବିଶେଷକରି ସେମାନେ ଆସିଥିବା ସ୍ଥାନମାନଙ୍କରେ ପରିଲକ୍ଷିତ ହୁଏ। ଭୁଲିଯାନ୍ତି ସେ ସମସ୍ତଙ୍କର ନିର୍ବାଚିତ ପ୍ରତିନିଧି। ଫଳରେ କଲ୍ୟାଣମୂଳକ କାର୍ଯ୍ୟଗୁଡ଼ିକ ଗୋଷ୍ଠୀକୈନ୍ଦ୍ରିକ ବା ଦଳଭିତ୍ତିକ ସଦୃଶ ଅନୁଭୂତ ହୁଏ। ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଗତି ମଧ୍ୟ ପ୍ରଭାବିତ ହୁଏ। ସମୟେ ସମୟେ ପୂର୍ବ ଶାସନ କାର୍ଯ୍ୟକୁ ସମୀକ୍ଷା କରାଯାଇ ସୁଧୁରାଯିବା ପରିବର୍ତ୍ତେ ତାହା ଭଲ ଥିଲେ ମଧ୍ୟ ବଦଳାଇ ଦିଆଯାଏ। ଯୋଜନାର ନାମ ପରିବର୍ତ୍ତନ କରାଯାଏ। ଆଉ ସାମାନ୍ୟ ବ୍ୟତିକ୍ରମ ବି ଦେଖାଯାଏ।

ସରକାରକୁ ଯିଏ ବି ଆସୁ ଯଦି ବିକାଶର ସ୍ୱପ୍ନ ଦେଖାନ୍ତା ଏବଂ କିଛିଟା ଆଖିଦୃଶିଆ ଭାବେ କାର୍ଯ୍ୟକାରୀ କରନ୍ତା, ତେବେ ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ଆଦରର ପାତ୍ର ସାଜନ୍ତା। କିନ୍ତୁ ଆମ ଦେଶର ଶାସକଙ୍କର କାର୍ଯ୍ୟ ପ୍ରଣାଳୀ ଭିନ୍ନ। ଆଗେଇବା ଅପେକ୍ଷା ପଛେଇବାର ମୁଖ୍ୟ କାରଣ ପୂର୍ବ ଶାସନର ଅବହେଳା କହି ନିଜର ସମୟଟା ସଜାଡ଼ିବାରେ ଚାଲି ଯାଉଛି ବୋଲି ଦର୍ଶାନ୍ତି। ଜିତିଥିବା ପ୍ରାର୍ଥୀଟି ସମଗ୍ର ଅଞ୍ଚଳର। ସମସ୍ତଙ୍କୁ ସେବା ଦେବା ତା'ର କାମ୍ୟ। ତଥାପି ସେ କେତେକଙ୍କର - ଏଇ ଭାବନା ବଳବତ୍ତର ରହେ। ଦଳୀୟ ମନୋଭାବ ଭିତରେ ଗଣତନ୍ତ୍ର ଲୁଚିଯାଏ। ଅନ୍ୟମାନେ ଅବହେଳିତ ହୁଅନ୍ତି। ଦେଶର ସମୂହ ବିକାଶ ସ୍ୱପ୍ନ ହୋଇ ରହିଯାଏ। ଗୋଦର ଗୋଡ଼ଟି ଯେତେ ମୋଟା ହେଲେ ବି ଏହା ସୁନ୍ଦର ସ୍ୱାସ୍ଥ୍ୟର ପରିଚାୟକ କି? ସେହି ଦଶା ପଡ଼େ। ନେତା ସମସ୍ତଙ୍କୁ ନିଜର ଆପଣାର କରିପାରନ୍ତିନି। ବରଂ ମନରେ ବିଦ୍ରୋହ ଭାବର ମଞ୍ଜି ବୁଣି ହେଇଯାଏ। ନିଜ ନିଜ ଭିତରେ ଅସନ୍ତୋଷର ବହ୍ନି ଜଳେ। ଆଉ ଆମ ଦେଶରେ ସରକାରଙ୍କ ଶାସନରେ ପୁଲିସ ନିରପେକ୍ଷ ରହିପାରେନା। ସରକାରୀ ଦଳର ପ୍ରଭାବରେ ବିଶେଷ ପ୍ରଭାବିତ ହୁଏ। ଭାଇଚାରା ପରିବର୍ତ୍ତେ କନ୍ଦଳର ପରିସର ବଢ଼େ। ସ୍ୱାର୍ଥାନ୍ୱେଷୀ କୁଜିନେତା ମାନେ ଏ ସବୁରୁ ଫାଇଦା ଉଠାନ୍ତି। ସରକାରୀ ଅନୁଦାନ ବିତରଣରେ ପାତରଅନ୍ତର କରନ୍ତି। ଅସାଧୁ କର୍ମଚାରୀମାନେ ଲାଞ୍ଚ ନେଇ ହାତ ଚିକ୍କଣ କରନ୍ତି। ଅନ୍ୟାୟ ବଢ଼ିଚାଲେ।

ଖୁବ କମ ନେତା ଥା'ନ୍ତି, ଯେଉଁମାନେ ଦୂର ଦୃଷ୍ଟିସମ୍ପନ୍ନ। ସେମାନେ ମଧ୍ୟ ଉପରିସ୍ଥ ଦଳୀୟ ନେତାଙ୍କ ପ୍ରଭାବରେ ନିଜସ୍ୱ ହରାନ୍ତି। ନିଜ ରକ୍ଷଣ ପାଇଁ ବଦଳି ଯା'ନ୍ତି। ତଳୁ ହେଉ ବା ଉପରୁ ସବୁଦିଗରୁ ଚାପ ପଡ଼ି ନେତାଙ୍କ ଗତିପଥ ବଦଳି ଯାଏ। ପରିଶେଷରେ ଲୋକମାନେ ସରକାରୀ ସୁବିଧା ସୁଯୋଗରୁ ଆପେ ଆପେ ଅନ୍ୟ ଦଳୀୟ ହୋଇଥିଲେ ପ୍ରତାରିତ ହୁଅନ୍ତି। ତେଲିଆ ମୁଣ୍ଡରେ ତେଲପରି ଅବସ୍ଥା ହୁଏ। ନିରପେକ୍ଷ ଶାସନ, ସୁଶାସନ ସ୍ୱପ୍ନ ହୁଏ। ଅପେକ୍ଷା ରହେ ଆଗାମୀ ନିର୍ବାଚନକୁ। କିନ୍ତୁ କ'ଣ ହେବ। ଅଭାବୀ ଲୋକର ସ୍ୱାଧୀନତା କେତେ ଯେ, ସେ ସ୍ୱାଧୀନଭାବରେ ଭୋଟ ଦେବ। ସାମୟିକ କିଣା ହୋଇ ପୁଣି 'ଯଥା ପୂର୍ବଂ ତଥା ପରଂ' ପରି ନୂଆ ସରକାର ଗଢ଼ି ଚାଲେ। ସମସ୍ତେ ଭାବନ୍ତି ନୂଆ ସରକାରରେ ନୂଆ ସୂର୍ଯ୍ୟାଲୋକର ସ୍ପର୍ଶ ମିଳିବ। କିନ୍ତୁ ମିଳେ ତଦ୍ରୁପରି ଅସ୍ୱାଭାବିକତା। ଅପେକ୍ଷା ପରେ ଅପେକ୍ଷା।

ଟିକେ ନିରେଖି ଦେଖିଲେ ଜଣାପଡ଼ିବ ସରକାରୀସ୍ତରରେ ଥିବା ସଂରକ୍ଷଣ ବ୍ୟବସ୍ଥା। ଥିଲା କେତେ ବର୍ଷ ପାଇଁ, କିନ୍ତୁ ବଢ଼ି ଚାଲିଛି। ସଂରକ୍ଷଣ ଲୋକଙ୍କ ପାଇଁ ଯେତିକି ଆବଶ୍ୟକ ନୁହେଁ, ତା' ଠାରୁ ଅଧିକ ଶାସନକୁ ହାତେଇବା ପାଇଁ ଦଳୀୟ ଲୋକ ବା ନେତାଙ୍କର ନିହାତି ଦରକାର। ରାଜନୀତି ରାଜ୍ୟକୁ ସୁଚାରୁ ରୂପେ ଚଳାଇବା ପାଇଁ ଉଦ୍ଦିଷ୍ଟ ହେଲେ ସୁଶାସନ ଅପହଞ୍ଚ ରହନ୍ତାନି। କିନ୍ତୁ ନୀତି ଗର୍ହିତ ହୋଇ କଳୁଷିତ ହେଲେ ଏହାର କ'ଣ କିଛି ଅନ୍ତ ଥାଏ? ●

ପୁରୀ, ମୋ: ୮୨୪୯୦୮୨୪୦୦

# ମହାପ୍ରଭୁଙ୍କ ସୁନାବାଲା ବନ୍ଧକ ପ୍ରସଙ୍ଗ

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ଦିନେ ସକାଳେ ଦାନ୍ତଘସା ନୀତି ବଢ଼ିବା ପରେ ମହାପ୍ରଭୁଙ୍କ ମନକୁ ଏକ ଅଦ୍ଭୁତ ଖିଆଲ ଆସିଲା। ସେ ଭାବିଲେ ଯେ ସବୁଦିନ ବିମ୍ବସ୍ନାନ କରିକରି ବିରକ୍ତ ଲାଗିଲାଣି। ଆଜି ଯାଇ ଗଙ୍ଗାସ୍ନାନ କରି ଆସିଲେ ଭଲ ହୁଅନ୍ତା। ତା' ପରେ ଭାଇ, ଭଉଣୀ ଓ ଭାରିଯାଙ୍କୁ କିଛି ନ କହି ବାହାରି ଗଲେ ଗଙ୍ଗା କୂଳରେ ଅବସ୍ଥିତ ବଙ୍ଗପ୍ରଦେଶର ମାହେଶ ଗ୍ରାମକୁ। ଏହି ଗ୍ରାମର ଏକ ଅତି ପ୍ରଚୀନ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଆରାଧିତ ହେଉଛନ୍ତି ଏବଂ ଚୈତନ୍ୟ ମହାପ୍ରଭୁ ସେ ପୀଠକୁ 'ନବନୀଳାଚଳ' ନାମରେ ନାମିତ କରିଥିଲେ। ସେଠାରେ ପହଞ୍ଚି ମହାପ୍ରଭୁ ବ୍ରାହ୍ମଣ ବେଶ ଧାରଣ କରି ଗଙ୍ଗା ନଦୀରେ ମନ ଭରି ସ୍ନାନ କଲେ। ଗାଧୋଇ ସାରି ପାଣିରୁ ଉଠି ଆସୁ ଆସୁ ତାଙ୍କୁ ପ୍ରବଳ ଭୋକ ଲାଗିଲା। ଖାଉଟିଆ ଠାକୁରଙ୍କୁ ସୁଦୂର ବଙ୍ଗ ପ୍ରଦେଶରେ ଛପନ ଭୋଗ ରାନ୍ଧି ବାଢ଼ି ଦେବ ବା କିଏ? ଭୋକ ବିକଳରେ ଏପଟ ସେପଟ ହେଉ ହେଉ ଗୋଟେ ଛୋଟ ଜଳଖିଆ ଦୋକାନରେ ପହଞ୍ଚିଲେ। ଦୋକାନର ମାଲିକ କାଳୀଶଙ୍କର ଗୋଟେ ପତ୍ର ଠୋଲାରେ କିଛି ସନ୍ଦେଶ ଓ ଲଡୁ ରଖି ବ୍ରାହ୍ମଣଙ୍କୁ ଦେଲେ। ସେ ବାବଦ ପଇସା ମାଗିବାରୁ ମହାପ୍ରଭୁ କହିଲେ, 'ସକାଳୁ ଉଠି ଗଙ୍ଗାସ୍ନାନ ପାଇଁ ଚାଲିଆସିଲି। ତେଣୁ ପଇସା ଆଣିପାରିନାହିଁ। ମୋର ସୁନା ବାଲା ଦୁଇଟି ବନ୍ଧା ରଖ, ମୋତେ ମିଠାତକ ଦିଅ। ମୁଁ କାଲିଆଡ଼କୁ ଆସି ପଇସା ଦେଇ ମୋ ବାଲା ନେଇ ଯିବି।' ଦୋକାନୀ ରାଜି ହେବାରୁ ମହାପ୍ରଭୁ ବାଲା ଦୁଇଟି ବନ୍ଧା ପକେଇ ମିଠା ଖାଇଲେ ଓ ଗଙ୍ଗାଜଳ ପିଇ କ୍ଷେତ୍ରକୁ ଫେରିଗଲେ।

ତା'ପର ଦିନ ସକାଳେ ସେବକମାନେ ବେଶ ମଇଲମ କଲା ବେଳେ ଦେଖିଲେ ଯେ ମହାପ୍ରଭୁଙ୍କର ସୁନାବାଲା ଦୁଇଟି ନାହିଁ। କଥା ଯାଇ ବଡ଼ପଣ୍ଡାଙ୍କ କାନରେ ପଡ଼ିଲା। ବାଲା ଚୋରି କଥା ରାଜା ଜାଣିଲେ ଦଣ୍ଡ କ'ଣ ମିଳିବ ସେ ଜାଣିଥିଲେ। ସେ ମହାପ୍ରଭୁଙ୍କ ପାଖରେ ଗୁହାରିଆ ପଡ଼ିଲେ। ମହାପ୍ରଭୁ ତାଙ୍କୁ ସବୁକଥା କହିଦେଲେ। ବଡ଼ପଣ୍ଡା ଏହା ଶୁଣି ପାଞ୍ଚଜଣ ବଛାବଛା ସେବକଙ୍କୁ ମାହେଶ ପଠାଇଲେ। ସେମାନେ ସେଠାରେ ପହଞ୍ଚି ସେ ଦୋକାନ ଖୋଜୁଖୋଜୁ ଏକ ଅଲୌକିକ କଥା ଦେଖିଲେ - ଗୋଟିଏ ନିମ ଗଛରେ ଚମ୍ପା ଫୁଲ ଫୁଟିଥିଲା। ସେମାନେ ଜାଣିଗଲେ ଯେ ସେହି ଗଛମୂଳରେ ବସି ଠାକୁର ମିଠା ଖାଇଥିଲେ। ତା' ପାଖରେ ଗୋଟେ ମିଠା ଦୋକାନ ଥିଲା। ସମସ୍ତେ ସେ ଦୋକାନକୁ ଯାଇ ପଚାରିଲେ- 'ତମେ କାଲି ମହାପ୍ରଭୁ ଜଗନ୍ନାଥଙ୍କୁ ମିଠା ଖାଇବାକୁ ଦେଇ ତାଙ୍କ ସୁନାବାଲା ବନ୍ଧକ ରଖିଛ କି?'। କାଳୀଶଙ୍କର କହିଲେ, 'ଜଗନ୍ନାଥ କିଏ ମୁଁ ଜାଣେନି। କାଲି ଜଣେ କାଳିଆ ବ୍ରାହ୍ମଣ ତାଙ୍କ ସୁନା ବାଲା ବନ୍ଧା ଦେଇ ମିଠା ଖାଇଲେ। ଆଜି ଆସି ପଇସା ଦେଇ ବାଲା ନେଇ ଯିବା କଥା। କାହିଁ ଏତେବେଳ ଯାଏଁ ଆସି ନାହାନ୍ତି ତ!' ସେବକମାନେ ବାଲା ଦି ପଟ ଚିହ୍ନି କହିଲେ- 'ସେ ଦି ପଟ ଆମ ସାଆନ୍ତ ମହାପ୍ରଭୁ ଜଗନ୍ନାଥଙ୍କର। ଆମେ ଆସିଛୁ ପଇସା ଦେଇ ସେ ଦିଇଟା ମୁକୁଳେଇ ନେବୁ। ଆମେମାନେ ତାଙ୍କ ସେବକ।' କିନ୍ତୁ ବାଲା ଯାହାର ସେ ଆସି ପଇସା ନ ଦେଲେ ବାଲା ବନ୍ଧକମୁକ୍ତ କରିବେ ନାହିଁ ବୋଲି କାଳୀଶଙ୍କର ରୋକଠୋକ୍ ଜଣାଇ ଦେଲେ। ସେଇଠୁ ସେବକମାନେ କହିଲେ, 'ଯଦି ଆମକୁ ବିଶ୍ୱାସ ନ କରୁଛ, ଆମ ସାଙ୍ଗରେ ଆସ। ସେଇଠି ମହାପ୍ରଭୁଙ୍କୁ ତାଙ୍କ ବାଲା ଫେରେଇ ଦେବ।'

କାଳୀଶଙ୍କର ସେମାନଙ୍କ କଥାରେ ରାଜି ହେଲେ। ବାଲା ଫେରେଇବାକୁ ହେବ, ସେହି ବାହାନାରେ ସହଜ ଦର୍ଶନ ମିଳିଯିବ। ସେବକମାନଙ୍କ ସହ ସେ ଯାଇ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ଗର୍ଭଗୃହରେ ପ୍ରବେଶ କରି ମହାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲେ- 'ମହାପ୍ରଭୁ! ଦି ଦିନ ତଳେ ଜଣେ କାଳିଆ ହୃଷ୍ଟପୁଷ୍ଟ ବ୍ରାହ୍ମଣ ତାଙ୍କ ବାଲା ବନ୍ଧା ଦେଇ ମୋ ଦୋକାନରୁ ମିଠା ଖାଇଲେ। ତା' ପର ଦିନ ପଇସା ଦେଇ ବାଲା ନେବେ ବୋଲି କହିଥିଲେ। ହେଲେ ଆପଣଙ୍କ ସେବକମାନେ କହୁଛନ୍ତି ଯେ ଆପଣ ବାଲା ବନ୍ଧା ଦେଇ ମିଠା ଖାଇ ଥିଲେ। ତାଙ୍କୁ ବିଶ୍ୱାସ ନ କରି ମୁଁ ନିଜେ ଆପଣଙ୍କୁ ଫେରେଇବି ବୋଲି ଆସିଛି। ଯଦି ସେ ବାଲା ଆପଣଙ୍କର ତେବେ ନିଜ ହାତରେ ସେ ବାଲା ଦିଟା ଗ୍ରହଣ କରନ୍ତୁ। ଏତିକି ବେଳେ ରତ୍ନସିଂହାସନରୁ ଦୁଇଟି ବଳିଷ୍ଠ ହାତ ଲମ୍ବି ଆସିଲା। କାଳୀଶଙ୍କର ବାଲା ଦୁଇଟି ମହାପ୍ରଭୁଙ୍କ ଶ୍ରୀଭୁଜରେ ଲାଗି କଲେ ଓ ଲମ୍ବ ହୋଇ ପୋଖରୀଆରେ ପଡ଼ିଗଲେ। ●

(ଆଧାର-'ବଙ୍ଗଭୂମିରେ ଶ୍ରୀଜଗନ୍ନାଥ'- କୃଷ୍ଣଚନ୍ଦ୍ର ଭୂୟାଁ)

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଧାନସଭାରୁ

# ପ୍ରବାସୀ ସମସ୍ୟା ସମାଧାନ ପାଇଁ ଟାସ୍କଫୋର୍ସ କରିଛି ୩ ବୈଠକ

ଭୁବନେଶ୍ୱର, ୨।୧୨(ସମିସ): ଦୁରବସ୍ଥାରେ ଥିବା ପ୍ରବାସୀ ଶ୍ରମିକଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି । ଇତିମଧ୍ୟରେ ଟାସ୍କଫୋର୍ସର ବିଭିନ୍ନ ବିଭାଗ ସହ ତିନିଗୋଟି ବୈଠକ କରାଯାଇଛି । ଶ୍ରମିକଙ୍କୁ କିପରି ନିଜ ଗାଁରେ ବିକଳ୍ପ ଜୀବିକା ଯୋଗାଇ ଦେଇହେବ, ସେ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଏକ ପ୍ରଶ୍ନରେ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି । ମଙ୍ଗଳବାର ବିଧାନସଭାରେ ଏକ ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଜିଲ୍ଲାସ୍ତରରେ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତ) ଅଧିନିୟମ, ୧୯୭୯ ଅନୁଯାୟୀ ଠିକାଦାରମାନେ ଅନଲାଇନ୍ ଆବେଦନ ଜରିଆରେ ବାହାର ରାଜ୍ୟରେ ଶ୍ରମିକ ନିୟୋଜନ ନିମନ୍ତେ ଲାଇସେନ୍ସପ୍ରାପ୍ତ ହୋଇଥାନ୍ତି । ଚଳିତବର୍ଷ ଜିଲ୍ଲାସ୍ତରରେ ୧,୨୦୭ ଜଣ ଠିକାଦାରଙ୍କୁ ବାହାର ରାଜ୍ୟରେ ୭୦, ୩୬୦ ଜଣ ପ୍ରବାସୀ ଶ୍ରମିକଙ୍କ ନିଯୁକ୍ତି ନିମନ୍ତେ ଲାଇସେନ୍ସ ପ୍ରଦାନ କରାଯାଇଛି ।

■ ପଶୁ-ମଣିଷ ଲଢ଼େଇ

# ୧୦ବର୍ଷରେ ୧,୩୯୮ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର,୨।୧୨(ସମିସ): ପଶୁ-ମଣିଷଙ୍କ ଲଢ଼େଇ କାରଣରୁ ଗତ ୧୦ ବର୍ଷରେ ୧,୩୯୮ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଏଥିପାଇଁ ସରକାରଙ୍କ ଦ୍ୱାରା ୬୧୭୪.୬୮ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି ବୋଲି ମଙ୍ଗଳବାର ଗୃହରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ତଥ୍ୟ ରଖିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ସମାନ ଅବଧି ମଧ୍ୟରେ ୫,୬୦୯ ସଂଖ୍ୟକ ବନ୍ୟପ୍ରାଣୀ ମଧ୍ୟ ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁ ସଂଖ୍ୟାରେ ରୋକ୍ ଲଗାଇବା ପାଇଁ ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧି, ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣ ଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି କରାଯାଉଛି । ସେହିପରି ଜଙ୍ଗଲନିଆଁରୁ ରକ୍ଷା, ଶିକାର ନିରୋଧକ ଶିବିର, ପକ୍ଷୀ ସୁରକ୍ଷା ଶିବିର, ଜଙ୍ଗଲରେ ପଇଁତରା, ବୈଷୟିକ ଜ୍ଞାନକୌଶଳର ଉପଯୋଗିତା ଦ୍ୱାରା ବନ୍ୟପ୍ରାଣୀ ଓ ଶିକାରୀଙ୍କ ଗତିବିଧି ନିରୀକ୍ଷଣ, ଆଣ୍ଟି ପୋଚିଂ ସ୍କ୍ୱାଡର ମୁତୟନ, ଜନ ସଚେତନତା ଇତ୍ୟାଦି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ୨ ବର୍ଷରେ ରାଜ୍ୟରେ ୩୭ ଲକ୍ଷ ତାଳ ଚାରାରୋପଣ

ଭୁବନେଶ୍ୱର,୨।୧୨(ସମିସ): ବଜ୍ରପାତରୁ ଜୀବନରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨ ବର୍ଷରେ ରାଜ୍ୟରେ ମୋଟ ୩୭ ଲକ୍ଷ ତାଳ ଚାରା ରୋପଣ କରାଯାଇଛି । ବିଧାନସଭାରେ ଏନେଇ ତଥ୍ୟ ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ସେ କହିଛନ୍ତି ଯେ ବଜ୍ରପାତ ରୋକିବାରେ ତାଳଗଛ ଅନ୍ୟତମ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତାଳଚାରା ରୋପଣ ପାଇଁ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୭.୫୯ କୋଟି ଅର୍ଥରାଶି ମଞ୍ଜୁର ହୋଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ୫.୯୪କୋଟି ଅର୍ଥରାଶି ମଞ୍ଜୁର ହୋଇଛି । ଆଗାମୀ ବର୍ଷ ପାଇଁ ତାଳଗଛ ରୋପଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଆଗତ ଓ ମଞ୍ଜୁରପ୍ରାପ୍ତ ହେଲେ ସମଗ୍ର ରାଜ୍ୟରେ ତାଳ ଚାରାରୋପଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ଶୀଘ୍ର ଭଙ୍ଗା ହେବ କଟକର ସମସ୍ତ ବିପଦସଙ୍କୁଳ କୋଠା

ଭୁବନେଶ୍ୱର, ୨।୧୨(ସମିସ): କଟକର ସମସ୍ତ ବିପଦସଙ୍କୁଳ କୋଠାଗୁଡ଼ିକୁ ଶୀଘ୍ର ଭଙ୍ଗା ଯିବ । ମଙ୍ଗଳବାର ବିଧାନସଭାରେ ଏନେଇ ସୂଚନା ରଖିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ବିପଦସଙ୍କୁଳ କୋଠା ଚିହ୍ନଟ ପାଇଁ ବିଶେଷଜ୍ଞ କମିଟି ଗଠନ ହୋଇଛି । କଟକ ମହାନଗର ନିଗମର ସବୁ ୱାର୍ଡରେ କମିଟିର ସଦସ୍ୟମାନେ ସର୍ଭେ କରୁଛନ୍ତି । ସର୍ଭେ ପରେ ଚିହ୍ନଟ ବିପଦସଙ୍କୁଳ କୋଠା ମାଲିକଙ୍କୁ ନୋଟିସ୍ ଦିଆଯିବ । ନିୟମାନୁସାରେ ଭାଙ୍ଗିବା ପାଇଁ ପ୍ରଶାସନ ବିହିତ ପଦକ୍ଷେପ ନେବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

# ୫୦୦୮ ରାଜସ୍ୱ ଓ ପଡ଼ା ଗ୍ରାମକୁ ଏବେ ବି ସବୁଦିନିଆ ରାସ୍ତା ନାହିଁ

ଭୁବନେଶ୍ୱର,୨।୧୨(ସମିସ): ରାଜ୍ୟର ୫୦୦୮ ରାଜସ୍ୱ ଓ ପଡ଼ା ଗ୍ରାମକୁ ଏବେ ବି ସବୁଦିନିଆ ରାସ୍ତା ନାହିଁ । ଯେତେ କମ ସମୟରେ ସମ୍ଭବ ସମସ୍ତ ରାଜସ୍ୱ ଗ୍ରାମ ଓ ପଡ଼ାଗ୍ରାମଗୁଡ଼ିକରେ ସବୁଦିନିଆ ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ । ବିଧାୟକ ଅରୁଣ କୁମାର ସାହୁଙ୍କ ଏକ ଅଣତାରକା ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ ଗ୍ରାମସଭା ଓ ପଞ୍ଚାୟତ ସମିତି ଅଧିକାରୀଙ୍କ ଦ୍ୱାରା ସର୍ବେକ୍ଷଣ କରାଯାଇ ଅସଂଯୋଜିତ ରାଜସ୍ୱ ପଡ଼ା ଗ୍ରାମଗୁଡ଼ିକୁ ଚିହ୍ନଟ କରାଯାଉଛି । ରାଜସ୍ୱ ଗ୍ରାମ ଓ ପଡ଼ା ଗ୍ରାମଗୁଡ଼ିକରେ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ଯଥା ବିକଶିତ ଗାଁ, ବିକଶିତ ଓଡ଼ିଶା, ଏସ୍ଏଫ୍ସି ମାଧ୍ୟମରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଯେତେ କମ୍ ସମୟରେ ସମ୍ଭବ ସମସ୍ତ ରାଜସ୍ୱ ଗ୍ରାମ ଓ ପଡ଼ା ଗ୍ରାମଗୁଡ଼ିକରେ ସବୁଦିନିଆ ରାସ୍ତା ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଅପରପକ୍ଷେ ଚଳିତ ଆର୍ଥିକ ବର୍ଷରେ ୨୬୪୩ କି.ମି. ରାସ୍ତା ସରକାର ନିର୍ମାଣ କରିଛନ୍ତି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି ।

# କ୍ଷତିରେ ଚାଲୁଛି ୪୧ ଇକୋ ଟୁରିଜିମ ପ୍ରକଳ୍ପ

ଭୁବନେଶ୍ୱର, ୨।୧୨(ସମିସ): ରାଜ୍ୟର ୫୧ଟି ବନଖଣ୍ଡ ଅଧୀନରେ ୫୧ଟି ଇକୋ ଟୁରିଜିମ ପ୍ରକଳ୍ପ ସ୍ଥାପନ କରାଯାଇଛି । ତନ୍ମଧ୍ୟରୁ ୧୦ଟି ଲାଭରେ ଚାଲୁଥିବା ବେଳେ ବାକି ସବୁ କ୍ଷତିରେ ଚାଲୁଛି । ମଙ୍ଗଳବାର ପ୍ରଶ୍ନକାଳରେ ଉପରୋକ୍ତ ତଥ୍ୟ ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ରାଜ୍ୟରେ ବିଭିନ୍ନ ସ୍ଥାନରେ ଇକୋ-ଟୁରିଜିମ୍ ପ୍ରକଳ୍ପ ସ୍ଥାପନ ପାଇଁ ମଙ୍ଗଳବାର ପ୍ରଶ୍ନକାଳରେ ଏକାଧିକ ବିଧାୟକ ଦାବି ଉଠାଇଥିଲେ । ଏନେଇ ଉତ୍ତର ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ । ବିଧାୟକମାନେମାନେ ବିଭାଗକୁ ଏନେଇ ଲିଖିତ ଭାବେ ଦିଅନ୍ତୁ । ବିଭାଗର ବୈଷୟିକ ଟିମ୍ ପ୍ରସ୍ତାବଗୁଡ଼ିକର ଫିଜିବିଲିଟି ସର୍ଭେ କରିବ । ପ୍ରକଳ୍ପ ପାଇଁ ସ୍ଥାନ ଉପଯୁକ୍ତ ହୋଇଥିଲେ ସରକାର ଏନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଥିଲେ । ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟ ସରକାର ପର୍ଯ୍ୟଟନର ବିକାଶକୁ ଗୁରୁତ୍ୱ ଦେଉଛନ୍ତି । ଗତବର୍ଷ ଏଥିନିମନ୍ତେ ୮୦ କୋଟି ଖର୍ଚ୍ଚ ହୋଇଥିବା ବେଳେ ଚଳିତ ଅତିରିକ୍ତ ବଜେଟରେ ମଧ୍ୟ ୮୦ କୋଟି ରଖାଯାଇଛି । ମୂଳ ପ୍ରଶ୍ନକର୍ତ୍ତା ଉପାସନା ମାହାପାତ୍ର ପ୍ରବାସୀ ପକ୍ଷୀଙ୍କ ସୁରକ୍ଷା ପାଇଁ ନଳବଣ ଓ ସାତପଡ଼ାରେ ଉନ୍ନତ ଜ୍ଞାନକୌଶଳ ସମ୍ପନ୍ନ ୱାଚ୍ ଟାୱାର୍ ନିର୍ମାଣ କରିବାକୁ ଦାବି କରିଥିଲେ । ବିଧାୟକ ଗୌତମବୁଦ୍ଧ ଦାସ ଉଦୟପୁର ଓ ତାଳସାରୀରେ ନାଲି କଙ୍କଡ଼ାଙ୍କ ସଂଖ୍ୟା କମୁଥିବା ବେଳେ ଏହାର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ ।

# ନଷ୍ଟ ହେଉଛି ଭିତରକନିକା ଜୈବ ବିବିଧତା

ଭୁବନେଶ୍ୱର,୨।୧୨(ସମିସ): କେନ୍ଦ୍ରାପଡ଼ା ବୈତରଣୀ ନଦୀପଠାର ନଳିତାପାଟି ଆନିକଟ ନିକଟବର୍ତ୍ତୀ ଶାରଦାପ୍ରସାଦ ଗ୍ରାମରେ ବେଆଇନ ଖନନ କରାଯାଇ ହୋଟେଲ ନିର୍ମାଣ ଚାଲିଛି । ଫଳରେ ଭିତରକନିକାର ଜୈବବିବିଧତା ନଷ୍ଟ ହେଉଛି । ବିଭାଗୀୟ ମନ୍ତ୍ରୀ ଏନେଇ ତଦନ୍ତ ଆଦେଶ ଦେଇଥିବା ବେଳେ ବେଆଇନ ନିର୍ମାଣକୁ ସ୍ୱୀକାର କରିଛନ୍ତି । ମାତ୍ର ଏହି ବେଆଇନ ନିର୍ମାଣ ଏଯାବତ୍ ବନ୍ଦ ହୋଇନାହିଁ । ଏହା କେବେ ବନ୍ଦ ହେବ ବୋଲି ମଙ୍ଗଳବାର ପ୍ରଶ୍ନକାଳରେ ପ୍ରଶ୍ନ କରିଥିଲେ ବିଜେଡି ବିଧାୟକ ଧ୍ରୁବଚରଣ ସାହୁ । ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଥିଲେ ଯେ ଘଟଣାର ତଦନ୍ତ ହୋଇଛି । ଜିଲ୍ଲା ପ୍ରଶାସନ ବେଆଇନ ନିର୍ମାଣ ବନ୍ଦ କରିଛନ୍ତି । ଆଗକୁ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ, ସେ ଦିଗରେ ବିଭାଗ ଖୁବ୍ଶୀଘ୍ର ନିଷ୍ପତ୍ତି ନେବ ବୋଲି ସେ ଗୃହରେ ଉତ୍ତର ରଖିଥିଲେ ।

# ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବଙ୍କୁ ହାଇକୋର୍ଟଙ୍କ ପୁଲିସ ନୋଟିସ୍

କଟକ, ୨।୧୨(ସମିସ): ଏକ ଅଦାଲତ ଆଦେଶ ଅବମାନନା ମାମଲାରେ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବଙ୍କୁ ପୁଲିସ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ । ପ୍ରତିପକ୍ଷଙ୍କୁ ପୁଲିସ ମାଧ୍ୟମରେ ଏହି ନୋଟିସ୍ ପ୍ରଦାନ କରାଯିବ ବୋଲି ନାରାୟଣଚନ୍ଦ୍ର ସାମଲଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କୃଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଡିସେମ୍ବର ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

ମାମଲାରୁ ପ୍ରକାଶ ଯେ ଧରଣୀଧର ବିଶ୍ୱବିଦ୍ୟାଳୟରେ ଏମ୍ବିଏ, ଏମବିଏ (ଏଫଏମ) ଓ ବିବିଏ ବିଭାଗରେ ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଅନିୟମିତା ହୋଇଥିବା ଅଭିଯୋଗ ହୋଇଥିଲା । ଆବେଦନକାରୀ ଏହି ପଦରେ ନିଯୁକ୍ତି ପାଇଁ ଦରଖାସ୍ତ ଦାଖଲ କରିଥିଲେ । ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥିବା ପ୍ରାର୍ଥୀଙ୍କୁ ଚୟନ ତାଲିକାରେ ସ୍ଥାନ ଦିଆଯାଇଥିବା ଅଭିଯୋଗ ହୋଇଥିଲା । ଆବେଦନକାରୀଙ୍କ ସ୍ମାରକପତ୍ର ଉପରେ ୮ ସପ୍ତାହ ଭିତରେ ନିଷ୍ପତ୍ତି ନେବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, ଏହି ନିର୍ଦ୍ଦେଶ ପାଳନ କରାଯାଇନଥିଲା । ଏହି ପ୍ରସଙ୍ଗରେ ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗ ନେଇ ଆବେଦନକାରୀ ଉପରୋକ୍ତ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ । ଆବଦେନକାରୀଙ୍କ ତରଫରୁ ଆଇନଜୀବୀ ସପନ କୁମାର ପାଲ ମାମଲା ପରିଚାଳନା କରୁଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶେଷରେ ରାଜିହେଲେ...

ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା । ନିଷ୍ପତ୍ତି ଅନୁଯାୟୀ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୮ ତାରିଖରେ ଲୋକସଭାରେ ୧୦ ଘଣ୍ଟା ଆଲୋଚନା ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋଚନାର ଆରମ୍ଭ କରିବେ । ଏହାର ପରବର୍ତ୍ତୀ ଦିନ ଅର୍ଥାତ୍ ୯ ତାରିଖରେ ଏସ୍ଆଇଆର୍ ଉପରେ ଲୋକସଭାରେ ଆଲୋଚନା କରାଯିବ । ଏଥିପାଇଁ ମଧ୍ୟ ୧୦ ଘଣ୍ଟା ସମୟ ଦିଆଯାଇଛି । ତେବେ ଗୃହ ଚାହିଁଲେ ଆଲୋଚନା ସମୟ ବଢ଼ାଇପାରିବ । ସର୍ବଦଳୀୟ ବୈଠକରେ ସବୁ ଦଳର ନେତା ଆଲୋଚନା ଏବଂ ସମୟକୁ ନେଇ ସହମତି ପ୍ରକାଶ କରିଥିଲେ । ଏବେ ସଂସଦ କାର୍ଯ୍ୟରେ ପୂର୍ଣ୍ଣ ରୂପେ ସହଯୋଗ କରିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ ସମସ୍ତ ସଭ୍ୟଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ଗଠନମୂଳକ ଆଲୋଚନା ଗଣତନ୍ତ୍ର ଓ ସଂସଦୀୟ ବ୍ୟବସ୍ଥାକୁ ସମୃଦ୍ଧ କରିବ । ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ ବିହାରରେ ଏସ୍ଆଇଆର୍ ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଚାଲିଛି । ଭୋଟର ତାଲିକା ସଂଶୋଧନ ନାମରେ ଅନେକ ଯୋଗ୍ୟ ଭୋଟରଙ୍କ ନାମ କାଟି ଦିଆଯାଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିବା ବେଳେ ନିର୍ବାଚନ କମିସନ ଏହାକୁ ଅସ୍ୱୀକାର କରିଛନ୍ତି । ତେବେ ଏବେ ଯେଉଁ କଥାଟି ବେଶି ବ୍ୟଥିତ କରିଛି, ତାହାହେଲା ଏସ୍ଆଇଆର୍ ପ୍ରକ୍ରିୟାରେ ନିୟୋଜିତ ବୁଥ ସ୍ତରୀୟ ଅଧିକାରୀ ବା ବିଏଲ୍ଓଙ୍କ ମୃତ୍ୟୁ । ଭୋଟର ତାଲିକା ସଂଶୋଧନ ପାଇଁ ଘର ଘର ବୁଲି ସେମାନେ ଫର୍ମ ପୂରଣ କରୁଛନ୍ତି । କାର୍ଯ୍ୟ ଚାପ ଯୋଗୁଁ ଅନେକ ବିଏଲଓ ଆତ୍ମହତ୍ୟା କରିଥିବା ବେଳେ କେତେକ ବିଏଲଓଙ୍କର ହୃଦଘାତରେ ମୃତ୍ୟୁ ଘଟୁଛି । ଏଭଳି ୭୦ରୁ ଅଧିକ ବିଏଲଓଙ୍କ ମୃତ୍ୟୁକୁ ନେଇ ବିରୋଧୀ ଦଳ ଉଦବେଗ ପ୍ରକାଶ କରିଛନ୍ତି । ଏହିସବୁ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀ ଦାବି କରିଥିବା ବେଳେ ସରକାର ରାଜି ହେଉନଥିଲେ । ସରକାରଙ୍କର ଯୁକ୍ତି ଥିଲା ଯେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିର୍ବାଚନ କମିସନଙ୍କ ପ୍ରଶାନିକ ମାମଲା ହୋଇଥିବାରୁ ସରକାର କିଛି କରିପାରିବେ ନାହିଁ ।

### ପ୍ରଧାନମନ୍ତ୍ରୀଙ୍କ ବାସଭବନ...

ଏହି ପରିବର୍ତ୍ତନ ପ୍ରଶାସନିକ ନୁହେଁ, ବରଂ ସାଂସ୍କୃତିକ । ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସାଉଥ ବ୍ଲକରୁ ବାହାରି ସେବା ତୀର୍ଥ ନାମରେ ନାମିତ ନୂଆ ଆଡଭାନ୍ସ କ୍ୟାମ୍ପସକୁ ସ୍ଥାନାନ୍ତର ହେବାକୁ ଯାଉଛି । ଏହି ପରିବର୍ତ୍ତନ 'ସେଣ୍ଟ୍ରାଲ ଭିଷ୍ଟା ରି ଡେଭଲପମେଣ୍ଟ ପ୍ରୋଜେକ୍ଟ'ର ଅଂଶବିଶେଷ । ଅକ୍ଟୋବର ୧୪ରେ କ୍ୟାବିନେଟ ସଚିବ ଟି.ଭି ସୋମନାଥନ ସେବା ତୀର୍ଥ-୨ରେ ସେନା ମୁଖ୍ୟଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଥିଲେ । ପିଏମଓ ସେବା ତୀର୍ଥ-୧ରୁ କାମ କରିବ । ସେବା ତୀର୍ଥ-୨ରେ କ୍ୟାବିନେଟ ସଚିବାଳୟ ରହିବ । ସେବା ତୀର୍ଥ-୩ ଏନଏସଏଙ୍କ କାର୍ଯ୍ୟାଳୟ ହେବ । ଏହା ପୂର୍ବରୁ କେନ୍ଦ୍ର ସରକାର ରାଜପଥର ନାମ ବଦଳାଇ କର୍ତ୍ତବ୍ୟ ପଥ କରିଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଆନୁଷ୍ଠାନିକ ବାସଭବନକୁ ରେସ କୋର୍ସ ରୋଡ କୁହାଯାଉଥିଲା । ୨୦୧୬ରେ ଏହାର ନାମ ବଦଳା ଯାଇ ଲୋକ କଲ୍ୟାଣ ମାର୍ଗ କରାଯାଇଥିଲା ।

### ଆଉ ଜେଲ୍ ଯିବେନି...

ବିରୋଧୀ ବିଜେଡି ପକ୍ଷରୁ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ବିଲକୁ ବିରୋଧ କରିଛନ୍ତି । ଜୁଆ ଖେଳ ଦଣ୍ଡ ହ୍ରାସ ଓ ମହୁଲ ଫୁଲ ପାନୀୟ ଉପରେ ଦଣ୍ଡ ବୃଦ୍ଧିକୁ ସେ ସମାଲୋଚନା କରିଛନ୍ତି । ସେହିପରି ବିଦ୍ୟୁତ୍ ଶୁଳ୍କ କ୍ଷେତ୍ରରେ କରାଯାଇଥିବା ପରିବର୍ତ୍ତନ କମ୍ପାନୀ ଗୁଡ଼ିକୁ ମୁନଫାଖୋର୍ କରିବ ଓ ଏଭଳି ବିଲ ଆଣି ସରକାର ଜନସାଧାରଣଙ୍କୁ ଭୟଭୀତ କରିବାକୁ ଚାହୁଁଛନ୍ତି ବୋଲି ସେ କହିଛନ୍ତି । ସେହିପରି ଧ୍ରୁବ ସାହୁ ଏହି ବିଲ ଗୃହୀତ ହେଲେ ସାମାଜିକ ଶୃଙ୍ଖଳା ଭୁଶୁଡ଼ି ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି । ଜୁଆ ଖେଳ ସମାଜର ଏକ ବ୍ୟାଧି । ଏହି ଆଇନ ଦ୍ୱାରା ମାତ୍ର ୫ ହଜାର ଦେଇ ଜୁଆ ଖେଳ ହୋଇପାରିବ ବୋଲି ବ୍ୟବସ୍ଥା ହୋଇଛି । ଦେଶୀ ମଦ ବେପାରୀଙ୍କ ପାଇଁ ମଧ୍ୟ ଜୋରିମାନା ବ୍ୟବସ୍ଥା କରାଯାଇଛି । ସେମାନେ ଜୋରିମାନା ଦେଲେ ତାଙ୍କୁ ଛାଡ଼ିଦିଆଯିବ । ଏଥିପାଇଁ ଗାଁ ଗଣ୍ଡାରେ ପରିବାର ଉଜୁଡ଼ି ଯିବ ବୋଲି ଧ୍ରୁବ କହିଛନ୍ତି । ଅନୁରୂପ ଭାବରେ କଂଗ୍ରେସ ବିଧାୟକ ସିଏସ୍ ରାଜନ୍ ଏକ୍କା କହିଛନ୍ତି ଯେ ଜୁଆ ଖେଳ ସର୍ବଦା ବର୍ଜନୀୟ । ମାତ୍ର ବିଲ୍ରେ କେବଳ ଫାଇନ ବ୍ୟବସ୍ଥାଥିବାରୁ ଏହା ଲୋକଙ୍କ ଭୟ ହ୍ରାସ କରିବ ଓ ମହୁଲ ଫୁଲ ସଂକ୍ରାନ୍ତରେ ବିଲ୍ରେ ନୂତନ ବ୍ୟବସ୍ଥା ଆଦିବାସୀଙ୍କ ଅଧିକାର କ୍ଷୁର୍ଣ୍ଣ କରିବ ବୋଲି ରାଜନ୍ କହିଛନ୍ତି ।

ବିଧାୟକ ଗୌତମ ବୁଦ୍ଧ ଦାସ ବିଲକୁ ବିରୋଧ କରି ଦିଲ୍ଲୀରୁ ଏହି ବିଲର ନକ୍ସା ପ୍ରସ୍ତୁତ ହୋଇଛି ଓ ଧନୀ ଲୋକଙ୍କ ପାଇଁ ଏହି ବିଲ ପ୍ରସ୍ତୁତ କରାଯାଇଛି । । ଶିଳ୍ପ ସଂସ୍ଥା ପାଇଁ ପଥ ପରିଷ୍କାର ହେଉଛି । ଜନପ୍ରତିନିଧି ଭାବେ ଆମେ ଚୁପ୍ ରହିଲେ ଇତିହାସ ଆମକୁ କ୍ଷମା ଦେବନି ବୋଲି ସେ କହିଛନ୍ତି । ସେହିଭଳି ବିଧାୟକ ଗଣେଶ୍ୱର ବେହେରା ବିଲକୁ ବିରୋଧ କରିବା ସହ ଦେଶର ୧୯ ଟି ରାଜ୍ୟ ଏହାକୁ ଗ୍ରହଣ କରି ନାହାନ୍ତି ବୋଲି କହିଛନ୍ତି । ଏଥିରେ ବିଜେପି ଶାସିତ ରାଜ୍ୟମନେ ମଧ୍ୟ ଅଛନ୍ତି; କିନ୍ତୁ ଓଡ଼ିଶା ସରକାର ଏହି ବିଲ ପରିତ କରିବା ପାଇଁ କାହିଁକି ତରବର ହେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ବିଧାୟିକା ସୋଫିଆ ଫିର୍ଦ୍ଦୋସ ବିଲରେ ଅପରାଧିକ ମାମଲା ପାଇଁ ଜରିମାନା ବ୍ୟବସ୍ଥା କରିବାକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ୫ ହଜାର ଜରିମାନା ଦ୍ୱାରା ଲୋକେ ଖୁସିରେ ଜୁଆ ଖେଳିବେ । ଶାସକ ଦଳ ପକ୍ଷରୁ ବିଲ ସପକ୍ଷରେ ଯୁକ୍ତି ବାଢ଼ି ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଛନ୍ତି, ଏହି ବିଲ କେବଳ ଇଜ୍ ଅଫ ଡୁଇଂ ବିଜନେସ ନୁହେଁ ଲୋକଙ୍କ ଜୀବନରେ ମଧ୍ୟ ପରିବର୍ତ୍ତନ ଆଣିବ । ପୂର୍ବରୁ ଏଭଳି ମାମଲାରେ ମାତ୍ର ଦୁଇ ରୁ ତିନି ମାସ ଜେଲ ଦଣ୍ଡ ଥିବାରୁ ତାକୁ ଲୋକମାନେ ଡ଼ରୁ ନ ଥିଲେ । ୫୦୦୦ ଟଙ୍କା ଜରିମାନା ଦ୍ୱାରା ସେମାନେ ଡରିବେ ଆଉ ଜୁଆ ଖେଳରୁ ଦୂରେଇ ରହିବେ ବୋଲି ସେ କହିଛନ୍ତି । ଶାସକ ଦଳ ପକ୍ଷରୁ ଫକୀର ମୋହନ ନାୟକ, ବାବୁ ସିଂ, ସନ୍ତୋଷ ଖଟୁଆ, ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ବିଲ ସପକ୍ଷରେ ଯୁକ୍ତି ରଖିଥିଲେ ।

ବିଭାଗୀୟ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଆଇନ ସହ ସମନ୍ୱୟ ରକ୍ଷା କରି ଓଡ଼ିଶା ଜନ ବିଶ୍ୱାସ ବିଲ ପ୍ରସ୍ତୁତ କରାଯାଇଛି । କ୍ଷୁଦ୍ର ପ୍ରକ୍ରିୟାଗତ ଅପରାଧ ଅଧୀନରେ ଛୋଟ ଛୋଟ ଅପରାଧ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ୩ ମାସ ଜେଲ ଦଣ୍ଡ ଥିଲେ ୫ ରୁ ୨୫ ହଜାର ପର୍ଯ୍ୟନ୍ତ ଜରିମାନା, ୬ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡକୁ ୨୫ ରୁ ୧ ଲକ୍ଷ ପର୍ଯ୍ୟନ୍ତ, ୧ ରୁ ୩ ବର୍ଷ ଭିତରେ ୧ ରୁ ୨ ଲକ୍ଷ ଏବଂ ୩ ବର୍ଷରୁ ଅଧିକ ଜେଲ ଦଣ୍ଡକୁ ଉଚ୍ଚ ସ୍ତରୀୟ ଜରିମାନା ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ଅନାବଶ୍ୟକ ଅନୁପାଳନ ବୋଝ ହଟିବ । ଇଜ୍ ଅଫ ଡୁଇଂ ବିଜନେସକୁ ଗତି ମିଳିବ । ୯ ଟି ବିଭାଗର ୧୬ଟି ଆଇନକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଅପରାଧକୁ କ୍ଷୁଦ୍ର ପ୍ରକ୍ରିୟାଗତ ଅପରାଧ ଓ ବୈଷୟିକ ଅପରାଧରେ ବିଭକ୍ତ କରାଯାଇଛି । ମନ୍ତ୍ରୀଙ୍କ ଉତ୍ତରରେ ବିରୋଧୀ ଅସନ୍ତୁଷ୍ଟ ହୋଇ କକ୍ଷ ତ୍ୟାଗ କରିଥିବା ବେଳେ ଏହି ବିଲ୍ ବିରୋଧୀଙ୍କ ଅନୁପସ୍ଥିତିରେ ଗୃହରେ ପାରିତ ହୋଇଛି । (ପ୍ରଦୀପ)

### ଶହେରୁ ୧ ରଖିଲେ...

ସେମାନେ ଛାତ୍ରଛାତ୍ରୀଙ୍କୁ ପାସ୍ କରିବା ପାଇଁ ସର୍ବନିମ୍ନ ୩୦ ମାର୍କ ରଖିବାରେ କିପରି ସହାୟତା କରିବେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି । ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ପୂର୍ବତନ ମୁଖ୍ୟ ସଚିବ ବିଜୟ ପଟ୍ଟନାୟକ କହିଛନ୍ତି ଯେ, ପାଠପଢ଼ିଲା ବେଳେ ପାସ୍ କରିବା ପାଇଁ ଯେପରି ସର୍ବନିମ୍ନ ମାର୍କର ଆବଶ୍ୟକ ହୋଇଥାଏ ଠିକ୍ ସେହିପରି ନିଯୁକ୍ତି ପରୀକ୍ଷାରେ ମଧ୍ୟ ନୂତନ ବ୍ୟବସ୍ଥା କରିବା ଆବଶ୍ୟକ । ସମନ୍ୱୟ ରଖିବା ପାଇଁ ସାଧାରଣ ବର୍ଗ ତୁଳନାରେ ଅନ୍ୟ ବର୍ଗଙ୍କ ମାର୍କ କମ୍ କରାଯାଇ ପାରେ, ହେଲେ ଏକ ଯୋଗ୍ୟତା ଅର୍ଜନ କରିବା ପାଇଁ ଏକ ବେଞ୍ଚମାର୍କ ଆବଶ୍ୟକ । ଏ ସମ୍ପର୍କରେ ଚିନ୍ତନ କରିବାର ସମୟ ଆସିଛି । ଏହାର ସମୀକ୍ଷା କରି ତ୍ୱରିତ ପଦକ୍ଷେପ ନିଆ ନଗଲେ ବ୍ୟବସ୍ଥା କ୍ରମାଗତ ଭାବେ ଭୁଷୁଡ଼ି ପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ ଆଶଙ୍କା ପ୍ରକାଶ କରିଛନ୍ତି ।

### ନକଲି ଔଷଧର...

୨୫ରେ ୧୧ଟି ନକଲି ମେଡିସିନ ଓ ୮୦ଟି ନିମ୍ନମାନର ମେଡ଼ିସିନକୁ ସରକାର ଜବତ କରିଛନ୍ତି । ଏହି ମେଡ଼ିସିନଗୁଡ଼ିକ ମଧ୍ୟରେ ଟେଲ୍ମା ୪୦, ପାନ୍ ୪୦, ଜିରୋଡଲ ଏସ୍ପି, ରାନିଟିନ, ପାରାସିଟାମଲ, ପେଡିଆଟ୍ରିକ ସିରପ, ଆଲମୋକାଇଣ୍ଡ, ପାଣ୍ଟପ-୪୦, କ୍ଲାଭାମ ୬୨୫ ପରି ନାମିଦାମୀ ମେଡିସିନ ରହିଛି । ଗୃହ ବାହାରେ ପ୍ରତିକ୍ରିୟା ରଖି ଏନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ କ୍ଷତିକାରକ ମେଡିସିନ ଖାଇ ଲୋକେ ଯେ ରୋଗଗ୍ରସ୍ତ ନ ହୁଅନ୍ତୁ, ମୃତ୍ୟୁମୁଖରେ ନପଡ଼ନ୍ତୁ, ତାହା ଦେଖିବା ସରକାରଙ୍କ ଦାୟିତ୍ୱ । ସରକାର ଏନେଇ ତନଖି କଡ଼ାକଡ଼ି କରିବା ଆବଶ୍ୟକ । ସେହିପରି ଅନ୍ୟତମ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି ଯେ ନକଲି ମେଡିସିନ ମାନେ ଲୋକେ ବିଷ ଖାଉଛନ୍ତି । ଯେଉଁମାନେ ଏହାକୁ ବ୍ୟବହାର କରୁଛନ୍ତି, ସେମାନେ ଏହା ନକଲି କି ଅସଲି ତାହା ଜାଣିପାରୁ ନାହାନ୍ତି । ତେଣୁ ସ୍ୱାସ୍ଥ୍ୟ ବିଭାଗ ଏହାପ୍ରତି ସର୍ବାଧିକ ସଚେତନ ରୁହନ୍ତୁ ବୋଲି ସେ କହିଛନ୍ତି । କଂଗ୍ରେସ ମଧ୍ୟ ନକଲି ଔଷଧ ନିର୍ମାତା ଏବଂ ବିକ୍ରେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଶାସକ ଦଳ ବିଧାୟକମାନେ ମଧ୍ୟ ସମାନ କଥା ଦୋହରାଇଛନ୍ତି । ଶରୀରକୁ ଠିକ୍ କରିବା ପାଇଁ ଆମେ ଔଷଧ ଖାଉଥିବା ବେଳେ ପ୍ରକାରନ୍ତରେ ଅଜ୍ଞାତରେ ଶରୀରକୁ ଖରାପ କରୁଛନ୍ତି । ସରକାର ଅଧିକ ଏକ୍ଷେତ୍ରରେ ଯତ୍ନବାନ ହୋଇ ତ୍ୱରାନ୍ୱିତ ଭାବେ ଚଢଉ, ତନଖି କରିବାର ଆବଶ୍ୟକତା ରହିଛି ବୋଲି ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି ।

ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ବର୍ତ୍ତମାନ ଆକ୍ସନ ମୋଡ଼ରେ ଅଛି । ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ନିୟମିତ ଚଢ଼ଉ କରାଯାଉଛି । ନକଲି ଔଷଧ ଜବତ କରାଯାଉଛି । ଆଗାମୀ ଦିନରେ ଏହାକୁ ବ୍ୟାପକ ସରକାର ଆହୁରି ବ୍ୟାପକ କରିବେ । ବିଭିନ୍ନ ସମୟରେ ନକଲି ମେଡ଼ିସିନ ବଜାରକୁ ଛାଡିକୁ ଚକ୍ରାନ୍ତ ହୋଇଥାଏ । ସ୍ୱାସ୍ଥ୍ୟ ବିଭାଗ,ଡ୍ରଗ୍ସ କଣ୍ଟ୍ରୋଲର ଓ ପୋଲିସ ବିଭାଗ ମିଳିତ ଭାବେ ଚଢଉ ସହ ଏହାର ଉତ୍ସକୁ ଖୋଜୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।


**JAI JAGANNATH HIGHER SECONDARY SCHOOL**
AT/PO-R.BADMAL ,DIST: SAMBALPUR 768105
Non- Govt. Aided H.S.School(662 Category)
Email id: jaijagannathcollege@gmail.com

WANTED LECTURER

Interested candidates having at least 55% of marks in PG level may apply with Biodata and Testimonials for the post of Lecturer in Sanskrit within 07(seven) days from the date of advertisement.

**NB: Women candidate may be given weightage.**

Sd- Principal I/C Cum Secretary
9861149632
93377 69885

**WALK-IN-INTERVIEW**

**REJUVENE URO NEPHRO HOSPITAL**, Mangalabag, Cuttack required GDMO (Negotiable Salary),OT Technician, OT Incharge, GNM ICU Incharge (15k TO 20K and above Negotiable) ANM, Receptionist, GJAY Executive, OPD Staff (12K TO 15K) and above Negotiable. Minimum Experience-2Yrs

**1st walk in interview on 7th December 2025**
**2nd walk in interview on 27th December 2025**
**Walk in interview timing-10:30AM TO 2:30PM**

Interview Venue- **REJUVENE URO NEPHRO HOSPITAL**
**Ring Road, Mangalabag, Cuttack-753001, M-8763145837/ 9124948026, Mail ID-rejuveneuronephro@gmail.com**

MM-328

**OFFICE OF THE DIVISIONAL FOREST OFFICER, ANGUL KENDU LEAVES DIVISION, ANGUL**
At/PO- Hakimpada, Dist.- Angul, Pin-759143, Phone No. 06764-234157
Email-dfoklangl@gmail.com
No.278 /1F (Acct.) Dt.29.11.2025

**NOTICE INVITING TENDER**

Bid Identification No.DFO-ANUGUL-KL-01 Online / 2025-26

| | The Divisional Forest Officer, Angul KL Division on behalf of Governor of Odisha invites percentage rate bids in Single cover system in ONLINE MODE | | |
|---|---|---|---|
| 1. | Nature of Works | : | Construction of Forester Quarters· |
| 2. | No. of Works | : | 02 (Two). |
| 3. | Bid Cost | : | 6,000/- |
| 4. | Class of Contractor | : | "C" Class & "D" Class |
| 5. | Date & Time of availability of the bid documents in portal | : | From 10.00 A.M. of Date 04.12.2025 to 05.00 P.M. of Date 18.12.2025 |
| 6. | Last date & time of receipt of bids in portal | : | Up to 05.00 P.M. of Date 18.12.2025 |
| 7. | Date of opening of Bid | : | At 11.30 A.M. of Date 19.12.2025 |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/ cancellation of tender can also be seen in the said website only. | | |

OIPR-08152/11/0001/2526
Sd/-
Divisional Forest Officer
Angul (KL) Division

**ଖୋର୍ଦ୍ଧା ଜିଲ୍ଲାରେ ୨୦୨୫-୨୬ (ରବି) ଆଳୁ ଚାଷ ନିମନ୍ତେ ବିଶେଷ ସୂଚନା**

L-122 ଏତଦ୍ୱାରା ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି ଯେ, ଚଳିତ ରବି ଋତୁରେ ଆଳୁ ଚାଷ ପାଇଁ ଉନ୍ନତ କିସମର ବିହନ କୁଫ୍ରି ଜ୍ୟୋତି । କୁଫ୍ରି ପୋଖରାଜ । କୁଫ୍ରି ଖ୍ୟାତି । ନଭେମ୍ବର ମାସ ୧୪ ତାରିଖ ପରଠାରୁ ବର୍ତ୍ତମାନ ବିଭିନ୍ନ ବ୍ଲକସ୍ଥିତ ସହକାରୀ ଉଦ୍ୟାନକୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଉନ୍ନତ ଆଳୁ ବିହନର ଦାମ କିଲୋ ପ୍ରତି ଟ.୪୨.୨୪ ଥିବାବେଳେ ଚାଷୀଙ୍କୁ କିଲୋପ୍ରତି ଟ. ୨୦.୦୦ ଦାଖଲ କରିବାକୁ ପଡ଼ିବ ଏବଂ ଚାଷୀ ଆଳୁ ଲଗାଇବା ସମୟର ଜିଓ ଟ୍ୟାଗ୍ ଫଟୋ ଦାଖଲ ହେବା ପରେ ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ କୁ କିଲୋପ୍ରତି ଟ.୧୦.୦୦ ହିସାବରେ ଅନୁଦାନ ରାଶି ଫେରସ୍ତ ଦିଆଯିବ । ହେକ୍ଟର ପ୍ରତି ୧୫ କୁଇଣ୍ଟାଲ୍ ଆଳୁ ମଞ୍ଜିର ଆବଶ୍ୟକତା ରହିଥିବାବେଳେ ଜଣକୁ ସର୍ବନିମ୍ନ ୦.୧ ହେକ୍ଟର ପାଇଁ ୧୫୦ କିଗ୍ରା ଓ ସର୍ବୋଚ୍ଚ ୦.୫ ହେକ୍ଟର ପାଇଁ ୭୫୦ କିଗ୍ରା ଆଳୁ ବିହନ ମିଳିବ । ଆଳୁ ବିହନକୁ ଗଜା କରି ଓ ବିଶୋଧନ କରି ଲଗାଇବା ଆବଶ୍ୟକ ।

ଅମଳ ପରବର୍ତ୍ତୀ ପରିଚାଳନା ଅନ୍ତରଗତ ଆଳୁ ଅମଳ ପରେ ସୁଲଭ ଦରରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ଶୀତଳ ଭଣ୍ଡାର ମାନଙ୍କରେ ଚାଷୀ ମାନେ ଆଳୁ କୁ ସାଇତି ରଖିପାରିବାର ବ୍ୟବସ୍ଥା ରହିଅଛି ।

ଆଳୁ ଚାଷ କରିବା ପାଇଁ ଇଚ୍ଛୁକ ଚାଷୀଭାଇ ମାନେ ସେମାନଙ୍କ ଆଧାର, ଜମିପଟ୍ଟା, ବ୍ୟାଙ୍କ ଜମାଖାତାର ନକଲ ଏବଂ ପାସପୋର୍ଟ ଫଟୋ ସହିତ ଆଳୁ ବିହନ ବାବଦରେ ଧାର୍ଯ୍ୟ ମୂଲ୍ୟ ଯଥାଶୀଘ୍ର ବ୍ଲକ୍ସ୍ତରୀୟ ଉଦ୍ୟାନକୃଷି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

ସୌଜନ୍ୟ
ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା
OIPR-01419/11/0004/2526

**AFFIDAVIT**

By virtue of an Affidavit before Notary Public, Malkangiri, **I, Irme Kabasi,** aged about 24 years, W/o.: Ajay Kumar Kabasi, D/o.: Padia Madi resident of Village: Koyagiri, PO.: Matapaka, P.S./Dist.: Malkangiri, Odisha, declare by this Affidavit No.: 1881/2025, Dated: 01.12.2025 that I have changed my name from **Irme Madi** to **Irme Kabasi**. Henceforth I shall be known as **Irme Kabasi** for all future purposes.

**AFFIDAVIT**

By Virtue of an affidavit C.F.No.- 7, Dated 01.12.2025 before the Executive Magistrate,Bhawanipatna At Sambhunagarpada, PO/PS- Bhawanipatna, Dist Kalahandi Odisha, I, Nityananda Panda have changed my name from Nityanand Panda to Nityananda Panda . Henceforth I Shall be Known as Nityananda Panda for all purposes.

Sd/- Nityananda Panda

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 02/12/2025. I, **Dasharatha Rana,** aged about 38 years, S/o- Kartika Rana, permanent resident of ATPO- Katarkela, PS- Titilagarh, Dist- Balangir, (Odisha), PIN-767033 now residing at the same place declare that I have changed my minor son's name from **Pusparaj Rana** (old name) to **Papu Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Papu Rana** (new name) for all future purposes.

**Dasharatha Rana**

**LOST**

I, **Tankadar Tandi,** S/o- Bhima Tandi, residence of AT/PO/PS: Titilagarh (Sargiguda), Dist: Balangir, PIN- 767033, Odisha do hereby declared that, on 24.10.2025 while I was roaming around the main road of Titilagarh somewhere my carry bag was misplaced, wherein I have kept the Migration Certificate of my son **Nikhil Kumar Tandi** issued by Revenshaw University, Cuttack on his completion of Graduate in BA (Hons.) Economics bearing Regd. No. 21 DEC-054 & others necessary documents. If anyone finds it kindly contact to my address & my mobile number: 8249803611.

**Tankadar Tandi**

**AFFIDAVIT**

I, Sagar Kumar Thatoi, aged about 27 years, S/o-sushanta Kumar Thatoi, resident of At-Juania (hadua), Po-Govindpur, Ps-Aul, Dist-Kendrapara, Odisha, Pin- 755061 declare by this affidavit No. 2432, dtd-01.12.2025, that now onwards I shall be known as **SAGAR THATOI** for all future purposes.

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com

- **B. Pharm** *Rs. 58,000/- P.A.* Eligibility: +2 Sc. (PCB/M & OJEE Appeared)
- **D. Pharm** *Rs. 48,000/- P.A.* Eligibility: +2 Sc. (PCB/M)
- **B.M.L.T.** *Rs. 58,000/- P.A.* Eligibility: +2 Sc. (PCB/M with 50 % Mark)
- **D.M.L.T.** *Rs. 48,000/- P.A.* Eligibility: +2 Sc. Pass (PCB/M)
- **M.P.H.** *Rs. 42,000/- P.A.* Eligibility: Any Graguate

ALL COURSE FEES ARE EXCLUDING HOSTEL

# ଯୋଗାଣ ସହାୟକଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

ନୂଆପଡ଼ା,୨।୧୨(ସମିସ):

ନୂଆପଡ଼ା ବ୍ଲକ୍ କେନ୍ଦୁବାହାରା ପଞ୍ଚାୟତ ଫରପୋଦ, ଗିଧନିପାଣି ଓ ସିରିଗିଡ଼ି ଆଦି ଗାଁରେ ଖାଦ୍ୟ ସୁରକ୍ଷା ଯୋଜନାରେ ପଞ୍ଚାୟତରୁ ଖାଉଟି ସାମଗ୍ରୀ ନେଉଥିବା ହିତାଧିକାରୀଙ୍କୁ ନୂତନ କାର୍ଡ ବଣ୍ଟନ

**● ଜେରକ୍ସ ଖାଉଟିକାର୍ଡ ବଣ୍ଟନ ନାଁରେ ଅର୍ଥ ଆତ୍ମସାତ**

ନାଁରେ ଜେରକ୍ସ କାର୍ଡ ପ୍ରସ୍ତୁତ କରି ହିତାଧିକାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ସଂଗ୍ରହ କରିବା ଅଭିଯୋଗ ଉପରେ ତଦନ୍ତ ହେବାର ଦୁଇ ସପ୍ତାହ ଗଡିଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ଶେଷରେ ପଞ୍ଚାୟତବାସୀ ନୂଆପଡା ଜିଲ୍ଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି। ଜିଲ୍ଲାପାଳ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ କରିଛନ୍ତି। ପ୍ରକାଶ ଯେ ଗତ ନୂଆପଡ଼ା ଉପନିର୍ବାଚନ ଚାଲିଥିବା ସମୟରେ କେନ୍ଦୁବାହାରା ଯୋଗାଣ ସହାୟକ ହିରଦେସିଂ ହରିଜନ ଏକ ନୂତନ ଖାଉଟିକାଡର୍ ତିଆରି କରିଥିଲେ। ଖାଉଟିକାଡର୍‌ର ଏକ ନକଲ ପ୍ରିଣ୍ଟ କରିଥିଲେ। କିନ୍ତୁ ଏଥିପାଇଁ ପିଇଓ କି ସରପଞ୍ଚଙ୍କ ଅନୁମତି ମଧ ନେଇନଥିଲେ। ନୂତନ ଖାଉଟି କାଡର୍



ବଣ୍ଟନ କରିଥିଲେ। ଏହି ନୂତନ ଖାଉଟି କାଡର୍ ପାଇଁ ଫରପୋଦ, ଗିଧନିପାଣି ଓ ସିରିଗିଡ଼ି ଗାଁରେ ହିତାଧିକାରୀଙ୍କୁ ନୂତନ ଖାଉଟି କାଡର୍ ନାଁରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଠାରୁ ଶହେଟଙ୍କା ଲେଖାଏଁ ଅସୁଲି କରିଥିଲେ। ଗତ ନଭେମ୍ବର ୧୨ରେ ଛତିଶଗଡ଼ ରାଜ୍ୟ ସୀମାନ୍ତ ଗାଁର ସରଳ ଓ ନିରୀହ ଆଦିବାସୀ ଲୋକେ ଯୋଗାଣ ସହାୟକଙ୍କୁ ସହଜରେ ବିଶ୍?ାସ କରି ନୂତନ କାଡର୍ ଗ୍ରହଣ କରି ଶହେ ଟଙ୍କା ଦେଇଥିଲେ। ଏହାକୁ ଗାଁର କେତେକ ଯୁବକ ଭିଡ଼ିଓ କରି ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ଏହା ଉପରେ "ସକାଳ"ସମେତ ବିଭିନ୍ନ ଖବର କାଗଜରେ ଖବର ପ୍ରସାରଣ ହୋଇଥିଲା। ତାପରଦିନ ଉପଜିଲ୍ଲାପାଳ ସୁର୍ମୀ ସୋରେନ ଗିଧନିପାଣି ଗାଁରେ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ସେଠି ନୂଆଁ ଖାଉଟିକାଡର୍ ନାଁରେ ଯୋଗାଣ ସହାୟକ ଶହେ ଟଙ୍କା ନେଇଥିବା ଲୋକେ କହିଥିଲେ। ଏହାର ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯିବ ଓ ସେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଉପଜିଲ୍ଲାପାଳ କହିଥିଲେ। ଦିନ ପରେ ଦିନ ଗଡି ଗଲା ସିନା କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଶେଷରେ କେନ୍ଦୁବାହାରା ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଯୋଗାଣ ସହାୟକଙ୍କ ନାଁରେ ଲିଖିତ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏତେଦିନ ପରେ ବି କାହିଁକି ତଦନ୍ତ ରିପୋର୍ଟ ଦେଇନାହାନ୍ତି ବୋଲି ଉପଜିଲ୍ଲାପାଳଙ୍କୁ ଜିଲ୍ଲାପାଳ ପଚାରିଥିଲେ। ଆଜି ତଦନ୍ତ ରିପୋର୍ଟ ଜମା କରିବି ବୋଲି ଉପଜିଲ୍ଲାପାଳ କହିଥିବା ପଞ୍ଚାୟତବାସୀ କହିଛନ୍ତି। ତେବେ ଏହି ଘଟଣାର ତଦନ୍ତକୁ ୧୪ଦିନ ବିତି ଯାଇଥିଲେ ବି ଜିଲ୍ଲାପାଳଙ୍କ ଠାରେ ତଦନ୍ତ ରିପୋର୍ଟ ଦାଖଲ ହୋଇନଥିବାରୁ ପଞ୍ଚାୟତବାସୀ ଅସନ୍ତୋଷ ଜାହିର କରିଥିଲେ। ଅନ୍ୟପକ୍ଷେ ଜିଲ୍ଲା ପ୍ରଶାସନ ତରଫରୁ ଖୁବଶିଘ୍ର ଘଟଣା ଉପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଚାୟତ ବାସୀଙ୍କ ତରଫରୁ ଗିଧନିପାଣି ଗାଁର ଚୈତନ ରାଉତ, ଭୈସା ଦରହା ଗାଁର କିଶୋର ମାଝି, ବୀରେନ୍ଦ୍ର ଦାସ, ସନ୍ତୋଷ ରାଉତ, ସୁରେଶ ମିର୍ଧା ପ୍ରମୁଖ ଦାବି କରିଛନ୍ତି।

## ଦୁଇ ବାଇକ୍ ଧକ୍କାରେ ଚାଳକ ଗୁରୁତର

ଗୋଲାମୁଣ୍ଡା,୨।୧୨(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଘୋଟିଆ ବିଜୁ ଏକ୍ସପ୍ରେସ ରାସ୍ତାରେ ବାଇକ୍‌କୁ ପଛ ପଟୁ ଧକ୍କା ଦେଲା ଏକ ବାଇକ। ଯାହା ଫଳରେ ଛିଟିକି ପଡ଼ି ଗୁରୁତର ହୋଇଛନ୍ତି। ସୂଚନା କ୍ରମେ ଗୁରୁତର ବ୍ୟକ୍ତି ଜଣକ ଧର୍ମଗଡ ବ୍ଲକ କୋତମେର ଗ୍ରାମର ସାନୂର୍ଯ୍ୟ ମାଝୀ ବୋଲି ଜଣାପଡିଛି। ଓଡ଼ି ୦୮ ୟୁ ୫୧୫୭ ବାଇକ୍ ଯୋଗ ସାନୂର୍ଯ୍ୟ ମାଝୀ ଗୋଲାମୁଣ୍ଡାରୁ ନିଜ ଗାଁ କୋତମେର ଅଭିମୁଖେ ଯାଉଥିବା ସମୟରେ ଘୋଟିଆ ବିଜୁ ଏକ୍ସପ୍ରେସ ରାସ୍ତାରେ ପଛ ପଟୁ ଏକ ଅଜଣା ବାଇକ୍ ଧକ୍କା ଦେଇଥିଲା। ଉକ୍ତ ଘଟଣାକୁ ଦେଖି ଗୋଲାମୁଣ୍ଡା କୃଷି ଅଧିକାରୀ ନୌକେସ୍ୱର୍ ନାଗ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲଙ୍କୁ ଯୋଗା ଯୋଗ କରିଥିଲେ। ଖବର ପାଇ ଶ୍ୟାମ ସୁନ୍ଦର ଅଗ୍ରୱାଲ ଅଗ୍ନିଶମ ବିଭାଗକୁ ତୁରନ୍ତ ଯୋଗାଯୋଗ କରିଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବ୍ୟକ୍ତିକୁ ଉଦ୍ଧାର କରି ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡିଛି।

## ଗୁରୁ ଘାସିଦାସ ବାବାଙ୍କ ଉତ୍ସବ ପାଇଁ ପ୍ରସ୍ତୁତି



ନୂଆପଡା,୨।୧୨(ସମିସ):ନୂଆପଡା ଜିଲ୍ଲା କୋମନା ବ୍ଲକ୍ କାଣ୍ଡେତରା ଜୟ ସତନାମ ସମାଜ ପକ୍ଷରୁ ଗୁରୁ ଘାସିଦାଶ ବାବାଙ୍କ ରାଜ୍ୟସ୍ତରୀୟ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୨୮ ତାରିଖ ଦିନ ରାଜ୍ୟସ୍ତରୀୟ ଉତ୍ସବ ପାଳନ କରାଯିବାକୁ ସ୍ଥିରୀକୃତ ହୋଇଛି।କାର୍ଯ୍ୟକ୍ରମକୁ କିପରି କରାଯିବ ସେଥି ସକାଶେ କେତୋଟି ଉପ କମିଟି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୁ ସତନାମି,ପୁରେନ୍ଦର ସତନାମି, ଗଙ୍ଗାରାମ ସତନାମୀ,ଜୟାନନ୍ଦ ସତନାମୀ ଏବଂ ଜିତେନ୍ଦ୍ର ସତନାମୀଙ୍କ ସମେତ ବହୁ ଯୁବ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ।

## ପ୍ରଧାନଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ସମ୍ଭବ ଉଦ୍‌ଘାଟିତ




ନୂଆପଡ଼ା,୨।୧୨(ସମିସ):ମଙ୍ଗଳବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ାରେ ପ୍ରଧାନ ଶିକ୍ଷକଙ୍କ ପାଞ୍ଚ ଦିନିଆ ପ୍ରଶିକ୍ଷଣ ଶିବିର 'ସମ୍ଭବ' ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗଦାନ କରିଥିବା ବେଳେ ଜିଲ୍ଲାଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି,ଶିକ୍ଷା ବିଜ୍ଞାନସଂଯୋଜକ ହେମନ୍ତ ଭୋଇ,ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା,ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।ଜାତୀୟ ଶିକ୍ଷାନୀତି ୨୦୨୦କୁ ଯଥାର୍ଥ ଭାବରେ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ଜିଲ୍ଲାପାଳ ଶ୍ରୀ ଦାଶ ମତବ୍ୟକ୍ତ କରିଥିଲେ। ଶିବିରରେ ସାଧନ କର୍ମୀ ଭାବରେ ପ୍ରବୋଧ କୁମାର ହୋତା,ନିହାର ରଞ୍ଜନ ସାମଲ, ଦିଲୁ ସାହୁ ଓ ଅନିଲ କୁମାର ସା ପ୍ରଶିକ୍ଷଣ ପ୍ରଦାନ କରିବେ। ପ୍ରଥମ ପର୍ଯ୍ୟାୟରେ ଖଡ଼ିଆଳ,କୋମନା ଓ ନୂଆପଡ଼ା ବ୍ଲକ୍‌ର ୫୦ଜଣ ପ୍ରଧାନଶିକ୍ଷକ,ଶିକ୍ଷୟିତ୍ରୀ ଯୋଗଦାନ କରିଛନ୍ତି।

## ଡିଭିଭି ସତ୍ୟନାରାୟଣଙ୍କ ପରଲୋକରେ ଶୋକ



ଭବାନୀପାଟଣା,୨।୧୨(ସମିସ):ବିଶିଷ୍ଟ ଉଦ୍ୟୋଗପତି ଦଶାରୀ ଭିରା ଭେଙ୍କଟ ସତ୍ୟନାରାୟଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଥିଲେ ବରଗଡ଼ ନିକଟସ୍ଥ ଖଣ୍ଡହଥା ଗ୍ରାମର ବାସିନ୍ଦା, ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଡି ଶ୍ୟାମ ଓ ଡି ରାମ କୁମାରଙ୍କ ପିତା ତଥା ଲକ୍ଷ୍ମୀ ବିକାଶ ଗ୍ରୁପର ପରିଚାଳନା ମଣ୍ଡଳୀ ସଦସ୍ୟ। ଲକ୍ଷ୍ମୀ ବିକାଶ ଗ୍ରୁପ ପାଇଁ ତାଙ୍କର ବିଶେଷ ଅବଦାନ ରହିଛି। ତାଙ୍କ ବିୟୋଗରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ଆତ୍ମାର ସଦଗତି ନିମନ୍ତେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଭବାନୀପାଟଣା ଠାରେ ଶୋକ ସଭା ହୋଇଯାଇଛି।ତାଙ୍କ ବିୟୋଗରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅପୂରଣୀୟ କ୍ଷତି ଘଟିଛି ବୋଲି ମତ ପ୍ରକାଶ ପାଇଛି। କଳାହାଣ୍ଡି ତଥା ବରଗଡ଼ର ବିଶିଷ୍ଟ ବ୍ୟକ୍ତି ଓ ରାଜନେତା ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବୁଢୀଦର ମଣ୍ଡିରେ ଗ୍ରାମୀଣ ସଚେତନତା ସମାବେଶ



ଭବାନୀପାଟଣା,୨।୧୨(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ବୁଢୀଦର ମଣ୍ଡିପରିସରରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ, ପ୍ରାଥମିକ କୃଷି ସମବାୟ ସମିତି ମୁଣ୍ଡୁରାଗୁଡା ଓ ମେସର୍ସ ମନୋହର ଲାଲ ଦେବୀ ପ୍ରସାଦଙ୍କ ମିଳିତ ଅନୁକୂଲ୍ୟରେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଯାଜ୍ଞସେନୀ ପଣ୍ଡାଙ୍କ ସଭାପତିତ୍ୱରେ ଗ୍ରାମୀଣ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶକୁ ବିଶିଷ୍ଟ ସମାଜସେବୀ ଇଂପୁରୁଷୋତ୍ତମ ଦାସ ଅଗ୍ରୱାଲ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଙ୍କପଲାସ ସରପଞ୍ଚ ସଂଯୁକ୍ତା ମାଝୀ,ବ୍ଲକ୍ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ବର୍ଷିଆନ ସମାଜସେବୀ ସୁଧାଂଶୁ ଶେଖର ନେଗୀ, ଚିନ୍ମୟ ବେହେରା, ସଂଗଠକ ପ୍ରଭାତ ଦାସ, ସଂଜୀବ କୁମାର ଠାକୁର, ସୁଧାଂଶୁ ଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମାନସ ପଣ୍ଡା, ପେକ୍ସ ନିର୍ଦ୍ଦେଶକ ଦାମୋଦର ବେହେରା, ପ୍ରସନ୍ନ କୁମାର ଶବର, ସୁପ୍ରସନ୍ନ ଭୋଇ, ଉଦଯୋଗୀ ଚାଷୀ ରାଜେନ୍ଦ୍ର ମାଝୀ, ପଦ୍ମ କେଶରୀ ଶବର ଏ ପ୍ରକାଶ ବେହେରା ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ପାକ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୀତେନ୍ଦ୍ର ନାଏକ ସଂଯୋଜନା କରିଥିବା ବେଳେ ସୀମାଞ୍ଚଳ ବାଗ ଅତିଥି ପରିଚୟ ପ୍ରଦାନ ଓ ରିଷବ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁବ ସଂଗଠକ ଅବିନାଶ ମୁଣ୍ଡ, ଅବସରପ୍ରାପ୍ତ ଶିକ୍ଷକ ସଂଜୟ କୁମାର ପଣ୍ଡା, ବିଘ୍ନରାଜ ମାଝୀ, ସୁରେନ୍ଦ୍ର ବାଗ ପ୍ରମୁଖ ସାଧନ କର୍ମୀ ଭାବେ ଯୋଗଦାନ କରି ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଅବଗତ କରିବା ସହ ସ୍ୱରୋଜଗାର ଓ ଆତ୍ମନିର୍ଭର ଭାରତ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବଡଟିକ୍ରାଗୁଡା,ତେନ୍ତୁଳିପଡା, ଶଙ୍କରପଡା, ବାଙ୍କପଲାସ, ରତନପଲା, ବଳରାମପୁର, କୋଏଲାମୁଣ୍ଡା ଓ ସାନଟିକ୍ରାଗୁଡା ଗ୍ରାମରୁ ଶତାଧିକ ଜନସାଧାରଣ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଗରୀବ ଅସହାୟ ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗଙ୍କୁ ଅମୃତ ମାତୃ ପିତୃ ସେବା ମାଧ୍ୟମରେ ଶୀତ ବସ୍ତ୍ର ଓ କମ୍ବଳ ପ୍ରଦାନ କରାଯାଇଥିଲା। ଏହାକୁ ଘନଶ୍ୟାମ ନାଏକ, କର୍ଣ୍ଣ ପତି ବାଗ, ଦିଲୀପ ଶବର, ରାଧାମୋହନ ଗହୀର, ବିଷ୍ଣୁ ଶବର, ପ୍ରମୋଦ ଶବର ପ୍ରମୂଖ ସକ୍ରିୟ ଭାବେ ଅଂଶଗ୍ରହଣ କରି ସହଯୋଗ କରିଥିଲେ।ଶେଷରେ ରୋହିତ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାରବାହାଲରେ ହୋଣ୍ଡାର ସୋ'ରୁମ୍ ଉଦ୍‌ଘାଟିତ



ଚାରବାହାଲ,୨।୧୨(ସମିସ):କଳାହାଣ୍ଡି ଜିଲ୍ଲାର ଚାରବାହାଲରେ ହୋଣ୍ଡା ପକ୍ଷରୁ ଗୌରୀ ଶଙ୍କର ହୋଣ୍ଡା ଶୋରୁମ୍ ଭବାନୀପାଟଣା ମହେଶ ଅଟୋ ମୋବାଇଲର ଡାଇରେକ୍ଟର ମନୋଜ କୁମାର ଅଗ୍ରୱାଲଙ୍କ ଦ୍ୱାରା ଉଦଘାଟିତ ହେଇଯାଇଛି। ଯେଉଁଥିରେ ହୋଣ୍ଡାର ସମସ୍ତ ପ୍ରକାର ବାଇକ୍ ଓ ସ୍କୁଟର ଉପଲବ୍ଧ ରହିବ। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଡକ୍ଟର ଦୀନବନ୍ଧୁ ସାହାଣୀ, ପ୍ରକାଶ ମାଝୀ, ଆଇନଜୀବୀ ଲଳିତ କିଶୋର ପଣ୍ଡା, ପ୍ରତାପ କିଶୋର ପଣ୍ଡା, ରମେଶ ପଣ୍ଡା, ସୁରେଶ ପଣ୍ଡା,ବିଜୟ ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୋରୁମର ମ୍ୟାନେଜର ଦୀପକ କୁମାର ସିଂହ,ସିମରନ ସାଗର,ଇସାନ କର,ଫାଲଗୁନୀ ସିଂହ, ବାସୁଦେବ ଗହିର, ପିଣ୍ଟୁ ଶବର, ଜିତେନ୍ଦ୍ର ନାଏକ,ଗୌତମ ନାଏକ, ସହଯୋଗ କରିଥିଲେ।ଶେଷରେ ଗୌରୀ ଶଙ୍କର ହୋଣ୍ଡାର ପ୍ରୋପାଇଟର ଆଦିତ୍ୟ କୁମାର ପଣ୍ଡା ଧନ୍ୟବାଦ୍ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷକ ସଂଘର ଦାବିପତ୍ର

କୋକସରା,୨।୧୨(ସମିସ) : କୋକସରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦୁଇଟି ପ୍ରମୁଖ ଦାବିକୁ ନେଇ ସୋମବାର କୋକସରା ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ପ୍ରଦାନ କରାଯାଇଛି। ଦୁଇ ପ୍ରମୁଖ ଦାବି ମଧ୍ୟରେ ପ୍ରାଥମିକ ଶିକ୍ଷକଙ୍କ ମୂଳପଦବୀକୁ ଅପଗ୍ରେଡ କରି ଲେଵୁଲ ୯ ଅନୁଯାୟୀ ମୂଳ ବେତନ ୩୫,୪୦୦ ପ୍ରଦାନ କରିବା, ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହା ଠାରୁ ଅଧାବଧି



କାର୍ଯ୍ୟରତ ସମସ୍ତ ଶିକ୍ଷକ। ମାନଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରୀ ରେ ଗଣନା କରିବା ସହିତ ନେସନାଲ ଇଂକ୍ରିମେଣ୍ଟ ପ୍ରଦାନ କରିବା ଦାବି ରହିଛି। ସୋମବାର ଦାବିପତ୍ର ପ୍ରଦାନ ସମୟରେ ବିଇଓଙ୍କ ଅନୁପସ୍ଥିତରୁ ବିଆରସିସି ତୋଫାନ ମାଝୀଙ୍କୁ ବ୍ଲକ୍ ଶିକ୍ଷକ ସଂଘ ସଭାପତି ଚନ୍ଦ୍ର ମୋହନ ପୁଝାରି, ସମ୍ପାଦକ ବେଣୁଧର ନାଏକ, ଜିଲ୍ଲା ସଂଘ ସାଧାରଣ ସମ୍ପାଦକ ବୈକୁଣ୍ଠ ଜାଲ,ଏମଏନ ପଦ୍ମଲୋଚନ ସାହୁ, ସନ୍ଥ ଲାଲ ଛାତ୍ରୀଆ, ଚମ୍ପେଶ୍ୱର ନାଏକ, କେଦାର ନାଥ ନାଏକ, ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।ଦୁଇଟି ଦାବିକୁ ୪ତାରିଖ ସୁଦ୍ଧା ପୁରଣ ନକଲେ ୫ତାରିଖରୁ ଶିକ୍ଷକ ସଂଘ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

**● ମୋତିରାମ ମେହେର ମୃତ୍ୟୁ ଘଟଣା**

## ଗିରଫ ୩ ଅଭିଯୁକ୍ତ କୋର୍ଟ ଚାଲାଣ

କୋକସରା,୨।୧୨(ସମିସ): ଆକ୍ରମଣର ୧୮ ଦିନ ପରେ ଗୁରୁତର ଥିବା କୋକସରା ଥାନା ବେହେରା ଫଲସାପଡା ଗ୍ରାମର ମୋତିରାମ ମେହେରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ମୃତକଙ୍କ ପରିବାର ଲୋକେ ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ।ଏନେଇ କୋକସରା ଥାନା ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଫେରାର ମାରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ପୁଲିସ ସୂଚନା ଅନୁସାରେ,ଗତ ଅକ୍ଟୋବର ମାସ ୨୬ ତାରିଖରେ ବେହେରା ବିଅର୍ ବାରରେ ମୋତିରାମ ମେହେରଙ୍କ ସହିତ ବେହେରା ଗ୍ରାମର ରଶ୍ମି ରଞ୍ଜନ ନାଏକ(୩୮), କ୍ଷିରୋଦ ନାଏକ(୩୬) ଓ ଗିରିଜା ଶଙ୍କର ପଟେଲ(୨୫) ସାମାନ୍ୟ କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତ ଯୁବକମାନେ ମୃତ ମୋତିରାମ ମୁଣ୍ଡକୁ ବିଅର ବୋତଲରେ ବାଡ଼େଇ ଦେବାରୁ ସେ ଗୁରୁତର ହୋଇଥିଲେ। ଏନେଇ ମୋତିରାମ କୋକସରା ଥାନାରେ ଅଭିଯୋଗ କରିବା ସହ ମେଡିକାଲରେ ଚିକିତ୍ସିତ ହେଉଥିଲେ। କିଛି ଦିନପରେ ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ମୋତିରାମକୁ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ମୋତିରାମଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲେ। ଏହି ଘଟଣାରେ ଫେରାଥିବା ୩ ଅଭିଯୁକ୍ତ ରଶ୍ମି ରଞ୍ଜନ, କ୍ଷିରୋଦ ଓ ଗିରିଜା ଶଙ୍କରଙ୍କୁ ଗିରଫ କରିବା କୋକସରା ପୁଲିସ କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ଅଧ୍ୟକ୍ଷ କଙ୍କନ୍ ରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଲାଞ୍ଜିଗଡ,୨।୧୨(ସମିସ):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ୍ ବିଶ୍ୱନାଥପୁରସ୍ଥିତ ମା' ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କଙ୍କନ୍ କୁମାର ରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଧ୍ୟକ୍ଷ ଶ୍ରୀ ରାୟ ୩୦ ମେ ୧୯୯୧ ମସିହାରେ ବିଦ୍ୟାଳୟରେ ଯୋଗଦାନ ଦେବା ପରେ ତାଙ୍କର ୩୪ବର୍ଷ କାଳ ଶିକ୍ଷା କ୍ଷେତ୍ରରେ ହେଉ କିମ୍ବା ବିଦ୍ୟାଳୟ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କର ଅବଦାନ ଅତୁଳନୀୟ ରହିଥିଲା।ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ,ଶତାଧିକ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାହାରି ଅଧ୍ୟକ୍ଷ ଶ୍ରୀ ରାୟଙ୍କ ବାସଗୃହକୁ ଯାଇ ତାଙ୍କ ଧର୍ମପତ୍ନୀ ରେଖା ରାୟ ଏବଂ ପୁତ୍ରହରିଶ ରାୟଙ୍କୁ ସମ୍ବର୍ଦ୍ଧନା କରିଥିଲେ।ଏହା ପରେ ଶ୍ରୀ ରାୟଙ୍କୁ ଶୋଭାଯାତ୍ରାରେ ତାଙ୍କ ବାସଭବନରୁ ବିଦ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଆଣି ସଭାର ଆୟୋଜନ କରାଯାଇଥିଲା।ଅଧ୍ୟକ୍ଷ ଶ୍ରୀ ରାୟ ଶିକ୍ଷକ ଶିକ୍ଷୟିତ୍ରୀ,ଛାତ୍ରଛାତ୍ରୀ,କର୍ମଚାରୀମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।ବିଦାୟ ସମ୍ବର୍ଦ୍ଧନା ଉତ୍ସରେ ମା' ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂତନ ଭାବେ ଯୋଗ ଦେଇଥିବା ଅଧ୍ୟକ୍ଷ ଜଗତରାମ ନାୟକ,ସରୋଜ କୁମାର ମହାପାତ୍ର, କିଶୋର ଘଡେଇ, ଟଙ୍କଧର ଦଣ୍ଡସେନା, ସରୋଜ କୁମାର ନାୟକ, ପ୍ରେମାନନ୍ଦ ରଣା, ପି. ଆନନ୍ଦ ରାଓ, ଜୟରାମ ପାଢ଼ୀ, କବିତା ରଣା, ମମିତା ରଣା, ହରିବନ୍ଧୁ ମାଝୀ, ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବାଳିକା ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ

**ବାଳିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ଏକ ମହାଶକ୍ତିର ଆହ୍ୱାନ**





ଭବାନୀପାଟଣା,୨।୧୨(ସମିସ):

ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ବିଦ୍ୟାଳୟ କ୍ରୀଡା ସମୂହ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆୟୋଜନ କରିଛନ୍ତି। କଳାହାଣ୍ଡି ଜିଲ୍ଲାପାଳ ସଚିନ୍ ପୱାର ପ୍ରକାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ବିଶିଷ୍ଟ ବାଗ୍ମୀ ଡ.ଶିବପ୍ରସାଦ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବ୍ରହ୍ମପୁରର ଯୁଗ୍ମ ନିର୍ଦ୍ଦେଶକ ପବିତ୍ରମୋହନ ସାହୁ, ଜିଲ୍ଲା କ୍ରୀଡାଅଧିକାରୀ ରମେଶଚନ୍ଦ୍ର ପାଢ଼ୀ,ଶାରୀରିକ ଶିକ୍ଷା ସହ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଯୁଗଳ ପୋଢ଼, ସାଂସଦ ପ୍ରତିନିଧି ଜୟଶଙ୍କର ନାଏକ,ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶାରୀରିକ ଶିକ୍ଷା ସହ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ବାର୍ଷିକ ବିବରଣୀ ପଠନ କରିଥିଲେ। ବାଳିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ଏକ ମହାଶକ୍ତିର ଆହ୍ୱାନ ବୋଲି କୁହାଯାଇଛି। ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଖେଳାଳିଙ୍କ ସମେତ ୩୦ଜିଲ୍ଲାର କର୍ମକର୍ତ୍ତା ଓ ଶିକ୍ଷକଙ୍କ ପାରସ୍ପରିକ ସମ୍ପର୍କର ସେତୁ ପାଲଟିଛି। ଆଜିର ବର୍ଣ୍ଣାଢ୍ୟ ଉତ୍ସବ ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦଙ୍କ ପୁସ୍ତକ 'ଲେସନ୍ ଫର୍ ଲାଇଫ' ଉନ୍ମୋଚିତ ହୋଇଥିଲା। ଓଏଭି କେସିଙ୍ଗା ଓ ଭବାନୀପାଟଣାର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ତଳବେଲଗାଁ ହାଇସ୍କୁଲର ଛାତ୍ରଛାତ୍ରୀ ବିଦାୟୀ ସଙ୍ଗୀତ ଗାନ କରିଥିଲେ। ଶାସ୍ତ୍ରୀଜୀ ଶିକ୍ଷା ନିକେତନର ଛାତ୍ରଛାତ୍ରୀ ଫିଜିକାଲ୍ ଡିସ୍ପେ୍ଲ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଫ୍ଲାଗ ମାର୍ଚ ଆଉ ଶପଥ ପାଠ ହୋଇଥିଲା। ଅପରାହ୍ନ ୩ ଘଣ୍ଟା ସମୟରେ ମା'ମାଣିକେଶ୍ୱରୀ ମନ୍ଦିରରୁ ମଶାଲ ଯାତ୍ରା ଆୟୋଜିତ ହୋଇଥିଲା। ଚାରିଦିନ ଧରି ଏହା ୦୨ ଡ଼ିସେମ୍ବରରୁ ୦୫ ତାରିଖ ଯାଏଁ ଆୟୋଜିତ ହେବ। ସମସ୍ତ ବାଳିକା ପ୍ରତିଯୋଗୀଙ୍କ ମଧ୍ୟରେ ଫୁଟବଲ୍ ପ୍ରତିଯୋଗିତା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍, ସ୍ପୋର୍ଟସ ହଷ୍ଟେଲ ପଡିଆ ଓ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ ଜାରି ରହିବ। କାର୍ଯ୍ୟକ୍ରମରେ ରାଜ୍ୟ ଅଧିକାରୀ ନିରଞ୍ଜନ ଶତପଥୀ ଓ ସିଆରସିସି ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ। ଧନ୍ୟବାଦ ଦେଇଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ। ସନ୍ଧ୍ୟାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ତଥା ବିଶିଷ୍ଟ ଲୋକ କଳାକାର ସର୍ବେଶ୍?ର ଭୋଇ ଓ ନୀଳାଞ୍ଜନ ପାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ଜିଲ୍ଲାର ସମସ୍ତ ବିଇଓ, ଏବିଇଓ, ଆୟୋଜନ କମିଟିର ସଦସ୍ୟ ସଦସ୍ୟା, ଡିଇଓ ଏବଂ ଡିପିସି କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# କେଣ୍ଡା ଧରିଲାନି, ବର୍ଷକର ଆହାର ହରାଇବେ ଚାଷୀ

## ସ୍ଥିତି ଅନୁଧ୍ୟାନ କଲେ କୃଷି ବୈଜ୍ଞାନିକ

ହରଭଙ୍ଗା,୨।୧୨(ସମିସ)

ଧାନ ଅମଳ ସମୟ ପହଞ୍ଚିଲାଣି। ଚାଷୀ ବର୍ଷକର ଆହାର ଲକ୍ଷ୍ୟନେଇ ନିଜ ଜମିରେ ବହୁକଷ୍ଟରେ ଧାନଚାଷ କରିଥିଲେ। ଧାନଚାଷ କରିବା ପରେ ଗଛ ହେଲା କିନ୍ତୁ ଧାନକେଣ୍ଡା ହେଲାନାହିଁ। ଏଭଳି ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅଧୀନ ପିତାମ୍ବରପୁର ପଞ୍ଚାୟତର କାନପୁର ଏବଂ ପିତାମ୍ବରପୁର ଗ୍ରାମରେ। ସୂଚନା ଅନୁସାରେ ଉକ୍ତ ପଞ୍ଚାୟତର କାନପୁର ଗ୍ରାମର ପ୍ରାଣବନ୍ଧୁ ପ୍ରଧାନ, ମନ୍ମଥ ପ୍ରଧାନ ନିଜ ଜମିରେ ଚଳିତବର୍ଷ ପୂଜା କିସମର ଧାନ ଲଗାଇଥିଲେ। ଖଗେଶ୍ୱର ବେହେରା ୧୦୦୯ କିସମର ଧାନଚାଷ



କରିଥିଲେ। ମାତ୍ର ଡିସେମ୍ବର ମାସ ଆରମ୍ଭ ହେବାକୁ ବସିଥିବାବେଳେ ସମ୍ପୃକ୍ତ ଚାଷୀଙ୍କ ଜମିରେ ଗୋଟିଏ ବି ଗଛରେ ଧାନ କେଣ୍ଡା ଧରିଲାନାହିଁ। ଅନ୍ୟକିଛି ଗଛରେ ଧାନକେଣ୍ଡା ପଡିଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଫମ୍ପା ଥିବା ଦେଖିଚାଷୀ ମୁଣ୍ଡରେ ହାତଦେଇଛି। ସେହିପରି ପିତାମ୍ବରପୁର ଗ୍ରାମର ପୁରନ୍ଦର ପ୍ରଧାନ ମଧ୍ୟ ପୂଜା କିସମର ଧାନଚାଷ କରିଥିଲେ। ତାଙ୍କର ବି ଅନ୍ୟଚାଷୀଙ୍କ ଭଳି ସମାନ ଅବସ୍ଥା ଯୋଗୁଁ ଚଳିତବର୍ଷ ସମ୍ପୃକ୍ତ ଚାଷୀ କ୍ଷତି ସହିବା ସହିତ ବର୍ଷକର ଆହାର ହରାଇବା ଏକ ପ୍ରକାର ନିଶ୍ଚିତ ହୋଇଛି। ଏ ସମ୍ପର୍କରେ ଖବରପାଇ କୃଷିବିଜ୍ଞାନ କେନ୍ଦ୍ର ପାଲଝରରୁ ବରିଷ୍ଠ କୃଷି ବୈଜ୍ଞାନିକ ଡ.ତପନ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଏ ଦିଗରେ ଅନୁଧ୍ୟାନ କରିଛନ୍ତି। କେଉଁ କାରଣରୁ ଧାନ ଗଛରେ କେଣ୍ଡା ଧରିଲାନାହିଁ ତାହାର କାରଣ ଖୋଜିବା ପାଇଁ ସେ ଉକ୍ତ ଜମିରୁ ଧାନଗଛ ନମୁନା ସଂଗ୍ରହ କରିଥିବା ମଧ୍ୟ ଜଣାଯାଇଛି।

ଏ ଦିଗରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାସହ ଚାଷୀଙ୍କୁ ଆବଶ୍ୟକୀୟ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହେଉଛି।

# ଅସହାୟଙ୍କୁ ସହାୟତାର ହାତ ବଢ଼ାଇଲେ ଜିଲ୍ଲାପାଳ

ଡୁଙ୍ଗୁରିପାଲି,୨।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ସେବା ମନୋବଳ ଗରିବଙ୍କ ଉପରେ ବଢ଼ଇବାରେ ଲାଗିଛି। ମଙ୍ଗଳବାର ଡୁଙ୍ଗୁରିପାଲି ବ୍ଲକସ୍ଥିତ ଚମ୍ପାଡୁଲି ଗ୍ରାମର ଉତ୍କଳ ତେଜିଙ୍କ ଘରକୁ ଯାଇ ତାଙ୍କ ସୁଖଦୁଃଖ କଥା ବୁଝିଥିଲେ। ପ୍ରକାଶ ଥାଉକି ଜିଲ୍ଲାପାଳ କୌଣସି ସୂତ୍ରରୁ ଖବରପାଇ ଚମ୍ପା ଡୁଲି ଗ୍ରାମର ଉତ୍କଳ ତେଜିଙ୍କ ଘରେ ପହଞ୍ଚି ଥିଲେ। କିଛିଦିନ ହେବ ଉତ୍କଳ ସ୍ନାୟୁରୋଗରେ ପୀଡ଼ିତ ହେବାପରେ ସେ ଅସ୍ତ୍ରୋପ୍ରଚାର ପରେ ଘରେ ପଡ଼ି ରହିଥିଲେ। ତାଙ୍କୁ ଆର୍ଥିକ ସହଯୋଗ କରିବା ଓ ତାଙ୍କ ପୁତ୍ର ସିପୁନ ପଠାପଢ଼ା ଖର୍ଚ୍ଚରେ ସହଯୋଗ କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।



# ଭାରତୀୟ ସମ୍ବିଧାନ ଦିବସ ପାଳିତ

ମନମୁଣ୍ଡା,୨।୧୨(ସମିସ): ବୌଦ୍ଧ ଜିଲ୍ଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ କଣ୍ଟାମାଳ ବ୍ଲକ୍ ପଲଶାଗୋରା କଲ୍ୟାଣମଣ୍ଡପ ଠାରେ ଦପଲା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ସଂଗଠନର ବରିଷ୍ଠ ଉପ ସଭାପତି ମକରଧ୍ୱଜ ମହାନନ୍ଦିଆଙ୍କ ଅଧ୍ୟକ୍ଷତାରେ ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କନ୍ଧମାଳ ଜିଲ୍ଲା ନ୍ୟାୟାଳୟର ସେକ୍ସନ ଅଧିକାରୀ ସୁଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ନକଲି ଦେୱାର ତଥା କେଉଟ, ଧୀବର , କୈବର୍ତ୍ତ ( କେଡିକେ)ମାନଙ୍କୁ ଅନୁସୂଚିତ ଜାତି ତାଲିକାରୁ ହଟାଇବା ସହିତ ଭାରତୀୟ ସମ୍ବିଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। କନ୍ଧମାଳ ଜିଲ୍ଲାର ବରିଷ୍ଠ ସମାଜସେବୀ ତଥା ଆମ୍ବେଦକରର ସ୍ମୃତି କମିଟିର ସାଧାରଣ ସମ୍ପାଦକ ଡ. ସୋମନାଥ ବାଘ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ନ୍ୟାୟିକ ବ୍ୟବସ୍ଥା ସହିତ ରାଜରାସ୍ତାରେ ଗଣତାନ୍ତ୍ରିକ ପଦ୍ଧତିରେ ଆରକ୍ଷଣର ସୁରକ୍ଷା ଉପରେ ଲଢ଼େଇ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଶମ୍ଭୁ ପ୍ରସାଦ ମହାନନ୍ଦିଆ ଏବଂ ସମାଜସେବୀ ତଥା ଅବସରପ୍ରାପ୍ତ ବରିଷ୍ଠ ରାଜସ୍ୱ ଅଧିକାରୀ ଦୀନବନ୍ଧୁ ସୁନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସଂଗଠନର ସହକାରୀ କୋଷାଧ୍ୟକ୍ଷ ଶ୍ରୀନିବାସ ହାତୀ, ଯୁଗ୍ମ ସମ୍ପାଦକ ମାର୍କଣ୍ଡ କଲତା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଧରଣୀଧର ବିଭାର, ବିଶ୍ୱନାଥ ସୁନା, ଜ୍ୟୋତି ରଞ୍ଜନ ମହାନନ୍ଦ ଯୋଗଦେଇ ଥିଲେ। ସଂଗଠନର ପଲଶାଗୋରା ପଞ୍ଚାୟତ କମିଟି ସଭାପତି ନରେନ୍ଦ୍ର ଦୀପ, ସମ୍ପାଦକ ପିତାମ୍ବର ବିଭାର, ବରଗାଁ ପଞ୍ଚାୟତ କମିଟି ସଭାପତି ପରମେଶ୍ୱର ଛତ୍ରିଆ, ସମ୍ପାଦକ ସୁବାସ ମହାନନ୍ଦ, ରୁଣ୍ଡିମହୁଲ ପଞ୍ଚାୟତ ବ୍ଲକ ସଂଯୋଜକ ରାଜେନ୍ଦ୍ର ବାଘ, ସମ୍ପାଦକ ପୁରୁଷୋତ୍ତମ ନାଗ, କଣ୍ଟାମାଳ ବ୍ଲକ ସଂଯୋଜକ ରୁଦ୍ର ପ୍ରସାଦ କୁମ୍ଭାର, ବରିଷ୍ଠ ସମାଜସେବୀ ଦିଲୀପ ମହାନନ୍ଦିଆ, ଧ୍ରୁବ ଚରଣ ମହାନନ୍ଦ, ଗଣପତି ନାଗ, ହରିବୋଲ ସୁନା, ଜଗନ୍ନାଥ ସୁନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଞ୍ଜିତ୍ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଶ୍ୱଜିତ ହରିପାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଶଗଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍ସ ଦିବସ

ମନମୁଣ୍ଡା,୨।୧୨(ସମିସ): ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଏନ୍ଏସ୍ଏସ୍ ଓ ୟୁଥ୍ ରେଡକ୍ରସର ସ୍ୱେଚ୍ଛାସେବୀମାନଙ୍କୁ ନେଇ ଶଗଡା ଗ୍ରାମରେ ଏକ ରାଲି କରାଯାଇ ଏଡସ୍ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏଥିରେ ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଶେଷଦେବ ପର୍ଡିଆ ଓ ୟୁଥ୍ ରେଡକ୍ରସ କାଉନସିଲର ସୁଶୀଲ କୁମାର ପ୍ରଧାନ ନେତୃତ୍ୱ ନେଇଥିଲେ। ଏହାପରେ ଅଧ୍ୟକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ବିଦ୍ୟାଳୟରେ ଆୟୋଜିତ ବୈଠକରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା।

# ଗୋକୁଳାଷ୍ଟମୀ ଯାତ୍ରା ଉଦ୍ଯାପିତ

ବିନିକା,୨।୧୨(ସମିସ): ଫୁଲମୁଠୀ ଗୋକୁଳାଷ୍ଟମୀ ଯାତ୍ରା ଉଦ୍ଯାପିତ ହୋଇଛି। ସ୍ଥାନୀୟ ମାହେଶ୍ୱରୀ ମନ୍ଦିର ସମ୍ମୁଖ ମଥୁରା ନଗରୀ ମଣ୍ଡପ ଓ ମିଳନ ପଡିଆ ପ୍ରାଙ୍ଗଣ ଗୋପପୁରରେ ଅନୁଷ୍ଠିତ ଯାତ୍ରାର ବିଭିନ୍ନ ଦୃଶ୍ୟକୁ ଆଜି ସପ୍ତମ ଦିବସ ଅର୍ଥାତ ଉଦଯାପନୀ ସମାରୋହରେ ହଜାର ହଜାର ଲୋକ ଉପଭୋଗ କରିଥିଲେ। ଦେବକୀର ଅଷ୍ଟମ ସନ୍ତାନ ହାତରେ କଂସର ମୃତ୍ୟୁ ଲେଖାଥିବା ଦୈବବାଣୀ ଶୁଣିବା ପରଠୁ ମଥୁରା ଅଧିପତି ମହାରାଜ କଂସ ଗୋପରେ ବଢୁଥିବା ଭଣଜା କୃଷ୍ଣଙ୍କୁ ମାରିବା ପାଇଁ ଗୋଟିଏ ପରେ ଗୋଟିଏ ଅସୁର ପ୍ରେରଣ କରିଥିଲେ ହେଲେ କେହି ବି କୃଷ୍ଣଙ୍କ ହାତରୁ ବର୍ତ୍ତି ପାରିନାହାଁନ୍ତି। ସମସ୍ତଙ୍କର ମୃତ୍ୟୁ ଘଟିଛି।



ପଠାଇଥିବା ଅର୍ଘାସୁର ନିଧନ ଖବର ଡଗର ଠାରୁ ଶୁଣିବା ପରେ କଂସ ମର୍ମାହତ ହୋଇ ପଡିଥିଲେ। ମହାରାଜାଙ୍କ ମୁହଁରେ ହସ ଫୁଟାଇବାକୁ ଯାଇ ମନ୍ତ୍ରୀର ଆଦେଶ କ୍ରମେ ଦରବାରରେ କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରଙ୍ଗସଭା ଉପସ୍ଥିତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସେହିପରି କୃଷ୍ଣଙ୍କ ଦୁଃସାହାସିକ ପ୍ରଦର୍ଶନରେ ଗୋପପୁର ବାସୀ ଆନନ୍ଦରେ ବିଭୋର ହୋଇ କୃଷ୍ଣ ବଳରାମଙ୍କୁ ପାଲିଙ୍କିରେ ବସାଇ ବଟୁଲୀଳା ଆୟୋଜନ କରିଥିଲେ।

# ଚାରିଶମ୍ଭୁ ବ୍ରହ୍ମସମାଜ ପକ୍ଷରୁ ଗୀତା ଜୟନ୍ତୀ



ବୌଦ୍ଧ, ୨।୧୨(ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଧୀନ ଐତିହାସିକ ଚାରିଶମ୍ଭୁ ପୀଠ ନୀଳମାଧବ ମନ୍ଦିର ପରିସରରେ ଚାରିଶମ୍ଭୁ ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ଜୟନ୍ତୀ ପାଳିତ ହୋଇଛି। ଏଥିରେ କର୍ତ୍ତା ଭାବେ ବ୍ରାହ୍ମଣ ସମାଜର ସଭାପତି ନାରାୟଣ ମିଶ୍ର ଓ ତାଙ୍କର ଧର୍ମପତ୍ନୀ କୌଶଲ୍ୟା ମିଶ୍ର ଦାୟିତ୍ୱ ତୁଲାଇଥିବା ବେଳେ ପୂଜାକାର୍ଯ୍ୟ କୃଷ୍ଣଚନ୍ଦ୍ର ଶତପଥୀ ଓ ପ୍ରବଞ୍ଜନ ରଥ କରିଥିଲେ। ଏହା ପରେ ଗୀତା ପାଠ ଆରମ୍ଭ ହୋଇଥିଲା। ଜିପୁନ ହୋତା, ଗରିବ ମିଶ୍ର, ରଞ୍ଜିତ ହୋତା, ମୁରଲୀ ମିଶ୍ର, ମନରଞ୍ଜନ ପୁରୋହିତ, ସୌମ୍ୟ ରଞ୍ଜନ ପୁରୋହିତ, ନବୀନ ହୋତା, ରୋଶନ ହୋତା, ଚନ୍ଦ୍ର ହୋତା, ରମାକାନ୍ତ ପଣ୍ଡା, ପ୍ରଭାତ ଶତପଥୀ, ଧନଞ୍ଜୟ ଶତପଥୀ ପ୍ରମୁଖ ଗୀତା ପାଠ କରିଥିଲେ। ଏହାପରେ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମାଜର ପ୍ରତି ତିନି ମାସରେ ବୈଠକ କରିବାକୁ ଆଲୋଚନା କରାଗଲା। ବୁଲୁ ପଣ୍ଡା, କୁମୁଦ ପାଣି ଗ୍ରାହୀ, ରାମଚନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ ମିଶ୍ର,ବାଞ୍ଛା ନିଧି ହୋତା, ବିଭୀଷଣ ଚାନ୍ଦ, ସୁଶୀଲ ପାଣିଗ୍ରାହୀ, ନୀଳକଣ୍ଠ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ଅସୁରଗଡ଼ ଲୋକମହୋତ୍ସବ ପ୍ରସ୍ତୁତି ବୈଠକ

ବୌଦ୍ଧ, ୨।୧୨ (ସମିସ): ମନମୁଣ୍ଡାସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ତୃତୀୟ ରଜ୍ୟସ୍ତରୀୟ ଅସୁରଗଡ଼ ଲୋକମହୋତ୍ସବ ପାଇଁ ମହୋତ୍ସବ ସଭାପତି ଆଶିଷ ସାହୁଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନମୁଣ୍ଡା ଅଞ୍ଚଳର ଶତାଧିକ ଶିକ୍ଷାବିତ, ବୁଦ୍ଧିଜୀବୀ, ବ୍ୟବସାୟୀ ତଥା ସଚେତନ ନାଗରିକ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକ ଚୟନ ସାଙ୍ଗକୁ ଲାଇଟ, ସାଉଣ୍ଡ ତଥା ମହୋତ୍ସବ କେମିତି ଲୋକପ୍ରିୟ ଓ ଆକର୍ଷଣୀୟ ହୋଇ ପାରିବ ସେଥିପ୍ରତି ଧ୍ୟାନ ଦେବା ସହିତ ଏହାର ପ୍ରଚାର ଓ ପ୍ରସାର ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମତ ପ୍ରକାଶ ପାଇଥିଲା। ସଂପାଦକ ଶିବ ନାରାୟଣ ଚଉଳିଆ ଧନ୍ୟବାଦ ଅର୍ପଣ କରିଥିଲେ।



# ବ୍ଲକ୍ ରେଡକ୍ରସ୍ ପରାମର୍ଶଦାତା ପ୍ରଶିକ୍ଷଣ ଶିବିର

ବୀରମହାରାଜପୁର,୨।୧୨(ସମିସ): ବୀରମହାରାଜପୁର ବ୍ଲକ୍ ଅଧୀନ ଅମରପାଲି ଉଚ୍ଚ ବିଦ୍ୟାଳୟଠାରେ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକସ୍ତରୀୟ ଜୁନିଅର ରେଡକ୍ରସ ପରାମର୍ଶଦାତାଙ୍କ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପରିଚାଳନା କମିଟି ସଭାପତି ଅଶୋକ କୁମାର ସାହୁ ଅତିଥି ଭାବରେ ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ, ହିଙ୍ଗିମା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପାଢ଼ୀ, ପୂର୍ବତନ ସରପଞ୍ଚ ଡମ୍ବରୁଧର ସାହୁ, ସାମ୍ବାଦିକ ପିତାମ୍ବର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ସୁବର୍ଣ୍ଣପୁର




ଜିଲ୍ଲାର ଜୁନିଅର ରେଡ୍‌କ୍ରସ ଅଫିସର ରବିଚନ୍ଦ୍ର ପଶାୟତ ପ୍ରଶିକ୍ଷଣ ଶିବିରକୁ ମାର୍ଗଦର୍ଶନ କରିଥିବାବେଳେ ବରିଷ୍ଠ ସାଧନକର୍ମୀ ଚନ୍ଦ୍ରମଣି ବାଘ ପରିଚାଳନା କରିଥିଲେ। ସାଧନକର୍ମୀ ହୃଷିକେଶ ଚାନ୍ଦ ସଭା ପରିଚାଳନା କରଥିବାବେଳେ ବିସିସି ବୈକୁଣ୍ଠ ନାୟକ ସ୍ୱାଗତ ପରିଚୟ ପ୍ରଦାନ କରିଥିଲେ। ବିସିସି ବିଶ୍ୱନାଥ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସାଧନକର୍ମୀ ଚନ୍ଦ୍ରଶେଖର ମହାପାତ୍ର, ବଳରାମ ପୁରୋହିତ, ଜଗଦିଶ ଦାଶ ଓ ଅମରପାଲି ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ବରିଷ୍ଠ ସାଧନକର୍ମୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଝସକେତନ ମେହେର ରେଡକ୍ରସର ଇତିହାସ ଓ ଭୂମିକା ବିଷୟରେ ଆଲୋଚନା କରିଥିଲେ। ସାଧନକର୍ମୀ ଚନ୍ଦ୍ରଶେଖର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୋନପୁର ବ୍ଲକର ୨୬ ଟି ବିଦ୍ୟାଳୟରୁ ସମସ୍ତ ରେଡକ୍ରସ କାଉନସିଲର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ନବକୁଣ୍ଡୀୟ ଗୀତା ଜୟନ୍ତୀ ପାଇଁ କଳସ ଶୋଭାଯାତ୍ରା

ବିନିକା,୨।୧୨(ସମିସ): ବିନିକା ବ୍ଲକ ଅଧୀନ ଚରଦା ବାବା କପିଳେଶ୍ୱର ପୀଠରେ ବୁଧବାର ୬୩ତମ ଗୀତା ଜୟନ୍ତୀ ପାଳନ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୨ବର୍ଷ ପରେ କମିଟି ପକ୍ଷରୁ ନବକୁଣ୍ଡିୟ ଗୀତା ଜୟନ୍ତୀ ପୂଜାର୍ଚ୍ଚନା ଏଥର ଆୟୋଜନ ହେଉଛି। ପ୍ରଥମେ ପୂଜା ମଣ୍ଡପରେ ସମସ୍ତ କର୍ତ୍ତାମାନଙ୍କୁ ସଂକଳ୍ପ କରାଯିବା ପରେ କପିଳେଶ୍ୱର ମନ୍ଦିର ପୋଖରୀରୁ ପୁଣ୍ୟ କଳସ ପାଣି ଭର୍ତ୍ତି କରାଯାଇଥିଲା। ଗୀତା ଜୟନ୍ତୀ ଅବସରରେ ବ୍ରହ୍ମ ସମାଜ ପକ୍ଷରୁ ପୀଠରେ ଯଜ୍ଞ ମନ୍ତ୍ର ପାଠ ସହ ଭାଗବତ ପଠନ କାର୍ଯ୍ୟକ୍ରମ ହେବ।



କର୍ତ୍ତା ଭାବେ ଜବଦା ଗ୍ରାମର ପ୍ରମୋଦ ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ରିତା ପଣ୍ଡା, କଇନ୍ତରା ଗ୍ରାମର ପ୍ରେମରାଜ ପତି ଓ ରଞ୍ଜିତା ପତି, ଭଣ୍ଡାର ଗ୍ରାମର ସୁରଥ ପତି ଓ ଝରଣା ପତି, ଶଙ୍କରା ଗ୍ରାମର ବିକ୍ରମାଦିତ୍ୟ ଶତପଥୀ ଓ ସୁସ୍ମିତା ଶତପଥୀ, ସିଲାଟି ଗ୍ରାମର କୃତାର୍ଥ ପୁରୋହିତ ଓ ସସ୍ମିତା ପୁରୋହିତ, ଘୋଡାଧର ଗ୍ରାମର ମନୋଜ ପୂଜାହାରୀ ଓ ପ୍ରମିଳା ପୂଜାହାରୀ, କୌଡ଼ିଆମୁଣ୍ଡା ଗ୍ରାମର ଦୀନବନ୍ଧୁ ନାୟକ ଓ ଅନସୁୟା ନାୟକ, ସେଲେଡି ଗ୍ରାମର ସନ୍ତୋଷ ତ୍ରିପାଠୀ ଓ ତପସ୍ୱନୀ ତ୍ରିପାଠୀ, ଘୋଡ଼ାଧାର ଗ୍ରାମର ନରସିଂହ ପୂଜାହାରୀ ଓ ଶାନ୍ତିଲତା ପୂଜାହାରୀ ପ୍ରମୁଖ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। କମିଟି ସଭାପତି ସୋମିତ୍ରି ପତି, ସମ୍ପାଦକ ହୃଷୀକେଶ ହୋତା ପ୍ରମୁଖଙ୍କ ସମେତ କମିଟି କର୍ମକର୍ତ୍ତା ଏବଂ ଆଖ ପାଖ ଅଞ୍ଚଳରୁ ବହୁ ଭକ୍ତ ସାମିଲ ହୋଇଥିଲେ।

# ବୌଦ୍ଧ ପୁସ୍ତକମେଳା ଉଦ୍‌ଘାଟିତ

ବୌଦ୍ଧ/ପୁରୁଣାକଟକ,୨।୧୨(ସମିସ): ସ୍ଥାନୀୟ କଚେରି ଖେଳପଡ଼ିଆଠାରେ ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ୍ ଦ୍ୱାରା ଆୟୋଜିତ ବିଂଶତମ ବୌଦ୍ଧ ପୁସ୍ତକମେଳା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବୌଦ୍ଧ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ଓ ସମ୍ମାନିତ ଅତିଥିଭାବେ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ଉଦ୍‌ଘାଟନ କରିଥିଲେ। ଏଭଳି ଏକ ପୁସ୍ତକମେଳା ଆୟୋଜନ କରାଯାଇଥିବାରୁ ଜିଲ୍ଲାପାଳ ଓ ଏସ୍‌ପି ଖୁସିବ୍ୟକ୍ତ କରିଥିଲେ। ଏହାପରେ ଅତିଥିମାନେ ସମସ୍ତ ପୁସ୍ତକ ଷ୍ଟଲ୍‌ବୁଲି ଦେଖିଥିଲେ। ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ ସଭାପତି ଦିବ୍ୟଶଙ୍କର ରାଉତ, ସାଧାରଣ ସମ୍ପାଦକ ଯୁଗଳକିଶୋର ସାମଲ, ଆବାହକ ଦିବ୍ୟରଞ୍ଜନ ପଟ୍ଟନାୟକ, ସଦସ୍ୟ ସତ୍ୟନାରାୟଣ ପାଣି, ସୁକାନ୍ତ ପଟ୍ଟନାୟକ, ପ୍ରୀତିରଞ୍ଜନ ଦାସଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ପୁରୁଣାକଟକ ମା’ ଭୈରବୀଙ୍କ ପୀଠରୁ ଅଖଣ୍ଡ ଦୀପ ଅଣାଯାଇ ପୁସ୍ତକମେଳା ମଞ୍ଚରେ ସ୍ଥାପନ କରାଯାଇଥିଲା। ମେଳାରେ ରାଜ୍ୟର ପ୍ରତିଷ୍ଠିତ ପୁସ୍ତକ ପ୍ରକାଶକ ଓ ବିକ୍ରେତା ଯୋଗ ଦେଇଥିବା ବେଳେ ୭୦ ରୁ ଉର୍ଦ୍ଧ୍ୱ ଷ୍ଟଲ କରାଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ବୌଦ୍ଧର ଗେହ୍ଲାମା କଳା ନିକେତନ, ଗନ୍ଧରାଡି କଳାପରିଷଦ, ନଟରାଜ କଳା ପରିଷଦ ଫୁଲବାଣୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୁସ୍ତକମେଳା ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ।



# ବିଇଓଙ୍କ ହସ୍ତକ୍ଷେପରେ ସ୍କୁଲରୁ ତାଲା ଖୋଲିଲା

ଡୁଙ୍ଗୁରିପାଲି,୨।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ କୁଶାମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀଙ୍କ ଯୋଗଦାନକୁ ନେଇ ଗତ ୧୫ଦିନ ହେବ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ଥିଲେ। ଏହି ଘଟଣାର ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି। ଡୁଙ୍ଗୁରିପାଲି ବିଇଓ ଗଣେଶ କିଷାନଙ୍କ ହସ୍ତକ୍ଷେପରେ ଆଜି ପୂର୍ବାହ୍ନ ପ୍ରାୟ ୧୦ ଟାରେ ଛାତ୍ରଛାତ୍ରୀ ସ୍କୁଲଭିତରେ ପ୍ରବେଶ କରିବା ପରେ ପୂର୍ବଭଳି ପାଠ ପଢ଼ା ସାଙ୍ଗକୁ ମଧ୍ୟାହ୍ନଭୋଜନ ହୋଇଥିଲା। ହେଲେ ଯେଉଁ ଶିକ୍ଷୟିତ୍ରୀଙ୍କ ଯୋଗଦାନକୁ କେନ୍ଦ୍ରକରି ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ମାରିଥିଲେ, ସେହି ଶିକ୍ଷୟିତ୍ରୀ ଆଜି ଅନୁପସ୍ଥିତ ଥିଲେ। ଏନେଇ ପ୍ରଧାନ ଶିକ୍ଷୟିତ୍ରିଙ୍କୁ ଭବାନୀ ମେହେରଙ୍କୁ ପଚାରିବାରୁ ସେ ଦରଖାସ୍ତ ଦେଇ ନଥିବା କହିଥିଲେ।



# ସରକାରୀ ଓ ଗୋଚର ଜମି ଉଚ୍ଛେଦ ଦାବିରେ ତହସିଲ ଘେରଉ

ବିରମହାରାଜପୁର,୨।୧୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ ଅଧୀନ ମେଣ୍ଡାମାଲ ଗ୍ରାମର ସରକାରୀ ଓ ଗୋଚର୍ ଜମି ଓ ପତ୍ରା ଜଙ୍ଗଲକୁ କିଛି ବାହାର ଗ୍ରାମ ଓ ଅସାମାଜିକ ଲୋକ ବେଆଇନ୍ ଭାବେ ଦଖଲ କରିଛନ୍ତି। ଫଳରେ ଗ୍ରାମବାସୀ ଲୋକେ ଯା ଆସ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ଏହି ଜବରଦଖଲ କରିଥିବାଲୋକଙ୍କୁ ଉଚ୍ଛେଦ କରିବା ପାଇଁ ଆଜି ଗ୍ରାମ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱଲୋକ ତହସିଲ ଅଫିସ ଘେରଉ କରିବା ସହ ବିଭିନ୍ନ ସ୍ଲୋଗାନ ଓ ନରାବାଜି ଦେଇଥିଲେ। ସେମାନଙ୍କ ଅଭିଯୋଗ ଏହି



ଯେ ମେଣ୍ଡାମାଲ ମୌଜା ଗ୍ରାମର ସରକାରୀ ସ୍କୁଲ ପାଖ ଗୋଚର୍ ଜମିରେ କିଛି ଅସାମାଜିକ ଲୋକ ଜବରଦଖଲ କରିଥିବାରୁ ଗ୍ରାମର ଗୋରୁ ଗାଈଙ୍କୁ ଚରିବାରେ ଅସୁବିଧା ହେଉଛି। ତେଣୁ ଗ୍ରାମର ଗୋଚର ଜମିକୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଗ୍ରାମବାସୀ ଏକଜୁଟ ହୋଇ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ତହସିଲଦାରଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏକମାସ ଭିତରେ ଜବରଦଖଲ ଉଚ୍ଛେଦ ନ କଲେ ଆଗମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କହିଥିଲେ।

ଫଳରେ ଅତିରିକ୍ତ ତହସିଲଦାର ଓ ତହସିଲଦାର ତଦନ୍ତ କରାଯିବ, ଯଦି ବେଆଇନ୍ ଭାବେ କେହି ଗୋଚର ଜମି, ପତ୍ରା ଜଙ୍ଗଲ, ଜବରଦଖଲ କରିଥିବେ ତାହେଲେ ସରକାରଙ୍କ ନିୟମ ଅନୁଯାୟୀ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ପରେ ଆନ୍ଦୋଳନ କାରୀମାନେ ତହସିଲ ଘେରଉରୁ ବିରତ ରହିଥିଲେ।

# ସରକାରଙ୍କ ଆନ୍ତରିକତା ଉପରେ ସନ୍ଦେହ

- ସହର ଗଠନ ପ୍ରକ୍ରିୟାକୁ ନେଇ ରାଜ୍ୟ ସରକାରଙ୍କ ଚାଲାକି
- ୫ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଗୋଟିଏ ପୌର ପରିଷଦ ପାଇଁ ଅଧିସୂଚନା ଜାରି ହୋଇନି
- ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମିଳିଥିବା ହେମନ୍ତ ପଣ୍ଡାଙ୍କ ଅଭିଯୋଗ

ବଲାଙ୍ଗିର, ୨।୧୨(ସମିସ)

ରାଜ୍ୟରେ ବିଜେପି ସରକାର ଆସିବା ପରେ ବିଜେଡି ସରକାର ସମୟରେ ଘୋଷଣା ହୋଇଥିବା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌର ପରିଷଦ ଗଠନକୁ ସ୍ଥଗିତ ରଖାଯାଇଥିଲା। ଏହା ପରେ ରାଜ୍ୟରେ ୩୦ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ୮ଟି ପୌର ପରିଷଦ ଗଠନ କରିବାକୁ ଘୋଷଣା କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ହେମନ୍ତ ପଣ୍ଡାଙ୍କୁ ତଥ୍ୟ ମିଳିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନିର୍ବାଚନ ଶାଖା ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ପଣ୍ଡା କହିଛନ୍ତି ଯେ, ନୂତନ ୩୦ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ୮ଟି ପୌର ପରିଷଦ ଗଠନ କରାଯାଇଥିବା ସରକାର ଘୋଷଣା କରିଛନ୍ତି; ହେଲେ ୪ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଗୋଟିଏ ପୌର ପରିଷଦ ପାଇଁ ଅଧିସୂଚନା ଜାରି କରାଯାଇନି। ସୂଚନା ଅଧିକାର ତଥ୍ୟକୁ ଆଧାର କରି ପୌର ଆଇନ-୧୯୫୦ ଅନୁଯାୟୀ ଗତ ଅଗଷ୍ଟ ୧୬ ତାରିଖ ଦିନ ୧୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଯଥା ପାଲଲହଡା, ସିମୁଳିଆ, ବସ୍ତା, ତିହିଡି, ଧୂସୁରି, ବେତନଟି, ବାଙ୍ଗିରିପୋଷି, ଚିତ୍ରଡା, ବିଷମକଟକ, ବାମରା, ରେଙ୍ଗାଲି, ବୀରମହାରାଜପୁର ପାଇଁ ସରକାରୀ ଅଧିସୂଚନା ଜାରି କରାଯାଇଛି। ସେହିଭଳି ସେପ୍ଟେମ୍ବର ୧ ତାରିଖରେ ସୋହେଲା, ସାଲେପୁର, ବଡମ୍ବା, ନରସିଂହପୁର, ଗଁଦିଆ, ଜଗନ୍ନାଥପ୍ରସାଦ, ପାତ୍ରପୁର, ନର୍ଲା, ଜୟପାଟଣା, ଟାଙ୍ଗି, ବରିଗୁମ୍ମା ଓ ୨ଟି ପୌର ପରିଷଦ ପୋଲସରା, କରଞ୍ଜିଆ ଗଠନ ପାଇଁ ଅଧିସୂଚନା ଜାରି ହୋଇଛି। କପ୍ତିପଦା ଏନଏସି ପାଇଁ ସେପ୍ଟେମ୍ବର ୮ରେ, ନୂତନ ପୌର ପରିଷଦ ଆସ୍କା ପାଇଁ ସେପ୍ଟେମ୍ବର ୧୭, କବିସୂର୍ଯ୍ୟନଗର ପାଇଁ ଅକ୍ଟୋବର ୧୦, ଭଞ୍ଜନଗର ପାଇଁ ଅକ୍ଟୋବର ୧୪, ବୌଦ୍ଧଗଡ଼ ପାଇଁ ଅକ୍ଟୋବର ୧୬, ଛତ୍ରପୁର ପାଇଁ ଯଥାକ୍ରମେ ଅକ୍ଟୋବର ୩୦ ତାରିଖରେ ରାଜ୍ୟ ସରକାର ଅଧିସୂଚନା ଜାରି କରିଥିଲେ। ଅଧିସୂଚନାରେ ସମ୍ପୃକ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌର ପରିଷଦ ଅଞ୍ଚଳରେ ସାମିଲ ହେବାକୁ ଥିବା ରାଜସ୍ୱ ଗ୍ରାମଗୁଡିକୁ ଚିହ୍ନଟ କରାଯାଇ ସାମିଲ କରିବା ପାଇଁ ପ୍ରସ୍ତାବ ରଖାଯାଇଛି; କିନ୍ତୁ ବଲାଙ୍ଗିର ଜିଲ୍ଲାର ଲୋଇସିଂହା, ଯାଜପୁରର ଚଣ୍ଡିଖୋଲ, ନୂଆପଡ଼ା ଜିଲ୍ଲାର ସିନାପାଲି, କୋମନା, ମୟୂରଭଞ୍ଜ ଜିଲ୍ଲାର ଯଶିପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ନୂଆପଡ଼ା ଜିଲ୍ଲାର ଖରିଆର ରୋଡ ପୌର ପରିଷଦ ଗଠନ ପାଇଁ ଅଧିସୂଚନା ଜାରି କରାଯାଇ ନ ଥିବା ତଥ୍ୟରୁ ଜଣା ପଡ଼ିଛି ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି। ନୂଆପଡ଼ା ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇଥିଲେ ମଧ୍ୟ କେତେକ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌର ପରିଷଦ ଗଠନ ପାଇଁ ପୌର ଆଇନ ଅନୁଯାୟୀ ଅଧିସୂଚନା ଜାରି କରାଯାଇ ନାହିଁ। ସିନାପାଲି, କୋମନା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଖରିଆର ରୋଡ ପୌର ପରିଷଦ ପାଇଁ ନୂଆପଡ଼ା ଜିଲ୍ଲାପାଳଙ୍କ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇ ନ ଥିବା ତଥ୍ୟରୁ ଜଣା ପଡ଼ିଛି।

## ଜଟଗଡ଼ଗାଁରେ ଶ୍ରୀକୃଷ୍ଣଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ



ନୂଆପଡ଼ା, ୨।୧୨(ସମିସ): ମାର୍ଗଶିର ଶୁକ୍ଳ ଦ୍ୱାଦଶୀ ବ୍ୟଞ୍ଜନ ଦ୍ୱାଦଶୀ ବା ଅଖଣ୍ଡ ଦ୍ୱାଦଶୀ ନାମରେ ପରିଚିତ ଓ ଦ୍ୱାପର ଯୁଗର ଲୋକ କଥା ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ପ୍ରତି ବର୍ଷ ପର୍ବ ପାଳିତ ହୋଇ ଆସୁଛି। ଆଜିର ଦିନରେ ଯଶୋଦା ମାଆ ପୁତ୍ର ଶ୍ରୀକୃଷ୍ଣଙ୍କ ପାଇଁ ନାନାଦି ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଖାଇବାକୁ ଦେଇଥିବାର କିମ୍ବଦନ୍ତୀ ରହିଛି। ସେହି ପରମ୍ପରାକୁ ମନେ ପକାଇବା ପାଇଁ ଆଜିର ଦିନରେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ଜଟଗଡ଼ ଗାଁର ବରଗଛ ବୃକ୍ଷମୂଳ ବିଗତ ସତର ବର୍ଷ ହେବ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସାହର ସହ ପାଳିତ ହୋଇଆସୁଛି। ପ୍ରଥମେ ବ୍ୟଞ୍ଜନ ଦ୍ୱାଦଶୀ ପୂଜା ସ୍ୱର୍ଗତ ବାବା ଭାଗବତ ଚରଣ ଦାସ ଜଟଗଡ଼ ଗାଁରେ ଆରମ୍ଭ କରିଥିଲେ। ବ୍ୟଞ୍ଜନ ଦ୍ୱାଦଶୀ ଗୌଡ଼ ସମ୍ପ୍ରଦାୟ ଶ୍ରଦ୍ଧାଳୁଙ୍କ ଏହା ପ୍ରମୁଖ ପର୍ବ। ଗୌଡ଼ ବଂଶୀୟ ଧର୍ମାଳମ୍ବି ମାନେ ନିଷ୍ଠାର ସହିତ ପାଳନ କରିଥାନ୍ତି। ପର୍ବକୁ ପାଳନ କରିବା ପାଇଁ ଜଟଗଡ଼ ଗାଁର ବରଗଛ ବୃକ୍ଷମୂଳରେ ପୂଜାର ଆୟୋଜନ କରନ୍ତି। ଗାଁରେ ଭକ୍ତଙ୍କ ଦ୍ୱାରା ସଙ୍କୀର୍ତ୍ତନ, ଘଣ୍ଟ, ଶଙ୍ଖ ଓ ହୁଳହୁଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପୂଜକ ଗଜପତି ବନଛୋରଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ କରିଥିବା କର୍ତ୍ତା ଭାବରେ ଯଶବନ୍ତ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସୁକାନ୍ତି ପ୍ରଧାନ ରହିଥିଲେ। ଖଗେଶ୍ୱର ପ୍ରଧାନ, ଶିବ ବନଛୋର, ଜୟବଳ ନାଗ, ଶଙ୍କର ବନଛୋର, ପ୍ରଭାତ ପ୍ରଧାନ, ଅଶୋକ ପ୍ରଧାନ, ଧ୍ରୁବ ବାଗ, ପବିତ୍ର ପ୍ରଧାନ, ନଟବର ବାଗ, କେଶବ ଚିନାଗୁନ, ଘନଶ୍ୟାମ ପ୍ରଧାନ, ଶରତଚନ୍ଦ୍ର ପ୍ରଧାନ ପ୍ରମୁଖ ସହ ଗ୍ରାମବାସୀ ସହଯୋଗ କରିଥିଲେ।

- ଜିଲ୍ଲାସ୍ତରୀୟ ମାଣ୍ଡିଆ କ୍ରୟ କମିଟି ବୈଠକ

## ଜାନୁଆରୀ ୩ରୁ ମାଣ୍ଡିଆ କିଣାଯିବ

ନୂଆପଡ଼ା, ୨।୧୨(ସମିସ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଚଳିତ ଖରିଫ ବିପଣନ ୨୦୨୫-୨୬ ପାଇଁ ମାଣ୍ଡିଆ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାଂସଦ (କଳାହାଣ୍ଡି)ଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ବିଧାୟକ (ନୂଆପଡ଼ା)ଙ୍କ ପ୍ରତିନିଧି ରାମଲାଲ ହଂସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଉପନିବନ୍ଧକ ସମବାୟ ସମିତି ଶିବ ସ୍ୱାଇଁ, ଆରଏମସି. ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ କାର୍ଯ୍ୟସୂଚୀ ଅନୁଯାୟୀ ତଥ୍ୟ ଉପସ୍ଥାପନ କରିଥିଲେ। ଆସନ୍ତା ୩ ଜାନୁଆରୀ ୨୦୨୬ ତାରିଖରୁ ନୂଆପଡ଼ା ଜିଲ୍ଲାର ୩୦ଟି ମଣ୍ଡି ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କୁଇଣ୍ଟାଲ ପିଛା ୪୮୮୬ ଟଙ୍କା ପ୍ରତି କୁଇଣ୍ଟାଲ ହିସାବରେ ନୂଆପଡ଼ା ଜିଲ୍ଲାରୁ ୧୭୭୦୪କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯିବ ବୋଲି ନିଷ୍ପତ୍ତି ନିଆଗଲା। ଜିଲ୍ଲା ର ସମସ୍ତ ମାଣ୍ଡିଆ ଚାଷୀ ନିଜର କୃଷକ ଓଡ଼ିଶା ପରିଚୟପତ୍ର ନେଇ ନିକଟସ୍ଥ ଗୋଷ୍ଠୀ କୃଷି ଅଧିକାରୀ ଅଫିସରେ ଯୋଗାଯୋଗ କରି ୬ ଡିସେମ୍ବର ୨୦୨୫ ସୁଦ୍ଧା ନିଜର ପଞ୍ଜୀକରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ୧୫ ଛେଳିମେଣ୍ଢା ମାରି ଖାଇଲା କଲରାପତରିଆ

ନୂଆପଡ଼ା /ବୋଡ଼େନ, ୨।୧୨(ସମିସ): ବୋଡ଼େନ ଥାନା ଅନ୍ତର୍ଗତ କର୍ଲାକୋଟ ପଞ୍ଚାୟତ କିରେଝୋଲା ଗାଁର ଜଣେ ଚାଷୀଙ୍କ ମେଣ୍ଢା ଗୁହାଳରେ ସୋମବାର ରାତିରେ କଲରା ପତରିଆ ବାଘ ପଶି ୧୫ଟି ଛେଳି ମେଣ୍ଢାକୁ ମାରି ଖାଇଦେଇଛି। ଗୁହାଳରୁ ଟାଣି ବାହାରକୁ ଆଣି ରକ୍ତ ପିଇ ଛାଡି ଦେଇଛି। ଗୋଟିକ ପରେ ଗୋଟିଏ ପନ୍ଦର ଗୋଟି ଛେଳି ମେଣ୍ଢାର ରକ୍ତ ପିଇଥିବା କୁହାଯାଇଛି। ପ୍ରକାଶଥାଉ କି କିରେଝୋଲା ଗାଁର ବେଦବରା ମାଝୀଙ୍କ ଗୁହାଳକୁ କଲରାପତରିଆ ବାଘ ସୋମବାର ବିଳମ୍ବିତ ରାତିରେ ପଶି ଛେଳି ମେଣ୍ଢାକୁ ମାରି ଖାଇଥିଲା। ସକାଳେ ଦେଖିଲା ବେଳକୁ ସବୁ ମରି ପଡ଼ିଥିଲା। ଖବର ପାଇ ବୋଡ଼େନ ଗୋଷ୍ଠୀ ପ୍ରାଣୀ ଚକିତ୍ସା କେନ୍ଦ୍ରର ଡ. ସସ୍ମିତା ବିଶ୍ୱାଳ, ଡ. ସମର୍ପଣ ମିଶ୍ର ପହଞ୍ଚି ଶବ ବ୍ୟବଚ୍ଛେଦ କରିଥିଲେ। ଘଟଣାସ୍ଥଳକୁ ବନ ବିଭାଗର ରେଞ୍ଜର ସୀତାରାମ ଶବର, ଫରେଷ୍ଟ ଗାର୍ଡ ପ୍ରମୁଖ ପହଞ୍ଚି ଥିଲେ। ଶବ ବ୍ୟବଚ୍ଛେଦ ଆସିଲା ପରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅନୁକମ୍ପା ରାଶି ଶୀଘ୍ର ପ୍ରଦାନ କରାଯିବ ବୋଲି ଡ.ସସ୍ମିତା ବିଶ୍ୱାଳ ପ୍ରକାଶ କରିଛନ୍ତି। ବାଘ ଭୟରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।

## ବ୍ରାହ୍ମଣପଡ଼ାରେ ମହାଲକ୍ଷ୍ମୀ ପୂଜା

ସିନାପାଲି, ୨।୧୨(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଲପଞ୍ଚାୟତସ୍ଥିତ ବ୍ରାହ୍ମଣପଡ଼ାରେ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ମାର୍ଗଶୀର ଶେଷ ଗୁରୁବାର ପର୍ଯ୍ୟନ୍ତ ମହାସମାରୋହରେ ପାଳନ ହେବାକୁ ଥିବା ବେଳେ ସୋମବାର ଦିନ କଳସ ଯାତ୍ରା ଓ ଅଧିବାସ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ନୀଳଚକ୍ର ଭଜନ ମଣ୍ଡଳି ଖଡ଼ିଆଳ ଓ ମାଁ ଭଣ୍ଡାରଘରୁଣୀ ଘଣ୍ଟଦଳ ଘମ୍ବାରିଗୁଡା ଦ୍ୱାରା କଳସ ଯାତ୍ରା ଓ ରାତ୍ରିକାଳୀନ ସାଂସ୍କୃତିକ ଭଜନ କାର୍ଯ୍ୟକ୍ରମ ପରିବେଷିତ ହେଉଛି। ପୂଜା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ମହାଲକ୍ଷ୍ମୀ ପୂଜା ସମାରୋହାରେ ସାମୂହିକ ମାଁ ମହାଲକ୍ଷ୍ମୀ ପୂଜା କମିଟି ଓ ସମସ୍ତ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ପାଳିତ ହେଉଅଛି। କର୍ତ୍ତା ଭାବରେ ରିତେଶ କୁମାର ଦୁବେ ଓ ତାଙ୍କର ଧର୍ମ ପତ୍ନୀ ନେହା ଦୁବେ ଦାୟିତ୍ୱ ତୁଲାଇଥିବା ବେଳେ ଗଜେନ୍ଦ୍ର ପଣ୍ଡା, ଯୋକର ଦାସ, ଶିବ ଖଣ୍ଡାୟତ, ପବିତ୍ର କଶ୍ୟପ, ମହନ ମାଝୀ, ଧନେଶ୍ୱର ସୁନାରି, ସୁନ୍ଦରଲାଲ ଖଣ୍ଡାୟତ, ଅରୁଣ ପାଣ୍ଡେ, କୈଳାଶ ପାଣିଗ୍ରାହୀ, ରାଜୁ ସୁନାନୀ, ସଞ୍ଜୟ ଖଣ୍ଡାୟତ, ଥବିର ନାଏକ, ପ୍ରଦୁନବାଗ, ସଞ୍ଜୟ କଶ୍ୟପ, ସୁରେଶ ମାଝୀ ମହନ ପରାଭୋଇ, ଧନେଶ୍ୱର ନିଆଲ, ଦିଗ୍ଲେଶ୍ୱର ଦାସ, ନିଳାମ୍ବର ସୁନାନୀ, ଚନ୍ଦ୍ରଲାଲ ବୈଠାରୁ, ମିଲୁ ପାଣିଗ୍ରାହୀ, ଭକାଲୁ ମାଝୀ, ଗରୁଡ କଶ୍ୟପ, ବିକ୍ରମ କଶ୍ୟପ, ବିବେକାନନ୍ଦ କଶ୍ୟପ, ହେଜମ କଶ୍ୟପ, ନୀଳାମ୍ବର କଶ୍ୟପ, ଚନ୍ଦ୍ର ମାଝୀ, ଦେବରାଜ ମାଝୀ, ଦେବନାଥ ମାଝୀ, ସୁରେନ୍ଦ୍ର ଅଗ୍ନିହୋତ୍ରି, ତୀର୍ଥ ବୈଠାରୁ ପ୍ରମୁଖ ସହଯୋଗ କରୁଛନ୍ତି। ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରରେ ବିଭିନ୍ନ ଅଞ୍ଚଳରୁ ସାମାଜିକ ଓ ପୌରାଣିକ ନାଟକ ମଞ୍ଚସ୍ଥ ହେଉଛି।

## ଆୟୁଷ ଛାତ୍ରଙ୍କ ଆନ୍ଦୋଳନକୁ ନାଗରିକ କମିଟିର ସମର୍ଥନ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର





ବଲାଙ୍ଗିର, ୨।୧୨(ସମିସ): ୮ ଦାବି ନେଇ ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ୯ ଦିନରେ ପହଞ୍ଚିଛି। କଳା ବ୍ୟାଚ ପରିଧାନ ସହିତ ରାଜ୍ୟର ୭ଟି ଆୟୁଷ ଭେଷଜ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରୀ ଆନ୍ଦୋଳନ ଜାରି ରଖିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ କିନ୍ତୁ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ଦିଗରେ କୌଣସି ଆନ୍ତରିକତା ପ୍ରକାଶ ପାଇନି। ଏଣୁ ଛାତ୍ରଛାତ୍ରୀ ଓ ହାଉସ ସର୍ଜନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ତେଜିବାରେ ଲାଗିଛି। ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ବିଭିନ୍ନ ମହଲ ତଥା ସଂଗଠନ ପକ୍ଷରୁ ସମର୍ଥନ କିନ୍ତୁ ଜାରି ରହିଛି। ଏହି କ୍ରମରେ ବଲାଙ୍ଗିର ନାଗରିକ କମିଟି ଆୟୁଷ ଛାତ୍ରଙ୍କ ଆନ୍ଦୋଳନକୁ ସମର୍ଥନ କରିଛି। ସଭାପତି ଶ୍ରୀକର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ସ୍ଥାନୀୟ ତୁଳସୀନଗରସ୍ଥିତ ଆୟୁର୍ବେଦ ମହାବିଦ୍ୟାଳୟରେ ପହଞ୍ଚି ଥିଲେ। ମୁଖ୍ୟ ଫାଟକରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ଭେଟି ଆଲୋଚନା କରିବା ସହ ସମର୍ଥନ କରିଛନ୍ତି। ଏହା ସହ ବଲାଙ୍ଗିର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆୟୁଷ ଛାତ୍ରଙ୍କ ଦାବି ପୂରଣ ନିମନ୍ତେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ଦେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଆୟୁଷ ଛାତ୍ରଛାତ୍ରୀଙ୍କ ନାର୍ଯ୍ୟ ଦାବି ପୂରଣ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ବିଷୟକୁ ନାଗରିକ କମିଟି ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ତେବେ ଛାତ୍ର ସଂଗଠନ ପକ୍ଷରୁ ସଭାପତି ଓମ୍‌ପ୍ରକାଶ ବେହେରା, ସମ୍ପାଦକ ଅଭିଲାଷ ପଟ୍ଟନାୟକ, ଛାତ୍ର ସଂଘ କର୍ମକର୍ତ୍ତା ଧର୍ମେନ୍ଦ୍ର ଜାଲ, ଅଭିଷେକ ରଥ, ତୃପ୍ତିମୟୀ ମହାପାତ୍ର ପ୍ରମୁଖ ନାଗରିକ କମିଟିର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଦାବି ପୂରଣ ନ ହେଲେ ଛାତ୍ର ଆନ୍ଦୋଳନ ଭୟାବହ ରୂପ ନେବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ଉଦ୍ଧାର ବାଇକ୍ ମାଲିକଙ୍କୁ ହସ୍ତାନ୍ତର

କର୍ଲାମୁଣ୍ଡା, ୨।୧୨(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଗ୍ରାମନିବାସୀ ବିଜେପି ଜିଲ୍ଲା ପ୍ରତିନିଧି ସଞ୍ଜୟ ଜୈନଙ୍କ ବାଇକ୍ ଗତ କିଛି ମାସ ତଳେ ଚୋରି ହୋଇଥିଲା। ଏହି ଘଟଣାକୁ ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଗୁରୁତ୍ୱର ସହ ନେଇଥିଲେ। ଗତ କିଛି ଦିନ ତଳେ ପୁଲିସ ଏକ ବାଇକ୍ ଚୋର ରକେଟ୍‌କୁ ଧରିବାରେ ସଫଳତା ପାଇଥିଲା ଓ ୯ ଟି ବାଇକ ଉଦ୍ଧାର କରିବା ସହ ଛଅ ଜଣଙ୍କୁ ଧରିଥିଲା। ଚୋରି ବାଇକ ମଧ୍ୟରେ ସଞ୍ଜୟ ଜୈନଙ୍କ ବାଇକ୍ ମଧ୍ୟ ମିଳିଥିଲା। ଆବଶକୀୟ କାଗଜପତ୍ର ସମ୍ପାଦନ ପରେ ଫାଣ୍ଡିଅଧିକାରୀ ଶ୍ରୀ ବିଡ଼ିକା ଶ୍ରୀ ଜୈନଙ୍କୁ ବାଇକ ହସ୍ତାନ୍ତର କରିଛନ୍ତି।

## କିଶୋରୀ ବାଳିକାଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର




ଥୁଆମୂଳରାମପୁର, ୨।୧୨(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଥୁଆମୂଳ ପଞ୍ଚାୟତ କାର୍ଯ୍ୟାଳୟରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ତ୍ତବ୍ୟ ଅନୁଷ୍ଠାନ ତରଫରୁ କିଶୋରୀ ବାଳିକାଙ୍କୁ ନେଇ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଶିବିରକୁ ଥୁଆମୂଳ ସରପଞ୍ଚ ବଳଭଦ୍ର ଜାନୀ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ଥୁଆମୂଳ, ଭଟାଗୁଡା, ରାଣୀଡୁମେର, ଲାଠିଆଗୁଡ଼ା, କାରାଙ୍ଗ, କଣ୍ଟାବାଞ୍ଜି, ଚାଟିକନା, ଟେଭାମହୁଲ ଆଦି ଗ୍ରାମର ୧୦୦ରୁ ଅଧିକ କିଶୋରୀ ବାଳିକା ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଶେଷକରି ଏହି ଅଞ୍ଚଳରେ ରକ୍ତ ହୀନତା ଓ ଶିକଲସେଲ କିଶୋରୀ ବାଳିକାଙ୍କ ମଧ୍ୟରେ ଏକ ସମସ୍ୟା ଦେଖା ଦେଇଥିବାରୁ ଏହାର ପରୀକ୍ଷା କରାଇ ବାଳିକାଙ୍କୁ ଔଷଧ ବର୍ଣ୍ଟନ କରାଯାଇଥିଲା। ଉକ୍ତ ଶିବିରରେ ସିଏଚଓ ଲିକୁ କେରଟା, ସ୍ୱାସ୍ଥ୍ୟ କର୍ମୀ ସିନି ମାଝୀ, ଏଏନଏମ ବାସନ୍ତୀ ନାଏକ, ଚଞ୍ଚଳା ମାଝୀ, ବଗୁଲି ଭୋଇ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ସମସ୍ତ କିଶୋରୀ ବାଳିକାଙ୍କୁ ଅନୁଷ୍ଠାନ ତରଫରୁ ସାନିଟାରୀ ନାପକିନ ମଧ୍ୟ ବର୍ଣ୍ଟନ କରାଯାଇଥିଲା। କର୍ତ୍ତବ୍ୟ ଅନୁଷ୍ଠାନର ପ୍ରକଳ୍ପ ମ୍ୟାନେଜର ସନ୍ତୋଷ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସୁମିତ ବାଗ, ଅମିତ୍ ନାୟକ, ସୋନାଲି ଦାସ, ପ୍ରତିମା ସୁନାନୀ, ରାଜେଶ୍ ବଣ୍ଡୁଆ, ତୁଳସୀ ମାଝୀ, ଅଞ୍ଜଳି ନାଏକ, ସୀତାରାମ ମାଝୀ, ସୁନ୍ଦର ମାଝୀ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥଲେ। ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ମଧ୍ୟ କିଶୋରୀ ବାଳିକାଙ୍କୁ ନିଜ ନିଜ ଗ୍ରାମରୁ ସ୍ୱାସ୍ଥ୍ୟ ଶିବିରକୁ ଆଣିବାରେ ସହଯୋଗ କରିଥଲେ। ସରପଞ୍ଚ ବଳଭଦ୍ର ମାଝୀ ନିଜ ପଞ୍ଚାୟତରେ କିଶୋରୀ ବାଳିକାଙ୍କୁ ନେଇ କରାଯାଇଥିବା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସାଧୁବାଦ୍ ଜଣାଇଥିଲେ।

## ଜୁଆ ଆଡ୍ଡାରୁ ୧୧ ଗିରଫ

କଣ୍ଟାବାଞ୍ଜି, ୨।୧୨(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପୁଲିସ ମଙ୍ଗଳବାର ଭୋରରୁ କାଦୋବସା ଗାଁର ଏକ ଜୁଆ ଆଡ୍ଡାରୁ ୧୧ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ମହେଶ୍ୱର ସତନାମୀ, ସବ୍ୟସାଚୀ ଦଳେଇ, ମାହାବୀର ଗିଭେଲା, ଲମ୍ବୋଦର ନାଗ, ସୀମାଞ୍ଚଳ ଶବର, ସୁଦାମ ନନ୍ଦ, ସୁଜଳ ସାଗର, ବାସୁଦେବ ଶଷ, ଅଙ୍କୁର ଅଗ୍ରୱାଲ, ରମେଶ ସାହୁ, ରୋମାନ ଗର୍ବିତ। ସେଠାରୁ ୪ଟି ଓ ବାଇକ୍ ଓ ୧୧ଟି ମୋବାଇଲ ସହ ନଗଦ ୬୪ ହଜାର ୫୦୦ ଶହ ଟଙ୍କା ଜବତ ହୋଇଛି। ତେବେ ଦୀର୍ଘ ଦିନରୁ ଏହି ଜୁଆ ଆଡ୍ଡା ଚାଲି ଆସୁଥିଲା। ଖବର ପାଇ ପୁଲିସ ଚଢ଼ଉ କରିଥିଲା ବୋଲି କଣ୍ଟାବାଞ୍ଜି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ସୂଚନା ଦେଇଛନ୍ତି।

- ଗୁରୁ ନାଁରେ କଳଙ୍କ

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

- ଅଭିଯୋଗ ପରେ ଅଭିଯୁକ୍ତ ଶିକ୍ଷକ ଅଟକ

ପାଟଣାଗଡ଼, ୨।୧୨ (ସମିସ): କଥାରେ ଅଛି ଗୁରୁ ହେଉଛନ୍ତି ଦ୍ୱିତୀୟ ଭଗବାନ। ଛାତ୍ରଛାତ୍ରୀଙ୍କୁ ଉଚିତ ଉପଦେଶ, ଶିକ୍ଷାଦାନ ସହ ଠିକ ମାର୍ଗଦର୍ଶନ ହେଉଛି ଜଣେ ଶିକ୍ଷକଙ୍କ କର୍ତ୍ତବ୍ୟ; କିନ୍ତୁ ଜଣେ ଶିକ୍ଷକ ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରି ନିଜ ପଦର ଗାରିମା ନଷ୍ଟ କରିଛନ୍ତି। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ବା ଥାନା ଅଞ୍ଚଳରେ ଏହିଭଳି ଏକ ଘଟଣା ଘଟିଛି। ଏନେଇ ନାବାଳିକା ଛାତ୍ରୀ ଜଣକ ଥାନାରେ ଲିଖିତ ଅଭିଯୋଗ ଆଣିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ସରକାରୀ ପ୍ରାଥମିକ ସ୍କୁଲର ଶିକ୍ଷକଙ୍କୁ ଥାନାରେ ଅଟକ ରଖାଯାଇଛି। ତେବେ ଏନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ଘଟଣା ମିଛ। ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ମାମଲା ରଫାଦଫା କରିବାକୁ ଲକ୍ଷାଧିକ ଟଙ୍କା ମଗାଯାଇଥିଲା। ନ ଦେବାରୁ ଏଭଳି ଏକ ମିଥ୍ୟା ମାମଲା କରି ତାଙ୍କୁ ଫସାଇବାକୁ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି। ଅନ୍ୟପକ୍ଷେ ଲରମ୍ବା ଥାନା ଅଧିକାରୀ ଭାନୁ ଶଙ୍କର ଯାଦବ କହିଛନ୍ତି ଯେ, ଅଭିଯୋଗ ଆସିଛି। ଶିକ୍ଷକଙ୍କୁ ଅଟକ ରଖାଯାଇଛି। ଅଧିକ ତଦନ୍ତ ଜାରି ରହିଛି।

## ନିଶାସକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ପୁରୁଣାକଟକ, ୨।୧୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ଅମାନିଆ ଶିକ୍ଷକଙ୍କ ଉପରେ ପଡ଼ିଛି ଶନିଦଶା। ମଦ୍ୟପାନ କରି ସ୍କୁଲକୁ ଆସିବା ପଡ଼ିଲା ମହଙ୍ଗା। ପୁଣି ଜଣେ ଶିକ୍ଷକଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ହାଡ଼ିବନ୍ଧୁ ବେହେରା। ଗୋଟିଏ ଦିନର ଦରମା ବନ୍ଦ ସହ ଆରମ୍ଭ ହେଲା ବିଭାଗୀୟ ତଦନ୍ତ ପ୍ରକ୍ରିୟା। ଶିକ୍ଷକ ଜଣକ ହେଲେ ହରଭଙ୍ଗା ବ୍ଲକ ଝାରଖମଣ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁରମଣି ମଲ୍ଲିକ। ସୂଚନା ମୁତାବକ ଗତ ୨୭ ତାରିଖରେ କର୍ତ୍ତବ୍ୟରେ ଅବହେଳା କାରଣରୁ ୧୦ ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ସହ ଦିନକର ଦରମା ବନ୍ଦ କରିଥିଲା ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ। କିନ୍ତୁ ଏହି ୧୦ ଜଣଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କ କାର୍ଯ୍ୟକଳାପକୁ ନେଇ ଖପା ହୋଇଥିଲେ ଡିଇଓ। ଶିକ୍ଷକ ଜଣକ ହେଲେ ଝାରଖମଣ ପ୍ରାଥମିକ ବିଦ୍ୟାଳୟର ସୁରମଣି ମଲ୍ଲିକ। ଶିକ୍ଷକ ଜଣକ ପ୍ରତିଦିନ ସ୍କୁଲକୁ ମଦ୍ୟପାନ କରି ଆସୁଥିଲେ। ଛାତ୍ରଛାତ୍ରୀଙ୍କୁ ପାଠ ପଢେଇବା ପରିବର୍ତ୍ତେ ମୋବାଇଲରେ ବ୍ୟସ୍ତ ରହୁଥିଲେ। ସ୍କୁଲକୁ ମନଇଚ୍ଛା ସମୟରେ ଆସିବା ସହ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନଜଣାଇ ସ୍କୁଲରେ ଅନୁପସ୍ଥିତ ରହୁଥିଲେ। ଯାହାର ଅଭିଯୋଗ ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ହୋଇଥିଲା। ବିଭାଗ ପକ୍ଷରୁ ତଦନ୍ତ ପରେ ସତ ବାହାରକୁ ଆସିଥିଲା। ଏବେ ବ୍ଲକ ଶିକ୍ଷାଅଧିକାରୀ ନେଇଛନ୍ତି ଦୃଢ଼ କାର୍ଯ୍ୟାନୁଷ୍ଠାନ। ପୂର୍ବରୁ କାରଣ ଦର୍ଶାଓ ନୋଟିସର ଉତ୍ତର ନ ଦେଇ ଥିବାରୁ ଏବେ ଗୋଟିଏ ଦିନର ଦରମା ବନ୍ଦ ସହ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ୩୦ ଦିନ ମଧ୍ୟରେ ଏହାର ଜବାବ ରଖିବାକୁ ପତ୍ର ସଂଖ୍ୟା ୩୧୧୪ ରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ଶିକ୍ଷକମାନେ ଠିକ ସମୟରେ ସ୍କୁଲ ଯିବା ସହ ଛାତ୍ରଛାତ୍ରୀ ଙ୍କୁ ଶିକ୍ଷାଦାନ କରନ୍ତୁ ଓ ବିଭାଗ କୁ ଆଗକୁ ନେବା ପାଇଁ ବ୍ଲକ ଶିକ୍ଷାଅଧିକାରୀ ହାଡ଼ିବନ୍ଧୁ ବେହେରା କହିଛନ୍ତି।

ଚର୍ଚ୍ଚାରେ ପ୍ରଫୁଲ୍ଲ ମେହେର

## ଶାଢ଼ୀରେ ଲେଖିଲେ ଶ୍ରୀମଦ୍ ଭଗବତ ଗୀତା



ବୀରମହାରାଜପୁର, ୨।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ମେହେର (ଭୁଲିଆ) ବୁଣାକାରଙ୍କ ସୂକ୍ଷ୍ମ କାରିଗରୀ ହସ୍ତଶିଳ୍ପ ପାଟ ଓ ବାମକାଇ ଶାଢ଼ୀ ଦେଶ ବିଦେଶରେ ବେଶ୍ ସୁନାମ ରହିଛି। ସେହିପରି ଜଣେ ଦକ୍ଷ ଜାତୀୟସ୍ତରର ବସ୍ତ୍ରଶିଳ୍ପୀ ହେଲେ ବୀରମହାରାଜପୁର ର ପ୍ରଫୁଲ୍ଲ ମେହେର (୬୩)। ସେ ବାନ୍ଧକଳାରେ ଶ୍ରୀମଦ୍ ଭଗବତ ଗୀତା ଶାଢ଼ୀ ପ୍ରସ୍ତୁତ କରିଛନ୍ତି। ଆଜି ଗୀତା ଜୟନ୍ତୀରେ ଏହା ଲୋକାର୍ପିତ ହେଇଛି। ସଂସ୍କୃତ ଭାଷାରେ ଭଗବତ ଗୀତାର ୧୮ ଅଧ୍ୟାୟକୁ ନେଇ ପାଟ ଓ ସୂତାରେ ଶାଢ଼ୀ ପ୍ରସ୍ତୁତ କରିଛନ୍ତି। ଯେଉଁଥିରେ ଛୋଟ ଅକ୍ଷରରେ ୭୦୦ ଶ୍ଳୋକ ରହିଛି। ଏହି ଶାଢ଼ୀର ଲମ୍ବ ସାଢ଼େ ଚଉଦ ମିଟର ଏବଂ ୩୦ ଇଞ୍ଚ୍ ଅଟେ। ମୋଟ ୨୭ଜଣ ସହଯୋଗୀଙ୍କ ସହାୟତାରେ ବାନ୍ଧ ଶିଳ୍ପୀ ପ୍ରଫୁଲ୍ଲ ମେହେର ଓ ଧର୍ମପତ୍ନୀଙ୍କ ସହଯୋଗରେ ସେ ଏହି କାମ ସମ୍ପୂର୍ଣ୍ଣ କରିଛନ୍ତି। ପ୍ରଫୁଲ୍ଲ କୁହନ୍ତି ତାଙ୍କ ବାପା ଜଣେ ଭଗବତ ପ୍ରେମୀ, ତାଙ୍କ ପ୍ରେରଣା ଓ ଆଶୀର୍ବାଦରୁ ସେ ଏହି କାମ କରିବାରେ ସକ୍ଷମ ହୋଇଛନ୍ତି। ଏହିକାମ ପାଇଁ ତାଙ୍କୁ ତାଙ୍କୁ ସାଢେ ତିନିବର୍ଷ ସମୟ ଲାଗିଥିଲା। ବାନ୍ଧ ବାନ୍ଧିବା ପାଇଁ ପ୍ରଥମେ ୮ ଜଣ ଓ ପରେ ୧୨ଜଣ କୁଶଳୀ ବୁଣାକାରଙ୍କୁ ନିୟୋଜନ କରାଇଥିଲେ। ସୂତାରଙ୍ଗ କରାଇବାକୁ ୨ଜଣ ବୁଣାକାରଙ୍କୁ ୪ମାସ ସମୟ ଲାଗିଥିଲା। ସେହିପରି ବାନ୍ଧ ସୂତା ଖୋଲିବାକୁ ୨ଜଣଙ୍କୁ ୨ମାସ ଲାଗିଥିଲା। ୨ଟି ତନ୍ତରେ ଲୁଗା ବୁଣିବା ପାଇଁ ୩ଜଣ ବୁଣାକାର ନିୟୋଜିତ ହୋଇଥିଲେ। ଲୁଗାବୁଣା ସମ୍ପୂର୍ଣ୍ଣ ପାଇଁ ତାଙ୍କୁ ୩ ମାସ ସମୟ ଲାଗିଥିଲା। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳର ମେହେର (ଭୁଲିଆ) ବୁଣାକାର ପରିବାରରେ ଜନ୍ମଗ୍ରହଣ କରିଥିଲେ ପ୍ରଫୁଲ୍ଲ। ପାଠ ପଢ଼ା ସରିବାପରେ ସେ ରାଜ୍ୟ ବୟନ ଓ ହସ୍ତତନ୍ତ ବିଭାଗରେ ଚାକିରି କରିଥିଲେ। ଚାକିରି ସମୟରେ ନିଜର ପ୍ରତିଭା ପ୍ରଦର୍ଶନ କରି ୧୯୯୨ମସିହାରେ ନ୍ୟାସେନାଲ ମେରିଟ ପୁରସ୍କାର ପାଇଥିଲେ। ଅବସରପରେ ପ୍ରାକୃତିକ ରଙ୍ଗ ସୂତାରେ ଶାଢ଼ୀବୁଣା ଉପରେ ସେ ବିଶେଷ ଗୁରୁତ୍ୱ ଦେଇ ଆସୁଛନ୍ତି। ଜଣେ ବାନ୍ଧ ଶିଳ୍ପୀ ଓ ପାଟ ଶାଢ଼ୀ, ୱାଲ ହ୍ୟାଙ୍ଗିଂ ଡିଜାଇନ୍ ପରାମର୍ଶଦାତା ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କ ଡିଜାଇନର ମା, ଆମର ମଙ୍ଗାଶାଳ ଓ ଗଞ୍ଜପା ଶାଢ଼ୀ ଆଦି ବୁଣି ଆଗରୁ ଜାତୀୟ ପୁରସ୍କାର ପାଇଥିଲେ। ତାଙ୍କ ଡିଜାଇନ୍ ପରିକଳ୍ପନା ଓ ତତ୍ତ୍ୱାବଧାନରେ ବାନ୍ଧ, ରଙ୍ଗ ଓ ବୁଣା କାମକରି ସୁବର୍ଣ୍ଣପୁର ଜିଲ୍ଲାର ୨୫ ଜଣ ବୁଣାକାର ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି।

# ଡୋଙ୍ଗରିପାଲି ଗାଁରେ ଝାଡାବାନ୍ତି ବ୍ୟାପୁଛି

ନୂଆପଡ଼ା/କୋମନା, ୨।୧୨(ସମିସ)



ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଡୋଙ୍ଗରିପାଲି ଗାଁରେ ଆଜିକୁ ଦପ୍ତାହେ ହେବ ଝାଡାବାନ୍ତି ବ୍ୟାପିଥିବା ବେଳେ ଥମିବାର ନାଁ ନେଉନାହିଁ। ଏନେଇ 'ସକାଳ'ରେ ତଥ୍ୟ ଭିତ୍ତିକ ଖବର ପ୍ରକାଶନ ପରେ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗାଁରେ ପହଞ୍ଚି ସମସ୍ତ ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବା ସହ ରୋଗର କାରଣ ଏବଂ ନିରାକରଣ ବ୍ୟବସ୍ଥା ହାତକୁ ନେଇଛନ୍ତି। ଏହା ଆଗକୁ କେମିତି ଉଗ୍ର ରୂପ ନନେବ ସେଥିପ୍ରତି ସଚେତନତା ସୃଷ୍ଟି କରାଯାଇଛି। ପ୍ରକାଶ ଯେ ଆଜିକୁ ସପ୍ତାହକ ମଧ୍ୟରେ ଗାଁରେ କୋଡିଏରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ରୋଗ ଥମିବାର ନାଁ ନେଉ ନଥିଲା। ଏହା ଉପରେ ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା ସଂକ୍ରାମକ ରୋଗ ବିଶେଷଜ୍ଞ ଡ.ଜଗତ ବନ୍ଧୁ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ସକାଳେ ଗାଁରେ ପହଁଞ୍ଚି ରୋଗୀମାନଙ୍କ ଘରକୁ ଯାଇ ରୋଗର ଲକ୍ଷଣ, ପାଣି ଏବଂ ଝାଡାର ନମୁନା ସଂଗ୍ରହ କରାଯାଇଥିଲା। ଗାଁର ସଂକ୍ରମିତ ପରିବାର ଲୋକଙ୍କୁ ହେଲଜେନ ବଟିକା, ଓଆରଏସ ଓ ଜିଙ୍କ ଟାବଲେଟ ବର୍ଣ୍ଟନ କରିବା ପରେ ସ୍ୱଚ୍ଛତା ଓ ହାତ ଧୁଆ ଉପରେ ବିଭିନ୍ନ ପ୍ରକ୍ରିୟା ଉପରେ ସଚେତନତା କରାଯାଇଛି। ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀଙ୍କୁ ଆହୁରି ନୂତନ ରୋଗୀ ଚିହ୍ନଟ କରି ଡାକ୍ତର ଖାନା ନେବା ଆଣିବା ବ୍ୟବସ୍ଥା କରାଯିବାକୁ କୁହାଯାଇଛି। ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାକୁ ଜଳ ଓ ପରିମଳ ମିଶନଙ୍କୁ ଜଣାଇ ଦିଆଯିବ ଟିମ ତରଫରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଦ୍ରୁତ ପ୍ରତିକ୍ରିୟା ଦଳରେ (ରାପିଡ଼ ଆକ୍ସନ ଟିମ୍। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ମଞ୍ଜୁରାଣୀ ସିଂହ, ଜିଲ୍ଲା ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ଜଗତବନ୍ଧୁ ମହାପାତ୍ର, ଜୀବାଣୁ ବିଜ୍ଞାନୀ ସଙ୍ଗୀତ ସାଗର ସାହୁ, ବହୁ ଉଦ୍ଦେଶ୍ୟ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଚନ୍ଦ୍ରଭାନ ଚନ୍ଦ୍ରକାର, ବ୍ଲକସ୍ତରୀୟ ଦଳରେ ବ୍ଲକ ପ୍ରକଳ୍ପ ପରିଚାଳକ କୋମନା ଅଲେଖ ପ୍ରଧାନୀ, ବହୁ ଉଦ୍ଦେଶ୍ୟ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ, କୋମନା ବ୍ଲକ ମଧୁସୂଦନ ହୋତା ପ୍ରମୁଖ ସାମିଲ ହୋଇଛନ୍ତି।

### ପହଞ୍ଚିଲା ମେଡିକାଲ ଟିମ୍

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ ଅତିବାହିତ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ।। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦୀର୍ଘ ଦିନ ଅପେକ୍ଷାର ଅନ୍ତ ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୨୯: ଲର୍ଡ ୱିଲିୟମ୍ ବେଣ୍ଟିକ୍ ସତୀଦାହ ପ୍ରଥା ଉପରେ ରୋକ୍ ଲଗାଇଥିଲେ।
- ୧୮୮୯: ସ୍ୱାଧୀନତା ସଂଗ୍ରାମୀ ଖୁଦିରାମ ବୋଷଙ୍କ ଜନ୍ମ।
- ୧୯୬୭: ଥୁମ୍ବାରୁ ଭାରତର ପ୍ରଥମ ରକେଟ୍ (ରୋହିଣୀ ଆର୍ ଏଚ୍ ୭୫) ଉତ୍କ୍ଷେପଣ କରାଯାଇଥିଲା।
- ୧୯୭୯: ପ୍ରସିଦ୍ଧ ହକି ଖେଳାଳି ମେଜର୍ ଧ୍ୟାନ ଚାନ୍ଦଙ୍କ ଦେହାନ୍ତ।
- ୨୦୧୧: ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଦେବ ଆନନ୍ଦଙ୍କ ପରଲୋକ।

## ମା' ରମାଦେବୀ



ଆଜି ଆସିଥିଲେ

ତ୍ୟାଗ, ସେବା ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ରମାଦେବୀ ଚୌଧୁରୀ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅତୁଳନୀୟ ଥିଲା । ସ୍ୱାଧୀନୋତ୍ତର ଭାରତରେ ସନ୍ଥ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ ଓ ଗ୍ରାମଦାନ ଆନ୍ଦୋଳନରେ ତାଙ୍କ ଭୂମିକା ଅବିସ୍ମରଣୀୟ। ୧୮୯୯ ମସିହା ଆଜିର ଦିନରେ କଟକ ନିକଟସ୍ଥ ସତ୍ୟଭାମାପୁର ଗ୍ରାମରେ ବସନ୍ତ କୁମାରୀ ଦେବୀ ଏବଂ ଗୋପାଳ ବଲ୍ଲଭ ଦାସଙ୍କ ଔରସରୁ ରମାଦେବୀ ଜନ୍ମଗ୍ରହଣ କରିଥିଲେ। ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରୀ ଥିଲେ। ଏକ ସଂଭ୍ରାନ୍ତ ଓ ଉଚ୍ଚଶିକ୍ଷିତ ପରିବାରରେ ଜନ୍ମିତ ରମାଦେବୀ ଜଗତସିଂହପୁର ଜିଲ୍ଲାର ଖେରସ ଗାଁର ବିଶିଷ୍ଟ ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁଅ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କରିଥିଲେ। ୧୯୨୧ ମସିହାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ କଂଗ୍ରେସରେ ଯୋଗଦାନ ପରେ ସେମାନଙ୍କ ଜୀବନର ଗତିପଥ ବଦଳି ଯାଇଥିଲା। ୧୯୨୧ ମସିହା ମାର୍ଚ୍ଚ ୨୪ତାରିଖରେ କାଠଯୋଡ଼ି ନଦୀପଠାରେ ଅନୁଷ୍ଠିତ ଗାନ୍ଧିଜୀଙ୍କ ଓଜସ୍ୱିନୀ ଭାଷଣ ରମାଦେବୀଙ୍କୁ ସତ୍ୟାଗ୍ରହୀ କରିଥିଲା। ଅଳଙ୍କାର ଏବଂ ମୂଲ୍ୟବାନ ପାଟବସ୍ତ୍ର ସ୍ୱାଧୀନତା ସଂଗ୍ରାମ ପାଇଁ ସେ ଦାନ କରିଦେଇଥିଲେ। ସେ ଆଇନ ଅମାନ୍ୟ ଆନ୍ଦୋଳନ,ଲବଣ ସତ୍ୟାଗ୍ରହ ଆଦି ସଂଗ୍ରାମରେ ଯୋଗଦେଇ ବହୁବାର କାରାବରଣ କରିଥିଲେ। ଆଜୀବନ ପାଦରେ ଚପଲଟିଏ ନ ପିନ୍ଧି ଏବଂ ସୂତା ଖଦଡ଼ ଲୁଗାକୁ ପିନ୍ଧି ଦୁଃଖୀ, ଦରିଦ୍ର, ହରିଜନ, କୃଷକ, ମହିଳା ଓ ଶିଶୁ ଆଦି ସମସ୍ତଙ୍କ ପାଇଁ କାର୍ଯ୍ୟ କରୁଥିଲେ ରମାଦେବୀ। ତାଙ୍କର ଜୀବନଶୈଳୀ ଥିଲା ସରଳ ଓ ସାବଲୀଳ। ବନ୍ୟା ହେଉ କି ବାତ୍ୟା ହେଉ, କି ମରୁଡ଼ି ହେଉ ପ୍ରପୀଡ଼ିତ ଲୋକମାନଙ୍କର ସେବା କରି ସେ ଅପାର ଆନନ୍ଦ ପାଉଥିଲେ। ବରୀ ଆଶ୍ରମ ଗଢ଼ି ସେଠାରେ ନାରୀ ଜାଗରଣ, ମୌଳିକ ଶିକ୍ଷା, ଗୋସେବା, ପୌଢ଼ଶିକ୍ଷା, ରୋଗୀସେବା, ଅସ୍ପୃଶ୍ୟତା ନିବାରଣ, ଗାଁ ସଫେଇ, ଲୁଗା ବୁଣିବା ଇତ୍ୟାଦି କାର୍ଯ୍ୟରେ ସର୍ବଦା ବ୍ୟସ୍ତ ରହୁଥିଲେ ମା' ରମାଦେବୀ। ଓଡ଼ିଶାରେ ଭୂଦାନ ଆନ୍ଦୋଳନର ସଫଳତା ପଛରେ ରମାଦେବୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ୧୯୬୨ ଚୀନ୍ ଭାରତ ଯୁଦ୍ଧ ସମୟରେ ନିଜେ ସେବାଦଳ ଧରି ଅସୁବିଧା ଭୋଗୁଥିବା ଭାରତୀୟ ଯବାନମାନଙ୍କ ସେବା କରିଥିଲେ। ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଜରୁରିକାଳୀନ ପରିସ୍ଥିତିର ମୁକାବିଲା କରିଥିବା ଜୟପ୍ରକାଶ ନାରାୟଣଙ୍କୁ ସମର୍ଥନ କରି ଭୁବନେଶ୍ୱରରେ ଏକ ବିଶାଳ ସମାବେଶ କରାଇଥିଲେ । ବହୁ ଜନନାୟକ ଜେଲ୍ ଗଲେ, ମାତ୍ର ମା' ରମାଦେବୀଙ୍କୁ ଗିରଫ କରିବାକୁ କେହି ସାହସ କରି ନ ଥିଲେ। ତାଙ୍କର ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ଡକ୍ଟରେଟ୍ ଉପାଧି ଓ ସମର୍ପିତ ସେବା ଲାଗି ସମ୍ମାନଜନକ ଯମୁନାଲାଲ ବଜାଜ ପୁରସ୍କାର ମିଳିଥିଲା। ପ୍ରକୃତରେ ମା, ରମାଦେବୀ ଥିଲେ ସେବା, ମମତା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ୧୯୮୫ ମସିହା ଜୁଲାଇ ୨୨ ତାରିଖରେ ଏହି ମହୀୟସୀ ମହିଳାଙ୍କ ତିରୋଧାନ ହୋଇଥିଲା।


## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ



ଆଜି 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' । ଜାତିସଂଘ ଆନୁକୂଲ୍ୟରେ ୧୯୯୨ ମସିହାରୁ ଡିସେମ୍ବର ୩ ତାରିଖକୁ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' ଭାବରେ ପାଳନ କରାଯାଉଛି। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମ୍ମାନ, ସମର୍ଥନ ଦେବା ଓ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ସମାଜର ସାଧାରଣ ବର୍ଗର ଲୋକଙ୍କ ଭଳି ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଆଦି ସମସ୍ତ କ୍ଷେତ୍ରରେ ଭିନ୍ନକ୍ଷମଙ୍କର ସମାନ ଅଧିକାର ଉପରେ ଏହି ଦିବସ ସଚେତନ କରେ। ସାଧାରଣତଃ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି ଲୋକେ ଦୟା କିମ୍ବା ହୀନ ଦୃଷ୍ଟି ରଖିଥାନ୍ତି। ଯଦି ଜଣେ ବ୍ୟକ୍ତି ଅକ୍ଷମ, ଏହାର ଅର୍ଥ ସେ ନିଶ୍ଚିତ ଭାବରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ବୋଲି ସାଧାରଣତଃ ଲୋକଙ୍କ ମଧ୍ୟରେ ଏକ ଧାରଣା ଥାଏ। ବାସ୍ତବରେ କିନ୍ତୁ ଏପରି ହୋଇ ନ ଥାଏ । ଟିକିଏ ପ୍ରୟାସ ଦ୍ୱାରା ଜଣେ ଭିନ୍ନକ୍ଷମ ବ୍ୟକ୍ତି ସାଧାରଣ ଜୀବନଯାପନ କରିପାରନ୍ତି । ସମାଜରେ ସଚେତନତା ଜାଗ୍ରତ କରିବା, ଭିନ୍ନକ୍ଷମତାକୁ ବୁଝିବା, ଗ୍ରହଣ କରିବା, ସେମାନଙ୍କର ସଫଳତା ଏବଂ ଯୋଗଦାନକୁ ମାନିବା, ମନେଇବା ଓ ସେମାନଙ୍କର ଆତ୍ମବଳ ଏବଂ ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଭିନ୍ନକ୍ଷମମାନଙ୍କର ଅଧିକାରର ସୁରକ୍ଷା, ଅନ୍ତର୍ନିହିତ ଶକ୍ତିର ଉଦ୍ରେକ କରିବା, ସମାଜରେ ଏକ ଭେଦଭାବ ବିହୀନ ସମନ୍ୱୟ ସ୍ଥାପନ କରିବା ଏବଂ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ମଧ୍ୟ ଏ ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଆଜି ବି ସମାଜରେ ଶାରୀରିକ ଅକ୍ଷମତାକୁ ଏକ ସାମାଜିକ କଳଙ୍କ ଭାବରେ ଦେଖାଯାଉଛି ଯାହାକୁ ସୁଧାରିବାର ଆବଶ୍ୟକତା ରହିଛି। ଅନେକ ଭିନ୍ନକ୍ଷମ ବ୍ୟକ୍ତି ଶାରୀରିକ ଦୁର୍ବଳତା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହୋଇଥାନ୍ତି। ଏଥିସହ ସାଧାରଣ ମଣିଷଙ୍କ ତୁଳନାରେ ନିଜକୁ ସମକକ୍ଷ ନ କରି ପାରି କିଛି ଭିକ୍ଷାବୃତ୍ତିକୁ ଆପଣାଇ ନେଇଥାନ୍ତି। ସମାଜରେ ଏଭଳି ବି ମଣିଷ ରହିଛନ୍ତି ଯେଉଁମାନେ ଭିନ୍ନକ୍ଷମ ହୋଇ ମଧ୍ୟ ଆତ୍ମସମ୍ମାନର ସହ ବଞ୍ଚିବା ପାଇଁ ସଂଘର୍ଷ କରି ସଫଳ ହୋଇଛନ୍ତି। ଏହି ଦିନ ଭିନ୍ନକ୍ଷମମାନଙ୍କୁ ରାଜନୈତିକ, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଜୀବନର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ପ୍ରୟାସ କରାଯାଏ। ୧୯୭୬ ମସିହାରେ ମିଳିତ ଜାତିସଂଘ ୧୯୮୧ ମସିହାକୁ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ବର୍ଷ' ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ କରିବା ପାଇଁ ଆହ୍ୱାନ କରାଯାଏ।

## 'ତେରେ ଇସ୍କ ମେଁ'

## ଧନୁଷ ନେଇଛନ୍ତି ୧୫ କୋଟି



ବାର ବର୍ଷ ପୂର୍ବରୁ ଆନନ୍ଦ. ଏଲ୍ ରାୟଙ୍କ ରୋମାଣ୍ଟିକ୍ ଡ୍ରାମା 'ରାଞ୍ଝଣା' ରିଲିଜ୍ ହୋଇଥିଲା। ଏହି ଫିଲ୍ମକୁ ସେତେବେଳେ ଦର୍ଶକୀୟ ଆଦୃତି ମିଳିଥିଲା। ଏବେ ୧୨ ବର୍ଷ ପରେ ଆନନ୍ଦ ଏହାର ସିକ୍ୱେଲ ଆଣିଛନ୍ତି। 'ତେରେ ଇସ୍କ ମେଁ' ନଭେମ୍ବର ୨୮ ତାରିଖରେ ରିଲିଜ୍ ହୋଇଛି। ଫିଲ୍ମରେ ଧନୁଷ୍‌ଙ୍କ ବିପକ୍ଷରେ କ୍ରିତି ସାନନ୍ ନଜର ଆସିଛନ୍ତି। ଫିଲ୍ମର ଟ୍ରେଲର୍ ରିଲିଜ୍ ହେବା ପରେ ଏହା ଓପନିଂ ଡେ'ରେ ଭଲ ବିଜିନେସ୍ କରିବ ନାହିଁ ବୋଲି ଅନୁମାନ କରାଯାଉଥିଲା। ଏତେଦିନ ପରେ ବଲିଉଡ୍‌କୁ ଧନୁଷ ଫେରିବା କଥା କିନ୍ତୁ ଟ୍ରେଡ୍ ଆନାଲିଷ୍ଟମାନଙ୍କର ସବୁପ୍ରକାରର ସମୀକରଣକୁ ବଦଳାଇ ଦେଇଛି। ତେବେ ଏହା ଓପନିଂ ଡେ'ରେ କେବଳ ଭାରତରୁ ହିଁ ୧୬ କୋଟି ଟଙ୍କା ଆୟ କରିଛି। ଏହା ପ୍ରଥମ ସପ୍ତାହରେ ହିଁ ସର୍ବ ଭାରତୀୟସ୍ତରରେ ୫୧.୭୫ କୋଟି ଟଙ୍କାର ବିଜିନେସ୍ କରିଛି। ଧନୁଷ୍ ଏହି ଫିଲ୍ମ ପାଇଁ ପାରିଶ୍ରମିକ ବାବଦରେ ୧୫ କୋଟି ନେଇଛନ୍ତି। ଧନୁଷଙ୍କ ତୁଳନାରେ କ୍ରିତି ସାନନ୍‌ଙ୍କୁ ବହୁତ କମ୍ ପାରିଶ୍ରମିକ ମିଳିଛି। କ୍ରିତିଙ୍କୁ ଏହି ଫିଲ୍ମ ପାଇଁ ୫ କୋଟି ମିଳିଛି।

## ଏଆଇ ମାଧ୍ୟମରେ ଆୟ

**ବର୍ତ୍ତମାନ ଅଧିକାଂଶ କମ୍ପାନି ଏଆଇକୁ ଉପଯୋଗ କରୁଛନ୍ତି। ସେହିପରି ଚାଟ୍‌ଜିପିଟି ଭଳି ଅନ୍ୟ ଏଆଇ ଟୁଲ୍‌କୁ ଉପଯୋଗ କରାଯାଇ ରୋଜଗାର କରି ହେବ। ଏ ଲାଗି ବଡ଼ ବଜେଟ୍ କିମ୍ବା ଟେକ୍ନିକାଲ ଡିଗ୍ରୀର ଆବଶ୍ୟକତା ନାହିଁ। ତେବେ କିଭଳି ଏଆଇ ମାଧ୍ୟମରେ ଆୟ କରାଯାଇପାରିବ, ସେ ସମ୍ପର୍କରେ ଜାଣିବା।**



**ପ୍ରମ୍ପ୍ଟ ବିକ୍ରି:** ଏଆଇ ଟୁଲ୍‌ର କ୍ୱାଲିଟି ଏହାର ପ୍ରମ୍ପ୍ଟ (ନିର୍ଦ୍ଦେଶ) ଉପରେ ନିର୍ଭର କରେ। ପ୍ରମ୍ପ୍ଟକୁ ପ୍ରମ୍ପ୍ଟବେସ୍ ଭଳି ପ୍ରଭାବୀ ୱେବସାଇଟ୍ ଏବଂ ଇକମର୍ସ ପ୍ଲାଟଫର୍ମରେ ଡିଜିଟାଲ ପ୍ରଡକ୍ଟ ଭାବେ ବିକ୍ରି କରି ହେବ। ଏହା ମାଧ୍ୟମରେ ବାରମ୍ବାର ରୋଜଗାର ସମ୍ଭବ।

**ଏଆଇ ଆର୍ଟ ଏବଂ ପ୍ରିଣ୍ଟ:** ମିଡ୍‌ଜର୍ଣ୍ଣି ବା ଡିଏଏଲ-ଇ ଭଳି ଟୁଲ୍‌କୁ ବ୍ୟବହାର କରି କିଛି ସମୟ ମଧ୍ୟରେ ସୁନ୍ଦର ଡିଜିଟାଲ ଆର୍ଟ, ୱାଲପେପର, ଟି-ସାର୍ଟ ଡିଜାଇନ ଏବଂ ସୋସିଆଲ ମିଡିଆ ଗ୍ରାଫିକ୍ସ ତିଆରି କରିପାରିବେ। ଏହି ଡିଜାଇନକୁ ପ୍ରିଣ୍ଟ ଅନ ଡିମାଣ୍ଡ ସେବା ମାଧ୍ୟମରେ ବିକ୍ରି କରି ଭଲ ଆୟ କରିବା ସମ୍ଭବ। ଏହି କାମରେ ଦିନକୁ ଦୁଇ ଘଣ୍ଟାରୁ କମ୍ ସମୟ ଦେଲେ ଚଳିବ।

**ଏଆଇ ଚାଟବଟ୍ ସେଟ୍‌ଅପ୍:** ଅନେକ କ୍ଷୁଦ୍ର ବ୍ୟବସାୟୀ ଗ୍ରାହକଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ସେତେ ବେଶି ସକ୍ଷମ ହୋଇ ନ ଥାନ୍ତି। ତେଣୁ ଏହି ଫ୍ଲୋବୋଟ୍ ବା ଚାଟବଟ୍ ବିଲଡରକୁ ବ୍ୟବହାର କରି ବେସିକ୍ ଏଆଇ ଚାଟବଟ୍ ସ୍ଥାପନା କରି ସେବା ପ୍ରଦାନ କରିପାରିବେ। ତେବେ ଗ୍ରାହକ ପଚାରୁଥିବା ପ୍ରଶ୍ନରେ ଚାଟ୍‌ବଟ୍‌କୁ ପ୍ରଶିକ୍ଷଣ ଦେଇପାରିବେ।

**କଣ୍ଟେଣ୍ଟ ରିପରପୋଜିଂ:** ନିଜ ପାଖରେ ପୂର୍ବରୁ ଥିବା ବ୍ଲଗ୍ ପୋଷ୍ଟ, ପଡକାଷ୍ଟ ଟ୍ରାନ୍ସକ୍ରିପ୍ଟ ଏବଂ ଲମ୍ବା ଭିଡିଓ କଣ୍ଟେଣ୍ଟର ସୋସିଆଲ ମିଡିଆ କ୍ଲିପ୍, ଇନଫୋଗ୍ରାଫିକ୍ସ ବା ଇମେଲ ନ୍ୟୁଜଲେଟରକୁ ବଦଳାଇବାରେ ସେବା ପ୍ରଦାନ କରିପାରିବେ। ଏ ଲାଗି ଡେସକ୍ରିପ୍ଟ ଭଳି ଏଆଇ ଟୁଲ୍ ବ୍ୟବହାର କରିପାରିବେ । ଅବଶ୍ୟ ଏହା ଅତ୍ୟନ୍ତ ମୂଲ୍ୟବାନ ସେବା।

**ଏଆଇ ଟୁଲ୍ ଟ୍ୟୁଟରିଂ:** ଅନେକ ଲୋକ ଏଆଇ ବ୍ୟବହାର ଶିଖିବାକୁ ଚାହୁଁଛନ୍ତି। ହେଲେ ସେମାନଙ୍କୁ ଏହା କଷ୍ଟକର କାମ ଲାଗେ। ତେବେ ଅନଲାଇନ୍ ଟ୍ୟୁଟର ତଥା କନସଲଟର ଭାବେ ଛୋଟ ଗ୍ରୁପ୍ ତଥା ବ୍ୟକ୍ତିଙ୍କୁ ଚାଟ୍‌ଜିପିଟି ଭଳି ଅନ୍ୟ ପ୍ରଡକ୍ଟିଭିଟି ଟୁଲ୍‌କୁ ଉତ୍ତମ ଉପାୟରେ ବ୍ୟବହାର କରିବା ଶିଖାଇପାରିବେ।

## ସମ୍ଭାବନା



## ନକାରାତ୍ମକ ପ୍ରତିକ୍ରିୟାକୁ ସାମ୍ନା କରୁଥିଲେ

**ସବୁ କାମର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରତିକ୍ରିୟା ଅଛି। ବିଶେଷକରି କାର୍ଯ୍ୟକ୍ଷେତ୍ରରେ କେତେକଙ୍କୁ ନକାରାତ୍ମକ ପ୍ରତିକ୍ରିୟା ବା ନେଗେଟିଭ୍ ଫିଡ୍‌ବ୍ୟାକ୍ ସାମ୍ନା କରିବାକୁ ପଡ଼ିଥାଏ।**




- ନକାରାତ୍ମକ ପ୍ରତିକ୍ରିୟା ଦ୍ୱାରା ମାନସିକ ଚାପ ବୃଦ୍ଧି ପାଏ ଓ ତା'ର ପ୍ରଭାବ ସିଧାସଳଖ କାମ ଉପରେ ପଡ଼ିଥାଏ। ଏଥିରେ ଭାଙ୍ଗି ପଡ଼ିବା ଅନୁଚିତ। ଏଭଳି କ୍ଷେତ୍ରରେ ନିଜ ଭିତରେ ଆତ୍ମବିଶ୍ୱାସ ଓ ସାହସ ବଜାୟ ରଖିବା ଜରୁରି।
- ପ୍ରତ୍ୟେକ ପରିସ୍ଥିତିରୁ ମଣିଷ କିଛି ନା କିଛି ଶିଖିଥାଏ। କ'ଣ ପାଇଁ ଏଭଳି ଫିଡ୍‌ବ୍ୟାକ୍ ମିଳିଲା, ସେ ସମ୍ପର୍କରେ ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତୁ। ସେହି ପ୍ରତିକ୍ରିୟା କ'ଣ ଶିକ୍ଷା ଦେଲା ତାହା ବି ବୁଝନ୍ତୁ। ସେଥିପାଇଁ ଭାଙ୍ଗି ନ ପଡ଼ି ମନୋବଳ ଦୃଢ଼ କରନ୍ତୁ।
- ଚାହିଁଲେ ନକାରାତ୍ମକ ପ୍ରତିକ୍ରିୟା ଦେଉଥିବା ବ୍ୟକ୍ତିଙ୍କ ସହ ସମସ୍ୟାର ସମାଧାନ କରିପାରିବେ। ଏହା ଦ୍ୱାରା ଏଭଳି ପରିସ୍ଥିତିକୁ ହୁଏତ ଭବିଷ୍ୟତରେ ସାମ୍ନା କରିବାକୁ ନ ପଡ଼ି ପାରେ। କୌଣସି ଏକ ଭୁଲ୍ ପାଇଁ ନକରାତ୍ମକ ପ୍ରତିକ୍ରିୟା ମିଳିଥିଲେ, ତାହାକୁ ଧୈର୍ଯ୍ୟର ସହ ସ୍ୱୀକାର କରନ୍ତୁ।
- କମ୍ପାନିରେ ଏଭଳି ସମସ୍ୟା ବାରମ୍ବାର ଉପୁଜୁଥିଲେ ଦକ୍ଷ ପିଆର୍ ପ୍ରତିନିଧିଙ୍କୁ ନିଯୁକ୍ତ କରାନ୍ତୁ।
- ପ୍ରଫେସନାଲ୍ ପିଆର୍‌ଙ୍କ ସହାୟତାରେ କମ୍ପାନୀର କାର୍ଯ୍ୟପ୍ରଣାଳୀରେ ପରିବର୍ତ୍ତନ ଆଣି ଅନେକଗୁଡ଼ିଏ ନକାରାତ୍ମକ ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରିବ।

## କ୍ରିଏଟିଭ୍ ରାଇଟିଂର କୌଶଳ

**ସୃଜନଶୀଳ ଲେଖା ହେଉଛି ଏକ କୌଶଳ। ନିରନ୍ତର ଅଭ୍ୟାସ, ପଢ଼ାପଢ଼ି ଏବଂ ସଂପାଦନ କରିବା ଦ୍ୱାରା ଲେଖିବାର କଳା ଅଧିକ ବିକଶିତ ହୋଇପାରିବ।**

- ପ୍ରତିଦିନ କିଛି ସମୟ ଲେଖାଲେଖି ପାଇଁ ବାହାର କରନ୍ତୁ।
- ଲେଖାଲେଖି ପାଇଁ ଶାନ୍ତ ଓ ସୁରକ୍ଷିତ ସ୍ଥାନ ବାଛନ୍ତୁ।
- ନିଜ ରୁଚି ହିସାବରେ ବିଷୟ ଚୟନ କରନ୍ତୁ।
- କୌଣସି ନୂଆ ଚିନ୍ତାଧାରା ମନକୁ ଆସିଲେ ତୁରନ୍ତୁ ତା'କୁ ଲେଖି ରଖନ୍ତୁ। ଏଭଳି କରିବା ଦ୍ୱାରା ନିଜ ପାଖରେ ସବୁବେଳେ ନୂଆ କଣ୍ଟେଣ୍ଟ ରହିବ।
- ଲେଖା ଆରମ୍ଭ କରିବା ପୂର୍ବରୁ ଏକ ରୂପରେଖ ପ୍ରସ୍ତୁତ କରନ୍ତୁ। ଏହାଦ୍ୱାରା ଲେଖା ଅଧିକ ସ୍ପଷ୍ଟ ଓ ମାର୍ଜିତ ହୋଇପାରିବ।
- ସରଳ ଓ ନିର୍ଭୁଲ ଭାଷାରେ ଲେଖିବାକୁ ଚେଷ୍ଟା କରନ୍ତୁ। ଜଟିଳ ଶବ୍ଦର ବ୍ୟବହାର ଯଥାସମ୍ଭବ କମ୍ କରନ୍ତୁ।
- ବିବିଧ ତଥା ନୂତନ ଶବ୍ଦ ବ୍ୟବହାର ଉପରେ ଗୁରୁତ୍ୱ ଦିଅନ୍ତୁ।
- ନିଜ ଲେଖାକୁ ପରିବାର ତଥା ସାଙ୍ଗସାଥୀଙ୍କ ସହ ସେୟାର୍ କରି ମତାମତ ନିଅନ୍ତୁ।



## ଟ୍ରେଣ୍ଡରେ ଥ୍ରୀଡି-କ୍ୟାରିକେଚର ଫଟୋ

**ସାମାଜିକ ଗଣମାଧ୍ୟମରେ ଏବେ ଏକ ନୂଆ ଭିଜୁଆଲ ଟ୍ରେଣ୍ଡ ଭାଇରାଲ ହେଉଛି। ଏଥିରେ ଲୋକମାନେ ନିଜ ସାଧାରଣ ଫଟୋକୁ କାର୍ଟୁନ ଭଳି ଥ୍ରୀଡି କ୍ୟାରିକେଚର ଫଟୋରେ ରୂପାନ୍ତରିତ କରୁଛନ୍ତି। ଏହି ଫଟୋରେ ମୁହଁ ଟିକେ ବଡ଼, ହାବଭାବ ଅଧିକ ଦେଖାଯିବା ସହିତ ପୂରା ଫଟୋରେ ଏକ ଗ୍ଲସି ଥ୍ରୀଡି ଲୁକ୍ ଦେଖିବାକୁ ମିଳୁଛି। ଏହି ଟ୍ରେଣ୍ଡ ବିଶେଷକରି ଇନଷ୍ଟାଗ୍ରାମ ଏବଂ ଏକ୍ସରେ ଅଧିକ ଭାଇରାଲ ହେଉଛି। ଏହାର ସବୁଠୁ ବଡ଼ କାରଣ ହେଉଛି ଗୁଗଲର ନୂଆ ମଡେଲ ଜେମିନି ନାନୋବାନାନା ପ୍ରୋ। ଏଥିରେ ପ୍ରମ୍ପ୍ଟ ଲେଖିବା ପରେ ଯେକୌଣସି ଫଟୋ ଥ୍ରୀଡି ଷ୍ଟାଇଲରେ ରୂପାନ୍ତରିତ ହେଉଛି।**



କିଛି ଏଆଇ କ୍ରିଏଟର ନିଜର ଏଡିଟ୍ ହୋଇଥିବା ଫଟୋକୁ ଅନଲାଇନ୍‌ରେ ସେୟାର କରିବା ପରେ ଏହି ଥ୍ରୀଡି କ୍ୟାରିକେଚର ଷ୍ଟାଇଲ ଲୋକଙ୍କ ଦୃଷ୍ଟିଆକର୍ଷଣ କଲା। ଏହା ପରେ ଅନେକ କ୍ରିଏଟର ସେଲିବ୍ରିଟିଙ୍କ ଫଟୋ ମଧ୍ୟ ଏଡିଟ୍ କରିବା ଆରମ୍ଭ କଲେ। ସେହିପରି ଅଲଗା ଅଲଗା ଲାଇଟିଂ, ଫନି ଏକ୍ସପ୍ରେସନ, ଷ୍ଟାଇଲ ପୋଜ ସହିତ କ୍ୟାରିକେଚର ଫଟୋ ସେୟାର୍ କରାଯିବାରୁ ଲୋକେ ଏହାକୁ ଅଧିକ ଆପଣାଇବା ଆରମ୍ଭ କଲେ। ଏହି ଷ୍ଟାଇଲ ମଜାଦାର ଓ ନିଆରା ଲାଗୁଥିବାରୁ ଲୋକେ ଏହାକୁ ବେଶି ପସନ୍ଦ କରୁଛନ୍ତି। ଅନ୍ୟପଟେ ଏହି ଫଟୋକୁ ପ୍ରୋଫାଇଲ ପିକଚର, ରିଆକସନ ଇମେଜ, ଥମ୍ବନେଲ ଏବଂ ସର୍ଟ ଭିଡିଓ କଣ୍ଟେଣ୍ଟ ପାଇଁ ଖୁବ୍ ବ୍ୟବହାର କରାଯାଉଛି। ବ୍ୟବହାରକାରୀ ଏହାକୁ ସହଜରେ ବ୍ୟବହାର କରିପାରୁଛନ୍ତି।

### ୬ ଦିନ ପରେ ବାରବାଟୀ ମୁକାବିଲା

# ଆଜି ଟିକଟ କିଣିବେ ଅନୁବନ୍ଧିତ ୟୁନିଟ



କଟକ,୨।୧୨(ସମିସ): ଭାରତ-ଦକ୍ଷିଣଆଫ୍ରିକା ଟି-୨୦କୁ ଆଉ ୬ଦିନ ବାକି। ଏଥି ପାଇଁ ଓସିଏର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସହ ଅନୁବନ୍ଧିତ ୟୁନିଟଗୁଡିକ ବୁଧବାର ଟିକଟ କିଣିବେ। ବାରବାଟୀ ଷ୍ଟାଡିୟମ ପରିସରକୁ କଡା ସୁରକ୍ଷାବଳୟ ଭିତରକୁ ନିଆଯାଇଥିବା ବେଳେ ଓସିଏ ସମ୍ମିଳନୀ କକ୍ଷରେ ଟିକଟ ବିକ୍ରି ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଥର ଟିକଟ ବିକ୍ରି କରିବ। ଅନୁବନ୍ଧିତ ୟୁନିଟ ସଂଖ୍ୟା ୭୩ ଥିବା ବେଳେ ଓସିଏ କାର୍ଯ୍ୟାଳୟ ସଦସ୍ୟ ଟିକଟ କ୍ରୟରେ ସାମିଲ ହେବେ। ମୋଟ ୧୧ହଜାର ଟିକଟ ବୁଧବାର ବିକ୍ରି କରାଯିବ। ଅନ୍ୟପକ୍ଷରେ କିଛି କ୍ଲବ ସଦସ୍ୟଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ବିକ୍ରି ନିମନ୍ତେ ନିର୍ଦ୍ଧାରଣ ହୋଇଥିବା ମୋଟ୍ ଟିକଟ ଭିତରୁ ଓସିଏ ଗ୍ୟାଲେରୀ ଟିକଟ୍ ସଂଖ୍ୟାକୁ ପୂର୍ବାପେକ୍ଷା କମାଇ ଦେଇଥିବାରୁ କ୍ଲବ ସଦସ୍ୟ ଅସନ୍ତୋଷ ଜାହିର କରିଛନ୍ତି। ଅପରପକ୍ଷରେ ମଙ୍ଗଳବାରଠାରୁ ବାରବାଟୀର ସମସ୍ତ ଫ୍ଲଡ ଲାଇଟ୍ ଗୁଡିକ ପରୀକ୍ଷା କରାଯାଉଥିବା ନେଇ ସୂଚନା ମିଳିଛି। ଫ୍ଲଡ୍‌ଲାଇଟ୍ ତ୍ରୁଟିକୁ ଏଡାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେୟାର ବ୍ୟବହାର କରାଯିବ। ବାରବାଟୀରେ ଫ୍ଲଡଲାଇଟ୍ ସଂଖ୍ୟା ୮। ପ୍ରତ୍ୟେକ ଖୁଣ୍ଟିରେ ୪୮ଟି ଲାଇଟ୍‌କୁ ମିଶାଇ ସମୁଦାୟ ୩୮୪ଟି ଯାକ ଲାଇଟ୍‌କୁ ଏବେ ଯାଞ୍ଚ କରାଯାଉଛି। ତେବେ ପ୍ରତ୍ୟେକ ଖୁଣ୍ଟିକୁ ସଫ୍ଟୱେୟାର ଜରିଆରେ ମନିଟରିଂ କରାଯିବ ବୋଲି ପୂର୍ବରୁ ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ସଫ୍ଟୱେୟାର ବ୍ୟବହାର ଦ୍ୱାରା ଯେକୌଣସି ସ୍ଥାନରେ ତ୍ରୁଟି ରହିଥିବ ତାହାର ସୂଚନା ଆଗୁଆ ମିଳିପାରିବ। ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଦ୍ୱାରା ସଫ୍ଟୱେୟାର ମନିଟରିଂ ପ୍ରକ୍ରିୟା ଖୁବଶୀଘ୍ର କରାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି।

### ଆଇପିଏଲ୍-୧୯ ମିନି ନିଲାମୀ ୧୬ରେ

# ଡୁ ପ୍ଲେସିସ୍‌ଙ୍କ ପରେ ଓହରିଲେ ମ୍ୟାକ୍ସୱେଲ

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି ଡିସେମ୍ବର ୧୬ରେ ଆବୁଧାବିରେ ମିନି ନିଲାମୀ ଅନୁଷ୍ଠିତ ହେବ। ରିପୋର୍ଟ ଅନୁଯାୟୀ, ଏହି ମିନି ନିଲାମୀ ଲାଗି ଦେଶ ବିଦେଶର ମୋଟ୍ ୧,୩୫୫ଜଣ ଖେଳାଳି ନାମ ପଞ୍ଜିକରଣ କରିଛନ୍ତି। ଯେଉଁଥିରେ ୧,୦୬୨ଜଣ ଭାରତୀୟ ଓ ୨୯୩ଜଣ ବିଦେଶୀ ଖେଳାଳି ରହିଛନ୍ତି। ଏଥର ମିନି ନିଲାମୀ ଲାଗି ମୋଟ୍ ୭୭ଟି ସ୍ଥାନ ଫାଙ୍କା ପଡ଼ିଛି। ୧୦ଟି ଯାକ ଫ୍ରାଞ୍ଚାଇଜ ଯଦି ସର୍ବାଧିକ ୩୧ ଜଣିଆ ଦଳ ଚୂଡ଼ାନ୍ତ କରନ୍ତି ତେବେ ଏହି ୭୭ଟି ସ୍ଥାନ ପୂରଣ ହେବ। ଏଥର ମିନି ନିଲାମୀ ଲାଗି ୨ କୋଟି ମୂଳଦର ଥିବା ତାଲିକାରେ ୪୫ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଅପରପକ୍ଷରେ ଦୀର୍ଘ ୧୩ ବର୍ଷ ପରେ ପ୍ରଥମଥର ଲାଗି ଅଷ୍ଟ୍ରେଲୀୟ ବିସ୍ଫୋରକ ବ୍ୟାଟର୍ ଗ୍ଲେନ ମ୍ୟାକ୍ସୱେଲଙ୍କୁ ଆଇପିଏଲ୍‌ରେ ଦେଖିବାକୁ ମିଳିବନି। ୩୭ ବର୍ଷୀୟ ମ୍ୟାକ୍ସୱେଲ ଏଥର ଆଇପିଏଲ୍ ନ ଖେଳିବା ଲାଗି ନିଷ୍ପତ୍ତି ନେଇ ନାମ ପଞ୍ଜୀକରଣ କରି ନ ଥିଲେ।

### ଜୁନିଅର ପୁରୁଷ ହକି ବିଶ୍ୱକପ୍

# ହ୍ୟାଟ୍ରିକ ବିଜୟ ସହ କ୍ୱାର୍ଟରରେ ଭାରତ

ଚେନ୍ନଇ, ୨।୧୨ (ଏଜେନ୍ସି): ହ୍ୟାଟ୍ରିକ ବିଜୟ ସହ ଆୟୋଜକ ଭାରତ ଏଠାରେ ଚାଲିଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍-ବି'ରେ ସ୍ଥାନ ପାଇଥିବା ଭାରତ ମଙ୍ଗଳବାର ଶେଷ ଲିଗ୍ ମ୍ୟାଚରେ ସୁଇଜରଲାଣ୍ଡକୁ ୫-୦ ଗୋଲ୍‌ରେ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଶାରଦାନନ୍ଦ ତିୱାରୀ ଓ ମନମିତ୍ ସିଂହ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଚିଲି ଓ ଓମାନକୁ ହରାଇଥିବା ଭାରତ ୯ ପଏଣ୍ଟ ପାଇ ଏହି ପୁଲ୍‌ରେ ଶୀର୍ଷରେ ରହିଛି। ଅପରପକ୍ଷରେ ନେଦରଲାଣ୍ଡସ ଓ ସ୍ପେନ ମଧ୍ୟ ହ୍ୟାଟ୍ରିକ ବିଜୟ ସହ କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଛନ୍ତି। ଡିସେମ୍ବର ୪ ତାରିଖରୁ କ୍ୱାର୍ଟର ଫାଇନାଲ ଆରମ୍ଭ ହେବ। ପୁଲ୍-ଡି'ରେ ସ୍ଥାନ ପାଇଥିବା ସ୍ପେନ ଶେଷ ମ୍ୟାଚରେ ୧୩-୦ ଗୋଲ୍‌ରେ ନାମିବ୍ୟାକୁ ହରାଇ ହ୍ୟାଟ୍ରିକ ବିଜୟ ଲାଭ କରିଥିଲା।

### କୁଚ୍‌ବିହାର ଟ୍ରଫି

# ନିଶୁ, ଆଦିତ୍ୟଙ୍କ ଶତକ

ଭୁବନେଶ୍ୱର, ୨।୧୨(ସମିସ): କାଶିପୁରଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫିରେ ଆୟୋଜକ ଉତ୍ତରାଖଣ୍ଡର ନିଶୁ ପଟେଲ ଓ ଆଦିତ୍ୟ ନାଥାନି ଶତକ ହାସଲ କରିଛନ୍ତି। ଏହା ଫଳରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଉତ୍ତରାଖଣ୍ଡ ପ୍ରଥମ ଇନିଂସରେ ୮ ୱିକେଟରେ ୪୮୦ ରନ୍ କରି ବୃହତ୍ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଦଳ ପକ୍ଷରୁ ନିଶୁ ପଟେଲ ୧୬୧ ରନ୍‌ରେ ଅପରାଜିତ ରହିଥିଲାବେଳେ ଆଦିତ୍ୟ ନାଥାନି ୧୦୪ ରନ୍‌ରେ ଆଉଟ ହୋଇଛନ୍ତି। ଓଡ଼ିଶା ପକ୍ଷରୁ ସମ୍ବିତ ବେଜା ୪ଟି ଓ ପ୍ରିୟାଂଶୁ ମହାନ୍ତି ୨ଟି ୱିକେଟ ନେବାରେ ସମର୍ଥ ହୋଇଛନ୍ତି।

### ଦ୍ୱିତୀୟ ଦିନିକିଆରେ ବଭୁମା, ମହାରାଜ ଖେଳିବା ସମ୍ଭାବନା

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ରାୟପୁର,୨।୧୨(ଏଜେନ୍ସି)





ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଏଠାରେ ଆସନ୍ତାକାଲି ଖେଳାଯିବ। ଏହା ପୂର୍ବରୁ ରାଞ୍ଚିରେ ଖେଳାଯାଇଥିବା ରୋମାଞ୍ଚକ ପ୍ରଥମ ଦିନିକିଆ ମୁକାବିଲାରେ ଭାରତ ମାତ୍ର ୧୨ ରନ୍‌ରେ ଭ୍ରମଣକାରୀ ଦଳକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୧-୦ରେ ଆଗୁଆ ରହିଛି। ଆସନ୍ତାକାଲି ଖେଳାଯିବାକୁ ଥିବା ଏହି ମୁକାବିଲାରେ ବିଜୟ ହାସଲ କରି ଭାରତ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ କବ୍‌ଜା ଲକ୍ଷ୍ୟରେ ରହିଛି। ଅନ୍ୟ ପକ୍ଷରେ ଦକ୍ଷିଣ ଆଫ୍ରିକା ଭାରତର ଏହି ଲକ୍ଷ୍ୟକୁ ପରାହତ କରି ସିରିଜ୍‌କୁ ବରାବର ସ୍ଥିତିକୁ ଆଣିବା ଲାଗି ଜୋର୍‌ଦାର ଉଦ୍ୟମ କରିବ ବୋଲି ଅଭ୍ୟାସରୁ ସ୍ପଷ୍ଟ ହୋଇଛି। ଟେଷ୍ଟ ସିରିଜ୍‌କୁ ୦-୨ ମୁକାବିଲାରେ ହାରିଯିବା ପରେ ଭ୍ରମଣକାରୀ ଦଳ ଯେଉଁ ମନୋବଳ ବୃଦ୍ଧି କରିଥିଲା ତାହା ରାଞ୍ଚିରେ ପ୍ରଥମ ଧକ୍କା ଲାଗିଥିଲା। ଏବେ ଉଭୟ ଦଳ ସମାନସ୍ଥିତିରେ ଥିଲାବେଳେ ରାୟପୁରରେ ଯେ ଆଉ ଏକ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିବ ଏହା ନିଃସନ୍ଦେହରେ କୁହାଯାଇପାରେ। କିନ୍ତୁ ଭାରତୀୟ ଦଳରେ ଦୁଇ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଥିବାରୁ ଘରୋଇ ଦଳ ଆତ୍ମବିଶ୍ୱାସର ସହ ଅବଶିଷ୍ଟ ମ୍ୟାଚ୍‌ରେ ମୁକାବିଲା କରିବ ବୋଲି ସ୍ପଷ୍ଟ ହୋଇଛି। କ୍ରମାଗତ ୧୯ଟି ଟସ୍ ହାରିଥିଲେ ମଧ୍ୟ ଭାରତ ଉପରେ ତାହାର କୌଣସି ପ୍ରଭାବ ପଡ଼ିନାହିଁ। ଘରୋଇ ଦଳ ୨୦୨୫ରେ ୧୨ଟି ମ୍ୟାଚ୍ ଖେଳି ୧୦ଟିରେ ଜିତିଥିଲାବେଳେ ୨ଟିରେ ପରାଜିତ ହୋଇଛି। ରାଞ୍ଚିରେ ଏହାର ପ୍ରମାଣ ମିଳିଛି। ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଭାରତ ୮ ୱିକେଟରେ ୩୪୯ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଓଭରରେ ଦୁଇ ଟପ୍ ଅର୍ଡର ଓ ୧୫ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ମଧ୍ୟ ପାୱାର ହିଟରଙ୍କ ସହାୟତାରେ ଦଳ ବିଜୟର ନିକଟବର୍ତ୍ତୀ ହୋଇପାରିଥିଲା। ଏଭଳି ଖେଳ ଶେଷ ଦୁଇଟି ଦିନିକିଆ ଓ ଏହା ପରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ରେ ମଧ୍ୟ ଦେଖିବାକୁ ମିଳିବ। ଏଣୁ ଆସନ୍ତାକାଲି ଆଉ ଏକ ଧମାକାଦାର ମୁକାବିଲା ହେବାର ଯଥେଷ୍ଟ ସମ୍ଭାବନା ରହିଛି।

#### ସମ୍ଭାବ୍ୟ ଖେଳାଳି ଦଳ

**ଭାରତ** : ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ବିରାଟ କୋହଲି, ଋତୁରାଜ ଗାଏକ୍ୱାଡ୍/ ଋଷଭ ପନ୍ତ, ଲୋକେଶ ରାହୁଲ, ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ହର୍ଷିତ ରାଣା, କୁଲଦୀପ ଯାଦବ, ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣା। ବେଞ୍ଚ୍- ଧ୍ରୁବ ଜୁରେଲ, ନୀତୀଶ ରେଡ୍ଡୀ ଓ ତିଳକ ବର୍ମା।

**ଦକ୍ଷିଣ ଆଫ୍ରିକା** : ଆଇଡେନ୍ ମାରକ୍ରମ, କ୍ୱିଣ୍ଟନ ଡି କକ୍/ ରିୟାନ ରିକେଲଟନ, ତେମ୍ବା ବଭୁମା (ଅଧିନାୟକ), ମାଥ୍ୟୁ ବ୍ରିଜ୍‌କେ, ଟୋନି ଡି ଜୋର୍ଜି, ଡିୱାଲ୍ଡ ବ୍ରେଭିସ୍, ମାର୍କୋ ଜାନ୍‌ସେନ, କର୍ବିନ ବୋଷ୍ଟ, କେଶବ ମହାରାଜ, ନାନ୍ଦ୍ରେ ବର୍ଗର, ଓଟ୍ନିଲ ବାର୍ଟମ୍ୟାନ୍। ବେଞ୍ଚ୍- ରୁବିନ୍ ହର୍ମନ, ଲୁଙ୍ଗି ଏନ୍‌ଗିଡି, ପ୍ରେନ୍‌ଲାନ ସୁବ୍ରାୟେନ୍।

**ଖେଳ ଆରମ୍ଭ : ଦିନ ୧ଟା ୩୦**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**


### ବିଜୟ ହଜାରେ ଟ୍ରଫି ଖେଳିବେ କୋହଲି

ଦୀର୍ଘବର୍ଷ ପରେ ବିରାଟ କୋହଲି ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଖେଳିବାକୁ ସମ୍ମତି ପ୍ରକାଶ କରିଛନ୍ତି। ସେ ତାଙ୍କ ଘରୋଇ ଟିମ୍ ଦିଲ୍ଲୀ ପକ୍ଷରୁ ଖେଳିବେ ବୋଲି ଦିଲ୍ଲୀ ଜିଲ୍ଲା କ୍ରିକେଟ ସଂଘ ସମ୍ପାଦକ ଅଶୋକ ଶର୍ମା କହିଛନ୍ତି। ଡିସେମ୍ବର ୨୪ରୁ ବେଙ୍ଗାଲୁରୁରେ ଦିଲ୍ଲୀ ଏହି ଟୁର୍ଣ୍ଣାମେଣ୍ଟ ଖେଳିବ। କୋହଲି ଦିଲ୍ଲୀ ପକ୍ଷରୁ କେତୋଟି ମ୍ୟାଚ୍ ଖେଳିବେ ତାହା ଜଣାପଡ଼ିନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ଡିସେମ୍ବର ୬ରେ ଶେଷ ହେବ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଜାନୁଆରୀ ୮ରୁ ଆରମ୍ଭ ହେବ। ଏହା ମଧ୍ୟରେ କୋହଲି କେତୋଟି ମ୍ୟାଚ୍ ଖେଳିବେ ତାହା ସେ କିମ୍ବା ବିସିସିଆଇ ନିଷ୍ପତ୍ତି ନେବ ବୋଲି ଶର୍ମା କହିଛନ୍ତି। ଘରୋଇ କ୍ରିକେଟ ଖେଳିବାକୁ ସମସ୍ତ ଚୁକ୍ତିଭିତ୍ତିକ ଖେଳାଳିଙ୍କ ଲାଗି ବିସିସିଆଇ ବାଧ୍ୟତାମୂଳକ କରିବା ପରେ କୋହଲି ଏପରି ନିଷ୍ପତ୍ତି ନେଇଛନ୍ତି। କୋହଲି ଘରୋଇ ଦିନିକିଆ କ୍ରିକେଟ ସେପ୍ଟେମ୍ବର ୨୦୧୩ ଏନ୍‌କେପି ସାଲଭେ ଚ୍ୟାଲେଞ୍ଜର ଟ୍ରଫିରେ ଓ ଦିଲ୍ଲୀ ପକ୍ଷରୁ ୨୦୦୯-୧୦ ବିଜୟ ହଜାରେ ଟ୍ରଫିରେ ଖେଳିଥିଲେ।

### ହେଡ୍ କୋଚ୍ ଗମ୍ଭୀରଙ୍କୁ ଅଣଦେଖା

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ଲାଗି ଭାରତର ଦୁଇ ବରିଷ୍ଠ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଆଜି ରାୟପୁରର ଫ୍ଲଡ୍‌ଲାଇଟ୍‌ରେ ଜୋରଦାର ଅଭ୍ୟାସ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ରୋହିତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ କୋହଲି ଶତକ ହାସଲ କରି ମ୍ୟାଚ୍ ଜିତାଇବା ପରେ ଦଳରେ ତାଙ୍କ ଉପସ୍ଥିତିକୁ ନେଇ ହେଉଥିବା ସମାଲୋଚନାକୁ ବନ୍ଦ କରିଦେଇଛନ୍ତି। ଏହା ସତ୍ତ୍ୱେ ସେମାନେ ଯୁବ ଖେଳାଳିଙ୍କ ଭଳି ଅଭ୍ୟାସ କରିବା ସମସ୍ତଙ୍କୁ ଚକିତ କରିଛି। ଥ୍ରୋୟର ଓ ଦୁଇ ବ୍ୟାଟରଙ୍କ ଅଭ୍ୟାସକୁ ହେଡ୍ କୋଚ୍ ଗୌତମ ଗମ୍ଭୀର ପାଭିଲିୟନର ପ୍ରବେଶ ଦ୍ୱାର ନିକଟରେ ଦୀର୍ଘ ସମୟ ଦେଖୁଥିଲେ। ଅଭ୍ୟାସ ପରେ କୋହଲି ଦୁଇ ବ୍ୟାଟକୁ କାନ୍ଧରେ ପକାଇ ସେହିବାଟ ଦେଇ ଯାଇଥିଲେ ମଧ୍ୟ ଗମ୍ଭୀରଙ୍କୁ ଟିକେ ଅନାଇ ନ ଥିଲେ। ଏହା ସମସ୍ତଙ୍କ ନଜରକୁ ଆସିଥିଲା। କୋହଲିଙ୍କ ପରେ ରୋହିତ ସେହି ବାଟ ଦେଇ ଯିବାବେଳେ ଗମ୍ଭୀରଙ୍କ ନିକଟରେ ଛିଡା ହୋଇ ଦୁଇ ପଦ କଥା ହୋଇ ଚାଲିଯାଇଥିଲେ। ଏହି ଘଟଣାକୁ ନେଇ ଢ଼େର ଆଲୋଚନା ହେଉଛି।

# ସୂର୍ଯ୍ୟବଂଶୀଙ୍କ ରେକର୍ଡ



ନୂଆଦିଲ୍ଲୀ,୨।୧୨(ଏଜେନ୍ସି): ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ ଇତିହାସରେ ବିହାରର ବୈଭବ ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ମଙ୍ଗଳବାର ବୈଭବ ମହାରାଷ୍ଟ୍ର ବିପକ୍ଷରେ ୬୧ ବଲରେ ୧୦୮ ରନ କରିଥିଲେ। ୧୪ ବର୍ଷ ଓ ୨୫୦ ଦିନରେ ବୈଭବ ଏହି ଶତକ ମାରିଛନ୍ତି। ତେବେ ପୃଥ୍ୱୀ ଶ' (୩୦ ବଲରେ ୬୬ ରନ)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ମହାରାଷ୍ଟ୍ର ଏହି ମ୍ୟାଚକୁ ଜିତିନେଇଥିଲା।

● **ପାଣ୍ଡ୍ୟାଙ୍କ ସଫଳ ପ୍ରତ୍ୟାବର୍ତ୍ତନ**

ଆହତ ସମସ୍ୟାରୁ ମୁକୁଳି ଥିବା ହାର୍ଦ୍ଦିକ ପାଣ୍ଡ୍ୟା ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିଛନ୍ତି। ନିଜ ଘରୋଇ ରାଜ୍ୟ ବରୋଦା ପକ୍ଷରୁ ଖେଳି ପାଣ୍ଡ୍ୟା ୪୨ ବଲରେ ୭୭ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଫଳରେ ବରୋଦା ୭ ୱିକେଟରେ ପଞ୍ଜାବକୁ ମାତ୍ ଦେଇଛି। ପାଣ୍ଡ୍ୟା ଏବେ ଟି-୨୦ ସିରିଜ ଲାଗି ଦାବି ଉପସ୍ଥାପନା କରିଛନ୍ତି।

**ତ୍ରିପୁରାର ଐତିହାସିକ ବିଜୟ** : ସୟଦ ମୁସ୍ତାକ ଅଲି ଟ୍ରଫିର ଏକ ମ୍ୟାଚରେ ଦୁର୍ବଳ ତ୍ରିପୁରା ୧୨ ରନରେ ନୀତୀଶ ରାଣାଙ୍କ ଦିଲ୍ଲୀ ଦଳକୁ ପରାସ୍ତ କରିଛି। ଫଳରେ ଭାରତୀୟ ଘରୋଇ କ୍ରିକେଟ୍‌ର ଯେକୌଣସି ଫର୍ମାଟ୍‌ରେ ତ୍ରିପୁରା ପ୍ରଥମଥର ଲାଗି ଦିଲ୍ଲୀକୁ ହରାଇବାର ସୌଭାଗ୍ୟ ଲାଭ କରିଛି।

**ଅର୍ଜୁନଙ୍କ ଅଲ୍‌ରାଉଣ୍ଡ ସଫଳତା** : ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଅଲ୍‌ରାଉଣ୍ଡର ପ୍ରଦର୍ଶନ କରି ନିଜ ଦଳ ଗୋଆକୁ ବିଜୟୀ କରାଇଛନ୍ତି। ୩ଟି ୱିକେଟ୍ ନେଇଥିବା ଅର୍ଜୁନ ଓପନିଂ କରିବାକୁ ଆସି ୧୦ ବଲ୍‌ରେ ୧୬ ରନ କରିଥିଲେ।

### ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ

# ପ୍ରି-କ୍ୱାର୍ଟରରେ ତନ୍‌ଭି ପତ୍ରୀ

ଭୁବନେଶ୍ୱର,୨।୧୨(ସମିସ): ଓଡ଼ିଆ ଖେଳାଳି ତଥା ଟାଇଟଲ ଆଶାୟୀ ତନ୍‌ଭି ପତ୍ରୀ ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା 'ଦ ସଟଲ'ରେ ଚାଲିଥିବା ୩୭ତମ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୧୫ ବର୍ଷରୁ କମ୍ ବାଳିକା ବିଭାଗ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ସେ ୨୧-୧୧, ୨୧-୧୧ ସେଟ୍‌ରେ ଗୁଜରାଟର ଅନଭି ପଟେଲଙ୍କୁ ହରାଇ ଏହି ସଫଳତା ହାସଲ କରିଛନ୍ତି। କର୍ଣ୍ଣାଟକର ସାଇନା ମଣିମୁଥୁ, ତାମିଲନାଡୁର ଜିଏସ୍ ଅନୁଶ୍ରୀ, ହିମାଚଳ ପ୍ରଦେଶର ତାଶଭି ଗୁପ୍ତା, ରାଜସ୍ଥାନର ଅନଭି ରାଠୋର ଓ ତେଲଙ୍ଗାନାର ହମଦସିନୀ ଚନ୍ଦରମ୍ ମଧ୍ୟ ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ ରଖିଛନ୍ତି।

ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବାପୁନ ରାଉତ ୨-୧ ସେଟ୍‌ରେ ରାଜସ୍ଥାନର ଅଂଶୁମାନ ଚୌଧୁରୀଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଏହି ବିଭାଗରେ ଟପ୍ ସିଡ ଜଗଶେର ସିଂହ ଖାଙ୍ଗୁରା, ଦିଲ୍ଲୀର ଇଆନ ଚୋପ୍ରା, ଆସାମର ବର୍ଣ୍ଣିଲ ଆକାଶ, ଏମ୍‌ପିର ସୌର୍ଯ୍ୟ ମିଶ୍ର ଓ ୟୁପିର ସାର୍ଥକ ସୋମ ରାଉଣ୍ଡ ୩୨ରେ ପ୍ରବେଶ କରିଛନ୍ତି। ୧୫ ବର୍ଷରୁ କମ୍ ବାଳକ ବିଭାଗରେ ପଞ୍ଜାବର ୱାଜିର ସିଂହ, ଦିଲ୍ଲୀର ସଞ୍ଚିତ ଜାଙ୍ଗ୍‌ରା, ମହାରାଷ୍ଟ୍ରର ଏମ୍ ଭୁତକି, ତେଲଙ୍ଗାନାର ଶ୍ରୀଚୈତନ ସୌର୍ଯ୍ୟ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ବିପିନା ମେମୋରିଆଲ କ୍ରିକେଟ

# ଦାରୁଠେଙ୍ଗଗଡ଼ ଚାମ୍ପିଅନ



ଭୁବନେଶ୍ୱର,୨।୧୨(ସମିସ): ଦାରୁଠେଙ୍ଗଗଡ କ୍ରିକେଟ ଟିମ୍ ପ୍ରଥମ ବିପିନା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ଦଳ ୫ ୱିକେଟରେ ବମ୍ଫକୁଦ କ୍ରିକେଟ ଟିମ୍‌କୁ ପରାସ୍ତ କରିଥିଲା। ଗଡସାହିର ଏରାଇଜ୍ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଅନ୍ଧାରୁଆର ଜଗନ୍ନାଥପ୍ରସାଦ କ୍ରିକେଟ ଷ୍ଟାଡିୟମ୍‌ରେ ୧୬ଟି ଦଳକୁ ନେଇ ୧୬ ଦିନ ଧରି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଫାଇନାଲରେ ୧୭ ରନ୍ ଦେଇ ୩ଟି ୱିକେଟ ନେଇଥିବା ବିଜୟୀ ଦାରୁଠେଙ୍ଗଗଡର ଚପି ଓ ଟୁର୍ଣ୍ଣାମେଣ୍ଟରେ ୧୩୬ ରନ୍ କରିବା ସହ ୫ଟି ୱିକେଟ ଓ ୫ଟି କ୍ୟାଚ୍ ନେଇଥିବା କହ୍ନେଇଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଚାମ୍ପିଅନ ଦଳକୁ ଟ୍ରଫି ସହ ୨୫,୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଖେଳ ଶେଷରେ ଭୁବନେଶ୍ୱର କ୍ଲବ୍ ଭାଇସ୍ ଚେୟାରମ୍ୟାନ୍ ଅଜିତ ଶ୍ରୀଚନ୍ଦନ, ଦାରୁଠେଙ୍ଗ ସରପଞ୍ଚ ତପନ ଚକ୍ରବର୍ତ୍ତୀ, ଅନ୍ଧାରୁଆ ସରପଞ୍ଚ ସ୍ୱର୍ଣ୍ଣଲତା ବଳିୟାର ସିଂ, ଜ୍ଞାନରଞ୍ଜନ ପ୍ରଧାନ, ଚଗଲା ପ୍ରଧାନ ଆଦି ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରାଜା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

### ଜାତୀୟ ଜୁନିଅର ଫୁଟବଲ

# ଓଡ଼ିଶା ମହିଳା ଦଳ ବିଦା

ଭୁବନେଶ୍ୱର,୨।୧୨(ସମିସ): ଜାତୀୟ ଜୁନିଅର ବାଳିକା ଫୁଟବଲ ଚାମ୍ପିଅନସିପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହୋଇଛି ଓଡ଼ିଶା। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଝାଡଖଣ୍ଡ ୨-୦ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ଏହା ଫଳରେ ଓଡ଼ିଶା ଦଳ ଗ୍ରୁପ୍‌ରେ ୩ଟି ମୁକାବିଲାରୁ କ୍ରମାଗତ ପରାଜୟ ସହ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି। ପରାଜୟ ସତ୍ତ୍ୱେ ଓଡ଼ିଶାର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ସୟଦ ମୁସ୍ତାକ ଅଲି ଟି-୨୦

# ଓଡ଼ିଶାକୁ ପ୍ରତୀକ୍ଷିତ ବିଜୟ ଦେଲେ ବିପ୍ଳବ-ରାଜେଶ

ଭୁବନେଶ୍ୱର, ୨।୧୨ (ସମିସ):





ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ ପରାଜୟବରଣ ପରେ ଶେଷରେ ଓଡ଼ିଶା ଦଳ ବିଜୟ ସ୍ୱାଦ ଚାଖିଛି। ମଙ୍ଗଳବାରେ ଲକ୍ଷ୍ନୌ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨୭ ରନରେ ଛତିଶଗଡ଼କୁ ପରାସ୍ତ କରିଛି। ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଅର୍ଦ୍ଧଶତକ ଓ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ୫ ୱିକେଟ୍ ସଫଳତା ଶେଷରେ ଓଡ଼ିଶାକୁ ପ୍ରଥମ ବିଜୟ ଭେଟି ଦେଇଥିଲା। ଏଲିଟ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ୪ ମ୍ୟାଚରୁ ୪ ପଏଣ୍ଟ ସହ ସର୍ବନିମ୍ନ ୮ମ ସ୍ଥାନରେ ରହିଛି। ଓଡ଼ିଶା ପରବର୍ତ୍ତୀ ମ୍ୟାଚରେ ଗୁରୁବାର ରେଳବାଇକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

ଏହି ମ୍ୟାଚରେ ଟସ୍ ଜିତି ଛତିଶଗଡ଼ ଅଧିନାୟକ ଅମନଦୀପ୍ ଖାରେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୩୫ ରନ ମଧ୍ୟରେ ଅଧା ବ୍ୟାଟରଙ୍କୁ ହରାଇ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର୍ ଗୌରବ ଚୌଧୁରୀ (୧୨ ରନ), ସନ୍ଦୀପ ପଟ୍ଟନାୟକ (୦), ଶୁଭ୍ରାଂଶୁ ସେନାପତି (୭), ସମ୍ବିତ ବରାଳ (୬) ଓ ସୌମ୍ୟ ରଞ୍ଜନ ଲେଙ୍କା (୬ ରନ) ନିରାଶ କରିଥିଲେ। ତେବେ ରଣଜୀ ଟ୍ରଫିରେ ଅଣଦେଖାର ଶିକାର ହୋଇଥିବା ବିପ୍ଳବ ଅଧିନାୟକ ପାଳି ଖେଳି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ସେ ୪ଟି ଲେଖାଏ ଚୌକା ଓ ଛକା ବଳରେ ୪୧ ବଲ୍‌ରୁ ୬୧ ରନ କରିବା ଫଳରେ ଓଡ଼ିଶା ୮ ୱିକେଟରେ ୧୩୫ ରନର ସମ୍ମାନଜନକ ସ୍କୋର କରିଥିଲା। ୬ଷ୍ଠ ୱିକେଟ୍ ଭାଗୀଦାରିରେ ସୌମ୍ୟ (୨୭ ରନ)ଙ୍କ ସହ ବିପ୍ଳବ ୭୮ ରନ ସଂଗ୍ରହ କରିଥିଲେ। ପୂର୍ବରୁ ବିପ୍ଳବ କେରଳ ବିପକ୍ଷରେ ମଧ୍ୟ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୧୧ ଓ ରାଜେଶ ମହାନ୍ତି ୧ ରନ କରି ଅପରାଜିତ ରହିଥିଲେ।

ଏହାପରେ ୧୩୬ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଛତିଶଗଡ଼ ରାଜେଶଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨ଟି ବଲ୍ ପୂର୍ବରୁ ୧୦୮ ରନରେ ସୀମିତ ରହିଥିଲା। ୫୦ ରନରେ ୭ ୱିକେଟ୍ ହରାଇଥିବା ଛତିଶଗଡ଼ ପାଇଁ ଅଧିନାୟକ ଅମନଦୀପ୍ ସର୍ବାଧିକ ୪୬ ଓ ସଞ୍ଜିତ ଦେଶାଇ ୩୩ ରନ କରିଥିଲେ। ରାଜେଶ ତାଙ୍କ ୪ ଓଭର ସ୍ପେଲରେ ୨୧ ରନ ବ୍ୟୟ କରି ୫ଟି ୱିକେଟ୍ ନେଇଥିଲେ। ବିପ୍ଳବ ଓ ପ୍ରୟାସ ସିଂଙ୍କୁ ମଧ୍ୟ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଏହି ମ୍ୟାଚରେ ରାଜେଶ ୫ଟି ୱିକେଟ୍ ନେଇ ଛତିଶଗଡ଼ର ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ। ଟି-୨୦ କ୍ୟାରିୟରରେ ଏହା ରାଜେଶଙ୍କର ପ୍ରଥମ ୫ ୱିକେଟ୍ ସଫଳତା। ମ୍ୟାଚ୍ ବିଜୟୀ ବୋଲିଂ ଲାଗି ତାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ଓଡ଼ିଶାର ପୂର୍ବତନ ମହାନ ବୋଲର ବସନ୍ତ ମହାନ୍ତି ବର୍ତ୍ତମାନ ଛତିଶଗଡ଼ ଦଳର ବୋଲିଂ କୋଚ୍ ରହିଛନ୍ତି। ଏହାସତ୍ତ୍ୱେ ରାଜେଶ ଛତିଶଗଡ଼ ବ୍ୟାଟିଂଙ୍କୁ ଧରାଶାୟୀ କରି ବସନ୍ତଙ୍କ ଆଗରେ ଭାରି ପଡ଼ିଥିବା ଚର୍ଚ୍ଚା ହେଉଛି।


ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍

ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS